

ପାକିସ୍ତାନ କୋଚ୍‌ଙ୍କ ସ୍ଥାନ ନେବେ ପାର୍ଥିବ ପଟେଲ
ପୃଷ୍ଠା ୭

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 32 | ISSUE 210 | ଭାଗ ୩୨ | ସଂଖ୍ୟା ୨୧୦
Bhubaneswar | Thursday 24 October 2024 | Page 8 Rs. 4.00
ଭୁବନେଶ୍ୱର | ଗୁରୁବାର ୨୪ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଲୋକ ଆଗ ଶ୍ରେୟ ପଛ
# ବିଶ୍ୱାସ ଓ ଭରସା ଜିତୁଛନ୍ତି ଟିମ୍ ମୋହନ

- ୨ରୁ ୩ ମିଟର ଉଚ୍ଚର ଜୁଆର
- ବନ୍ଦର ପାଇଁ ଜାରି ହେଲା ବିପଦ ସଙ୍କେତ
- ସର୍ବାଧିକ ପ୍ରଭାବିତ ହେବ ୩ ଜିଲ୍ଲା

ମୋହନ ସରକାର ସମୟରେ ଆସିଥିବା ପ୍ରଥମ ବାତ୍ୟା ମୁକାବିଲା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ ଲୋକଙ୍କ ଆଶା ଓ ଭରସା ଜିତିବାରେ ସଫଳ ହୋଇଛନ୍ତି। ଲୋକଙ୍କ ସୁରକ୍ଷା ପାଇଁ ସରକାର ଦିନରାତି ଏକ କରିଥିବା ବେଳେ ଦାୟିତ୍ୱ ବଣ୍ଟନ ଜରିଆରେ ବାତ୍ୟାର ସଫଳ ମୁକାବିଲା ପାଇଁ ଉଦ୍ୟମ ଚାଲିଛି। ପୂର୍ବ ସରକାର ଭଳି ଏକାକୀ ଶ୍ରେୟ ସାଉଣ୍ଟିବାକୁ ପଛରେ ପକାଇ ମୋହନ ଟିମୱାର୍କ ଜରିଆରେ ବାତ୍ୟାକୁ ମୁକାବିଲା କରିବା ସହ ଲୋକଙ୍କୁ ସାହସ ଦେବାରେ ସକ୍ଷମ ହୋଇଛନ୍ତି। ଧର୍ଯ୍ୟର ସହ ବାତ୍ୟାକୁ ଲୋକେ ଯେଭଳି ସାମ୍ନା କରିବାକୁ ସାହସ ପାଇବେ ସେଥିପାଇଁ ୯ ମନ୍ତ୍ରୀ, ୬ ବରିଷ୍ଠ ଆଇଏଏସଙ୍କୁ ଜିଲ୍ଲାକୁ ପଠାଇଥିବା ବେଳେ ସବୁ ମନ୍ତ୍ରୀ ଓ ବିଧାୟକଙ୍କୁ ଲୋକଙ୍କ ପାଖରେ ଛିଡା ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ): ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହବା ପରେ ବୁଧବାର ବାତ୍ୟାର ରୂପ ନେଇଛି। ବୁଧବାର ରାତି ସୁଦ୍ଧା ବାତ୍ୟା ଦାନା ପାରାଦ୍ୱୀପ ଠାରୁ ୪୨୦ କିମି ଦୂର ଓ ଧାମରା ଠାରୁ ୪୪୦ କିମି ଦୂରରେ ରହିଛି। ଘଣ୍ଟାକୁ ପ୍ରାୟ ୧୨ କିମି ବେଗରେ ଉପକୂଳମୁହାଁ ହେଉଛି। ଦାନା ଗୁରୁବାର ସକାଳ ସୁଦ୍ଧା ସିଭିୟର ସାଇକ୍ଲୋନିକ ଷ୍ଟର୍ମ ବା ଅତି ଭୀଷଣ ବାତ୍ୟାର ରୂପ ନେଇ ଉପକୂଳ ନିକଟତର ହେବା ସହିତ ୨୪ ମଧ୍ୟ ରାତି ଓ ୨୫ ତାରିଖ ସକାଳ ସୁଦ୍ଧା କେନ୍ଦ୍ରାପଡାର ଭିତରକନିକା ଓ ଭଦ୍ରକର ଧାମରା ମଧ୍ୟରେ ଲ୍ୟାଣ୍ଡଫଲ କରିବ। ଏହି ସମୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହିତ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୧୦ ଓ ସର୍ବାଧିକ ୧୨୦ କିମି ପର୍ଯ୍ୟନ୍ତ ରହିବ। ଦାନାର ପାର୍ଶ୍ୱ ବଳୟ ପ୍ରଭାବ ଉପକୂଳରେ ପଡ଼ିବାରେ ➪ପୃଷ୍ଠା-୬



ଆଜି ନେବ ଅତି ଭୀଷଣ ରୂପ

## ଜାରିହେଲା ହେଲ୍ପଲାଇନ୍

'ଦାନା'କୁ ନଜରରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ୧୫ ଜିଲ୍ଲାର ଲୋକଙ୍କୁ ସହାୟତା କରିବା ପାଇଁ ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କରିବା ପାଇଁ କଣ୍ଟ୍ରୋଲ୍ ରୁମ୍ ମଧ୍ୟ ବ୍ୟବସ୍ଥା କରାଯାଇଛି। ଟୋଲ୍ ଫ୍ରି ନମ୍ବର ୧୦୭୭ ରଖାଯାଇଛି। ଏଥିସହିତ ପ୍ରତ୍ୟେକ ଜିଲ୍ଲାର ନିଜସ୍ୱ କଣ୍ଟ୍ରୋଲ୍ ରୁମ୍ ନମ୍ବର ଜାରି ହୋଇଛି। ବାଲେଶ୍ୱର ଜିଲ୍ଲା ପାଇଁ କଣ୍ଟ୍ରୋଲ୍ ରୁମ୍ - ୦୬୭୮୨-୨୬୨୨୮୬, ୦୬୭୮୨-୨୬୧୦୭୭, ମୟୂରଭଞ୍ଜ ପାଇଁ କଣ୍ଟ୍ରୋଲ୍ ରୁମ୍- ୦୬୭୯୨-୨୫୨୭୫୯, ୨୫୨୯୪୧, ଭଦ୍ରକ ପାଇଁ କଣ୍ଟ୍ରୋଲ୍ ରୁମ୍ - ୦୬୭୮୪- ୨୫୧୮୮୧, ଯାଜପୁର ପାଇଁ ➪ପୃଷ୍ଠା-୬

## ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ସରକାର ପ୍ରସ୍ତୁତ, ଆପଣ ସୁରକ୍ଷିତ



- ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ
- ଗୁରୁବାର ଦିନ ୧୧ଟା ସୁଦ୍ଧା ୯୦ % ସ୍ଥାନାନ୍ତର

ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ): କୌଣସି ପରିସ୍ଥିତିରେ ଭୟଭୀତ ବା ଆତଙ୍କିତ ହୁଅନ୍ତୁ ନାହିଁ। ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶ୍ୱାସନା ଦେଇଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟରେ ବାତ୍ୟା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିବା ପରେ ଗଣମାଧ୍ୟମ ନିକଟରେ ନିଜର ବିବୃତି ରଖି, ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କୌଣସି ପରିସ୍ଥିତିରେ ଭୟଭୀତ ବା ➪ପୃଷ୍ଠା-୬

## ବିଜେପି ଜାରିକଲା ହେଲ୍ପଲାଇନ୍ ନମ୍ବର

ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ): ବାତ୍ୟା ପାଇଁ ବିଜେପିଙ୍କ ପକ୍ଷରୁ ଏକ ହେଲପ ଲାଇନ ନମ୍ବର ୦୬୭୪-୨୩୯୩୯୮୪ ଜାରି ହୋଇଛି। ବାତ୍ୟା ସରିବା ପରେ ମଧ୍ୟ ଯେଉଁ ପର୍ଯ୍ୟନ୍ତ ଏହାର ଆବଶ୍ୟକ ଥିବ ଏହି ଏହି ନମ୍ବର କାମ କରିବ। ଆଜି ଏହି ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନ ମୋହନ ସାମଲ।ସେ କହିଛନ୍ତି, ସରକାର ସବୁପ୍ରକାର ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି। ସରକାର ଏକ ସତର୍କ ଆପ୍ କରିଛନ୍ତି। ଓସ୍‌ଡମା ପକ୍ଷରୁ ଏହି ଆପ୍ କରାଯାଇଛି। ଏହା ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍‌କୁ ସାହାଯ୍ୟ କରିବ। ବାତ୍ୟା ପ୍ରଭାବରେ ଉପକୂଳବର୍ତ୍ତୀ ଅଞ୍ଚଳରେ କ୍ଷୟ କ୍ଷତି ➪ପୃଷ୍ଠା-୬

## ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ସଜାଗ

ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ): ଉପକୂଳମୁହାଁ ହେବାରେ ଲାଗିଛି 'ଦାନା'। ବାତ୍ୟା ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ସଜାଗ ରହିବା ଲାଗି ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡିକର ସିଡିଏମ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଶୁ ଚିକିତ୍ସା ପାଇଁ ପ୍ରସ୍ତୁତ ରହିବାକୁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ବାତ୍ୟା ସମୟରେ ବର୍ଷା, ପବନ ଅଧିକ ହେବାର ଆଶଙ୍କା ଥିବାରୁ ଏହି ସମୟରେ ସାପ କାମୁଡ଼ା ରୋଗୀଙ୍କ ସହ ବଢ଼ିବା ଅନୁମାନ କରାଯାଉଛି। ତେଣୁ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ସାପ କାମୁଡ଼ା ଇଞ୍ଜେକସନ ମହଜୁଦ ରଖାଯିବା ସହ ସମସ୍ତ ସେବା ପାଇଁ ଆଲର୍ଟ ରହିଛି ବିଭାଗ। ପ୍ରତିକୂଳ ପରିସ୍ଥିତିରେ ବି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜରୁରୀ ପରିସ୍ଥିତିରେ ଲୋକଙ୍କ ପାଖରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ବ୍ୟକ୍ତି ବାତ୍ୟା ସମୟରେ ଆହତ ହୋଇ ମେଡିକାଲରେ ପହଞ୍ଚିଲେ ଆଶୁ ଚିକିତ୍ସା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ମନ୍ତ୍ରୀ।

### ଆସନ୍ନ ପ୍ରସବା, ଶିଶୁ, ବୟସ୍କଙ୍କ ସ୍ଥାନାନ୍ତରଣକୁ ଗୁରୁତ୍ୱ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ବାତ୍ୟା ନେଇ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବାତ୍ୟା ସମୟରେ ଏବଂ ପରବର୍ତ୍ତୀ ଅବସ୍ଥାରେ ତ୍ୱରିତ ସେବା ପ୍ରଦାନ ଉପରେ ମନ୍ତ୍ରୀ ଡ଼ା.ମହାପାତ୍ର ଗୁରୁତ୍ୱ ଦେଇଥିଲେ। ତଳିଆ ଅଞ୍ଚଳ ଓ କଚ୍ଚାଘରେ ରହୁଥିବା ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀ ଓ ପକ୍କାଘର ଭଳି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପ୍ରକ୍ରିୟା ଆଜି ସନ୍ଧ୍ୟା ସୁଦ୍ଧା ଶେଷ କରିବାକୁ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ଆସନ୍ନ ପ୍ରସବା, ପ୍ରସୂତି ମା ଓ ଶିଶୁ, ଭିନ୍ନକ୍ଷମ ଏବଂ ନିରାଶ୍ରୟ ବ୍ୟକ୍ତିଙ୍କୁ ବାତ୍ୟା ସମୟରେ ସୁରକ୍ଷିତ ଆଶ୍ରୟ ପ୍ରଦାନ କରିବା ଉପରେ ମନ୍ତ୍ରୀ ଡ଼ା. ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଆଶ୍ରୟସ୍ଥଳିଗୁଡିକରେ ଚୁଡା, ଗୁଡ଼ ଭଳି ଶୁଖିଲା ଖାଦ୍ୟ ମହଜୁଦ ରଖିବା, ଦୁଇବେଳା ରନ୍ଧା ଖାଦ୍ୟ ପ୍ରଦାନ, ପଶୁଖାଦ୍ୟ, ଔଷଧ, ➪ପୃଷ୍ଠା-୬

## ଆତଙ୍କିତ ନ ହେବାକୁ ଧର୍ମେନ୍ଦ୍ରଙ୍କ ପରାମର୍ଶ



ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ସାମୁଦ୍ରିକ ବାତ୍ୟା ରାଜ୍ୟର ଅଧା ଜିଲ୍ଲା ପ୍ରଭାବିତ ହେବା ଆଶଙ୍କା ରହିଛି। ବାତ୍ୟା ମୁକାବିଲା ପାଇଁ ସରକାର ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ଏବଂ ରାଜ୍ୟବାସୀ ଆତଙ୍କିତ ନ ହେବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିବେଦନ କରିଛନ୍ତି। ସୋସାଲ ମିଡିଆ ଜରିଆରେ ଶ୍ରୀ ପ୍ରଧାନ କହିଛନ୍ତି, 'ଦାନା' ଦ୍ୱାରା ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, କେନ୍ଦ୍ରାପଡ଼ା, ଗଞ୍ଜାମ, କେନ୍ଦୁଝର, ଯାଜପୁର, ଖୋର୍ଦ୍ଧା ଓ କଟକ ଜିଲ୍ଲା ବିଶେଷ ଭାବରେ ପ୍ରଭାବିତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବାତ୍ୟାର ମୁକାବିଲା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁପ୍ରକାର ବ୍ୟବସ୍ଥା କରାଯାଉଛି। ➪ପୃଷ୍ଠା-୬

## ସି-ବିଚ୍‌ରେ ଲାଗୁହେଲା ୧୬୩ ଧାରା

### ନଦୀ ବନ୍ଧରେ ଭାରିଯାନ ଚଳାଚଳକୁ ବାରଣ

'ଦାନା' ଆସିବା ପୂର୍ବରୁ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାରାଦୀପ, ଶିଆଳି, ବାଲିକୁଦା ସି-ବିଚ୍‌ରେ ବିଏନ୍‌ଏସ୍‌ର ୧୬୩ ଧାରା ଲାଗୁ କରାଯାଇଥିବା କହିଛନ୍ତି ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ୍। ଓଡ଼ିଶା ଉପକୂଳକୁ ହିଟ୍ କରିବ ବାତ୍ୟା 'ଦାନା'। ଭିତରକନିକା-ଧାମରା ମଧ୍ୟରେ କରିବ ଲ୍ୟାଣ୍ଡଫଲ୍। ଆସନ୍ତାକାଲି ରାତି ଓ ୨୫ ତାରିଖ ସକାଳେ ସ୍ଥଳଭାଗ ଅତିକ୍ରମ କରିବ ବାତ୍ୟା। ଲ୍ୟାଣ୍ଡଫଲ୍ ବେଳେ ପବନ ବେଗ ରହିବ ୧୦୦-୧୨୦ କିମି । ତେବେ 'ଦାନା'ର କୋପ ଜଗତସିଂହପୁର ଜିଲ୍ଲାରେ ବି ଦେଖିବାକୁ ମିଳିବ। ଏହା ପୂର୍ବରୁ ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ ଜଗତସିଂହପୁର ➪ପୃଷ୍ଠା-୬

## ଜିଲ୍ଲାୱାରି ପବନର ବେଗ

ଦାନା ପାଇଁ ଜିଲ୍ଲାଭିତ୍ତିକ ପବନ ବେଗ ଆକଳନ କରାଯାଇଛି। ୨୩ ସନ୍ଧ୍ୟା ପରେ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଜିଲ୍ଲାର ସମସ୍ତ ଉପକୂଳ ଅଂଚଳରେ ୪୦-୫୦ କିମି/ଘଣ୍ଟା ପ୍ରତି ପବନ ବହିବ। ୨୪ ସକାଳୁ ସନ୍ଧ୍ୟା ମଧ୍ୟରେ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଜିଲ୍ଲାର ଉପକୂଳ ଓ ସଲଗ୍ନ ଅଞ୍ଚଳମାନଙ୍କରେ ୬୦-୭୦/୮୦ କିମି ବେଗରେ ପବନ ବହିବ। ୨୪ ରାତିରୁ ୨୫ତାରିଖ ଅପରାହ୍ଣ ମଧ୍ୟରେ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୁରଭଞ୍ଜ, ଯାଜପୁର, କଟକ (କେନ୍ଦ୍ରାପଡ଼ା ନିକଟରେ ଥିବା ଅଞ୍ଚଳ), ଖୋର୍ଦ୍ଧା(ପୁରୀ ନିକଟରେ ଥିବା ଅଞ୍ଚଳ) ଜିଲ୍ଲାମାନଙ୍କରେ ୧୦୦-୧୧୦/୧୨୦ କିମି, କେଉଁଝର, ଢେଙ୍କାନାଳ, ଅନୁଗୋଳ,ନୟାଗଡର କିଛି ଅଞ୍ଚଳରେ ୭୦-୮୦/ ୮୦-୯୦ କିମି ଓ ଦେଓଗଡ, ସୁନ୍ଦରଗଡ଼ ସମ୍ବଲପୁର ଆଦି ଜିଲ୍ଲାରେ ଘଣ୍ଟାପ୍ରତି ୫୦-୬୦/୭୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି।

## ପାରାଦୀପ, ରାଜନଗର ଓ ଧାମରାରେ ବର୍ଷା ପବନ

ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ): 'ଦାନା' ପ୍ରଭାବରେ ବିଭିନ୍ନ ସ୍ଥାନରେ ଅଶାନ୍ତ ହେଲାଣି ସମୁଦ୍ର। କେନ୍ଦ୍ରାପଡ଼ା ରାଜଗନର ସମେତ ପାରାଦୀପ ଓ ଚନ୍ଦ୍ରଭାଗାରେ ଅଶାନ୍ତ ହେଲାଣି ସମୁଦ୍ର। ଓଡ଼ିଶା ଉପକୂଳ ମୁହାଁ ହେଉଛି ବାତ୍ୟା 'ଦାନା'। ସମୁଦ୍ରରୁ ବଳ ଗୋଟାଇ ଆଗକୁ ଆଗକୁ ବଢୁଛି। ବାତ୍ୟା ପ୍ରଭାବରେ ଉପକୂଳ ଅଞ୍ଚଳରେ ବର୍ଷା ଆରମ୍ଭ ହୋଇଯାଇଛି। ପାରାଦୀପ, ରାଜନଗର ଓ ଧାମରା ଅଞ୍ଚଳରେ ବର୍ଷା ସହ ପବନ ହେଉଛି। ଅନ୍ୟପକ୍ଷରେ ବାତ୍ୟା 'ଦାନା'ର ବାହ୍ୟ ବଳୟ ସ୍ଥଳ ଭାଗ ଛୁଇଁଛି। ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ଅଞ୍ଚଳରେ ବାତ୍ୟାର ବାହ୍ୟ ବଳୟ ସ୍ପର୍ଶ କରିଛି। ଏହା ➪ପୃଷ୍ଠା-୬

## ଦୁଇଦିନ ହବିଷ୍ୟାଳିଙ୍କ ଦର୍ଶନ ବନ୍ଦ

- ଆନନ୍ଦ ବଜାରରୁ ହଟିଲା ଅସ୍ଥାୟୀ ଟିଣ

ପୁରୀ,୨୩।୧୦ (ସଂଚାର ବ୍ୟୁରୋ): ବାତ୍ୟା ଯୋଗୁ ୨୪ ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ପବନ ଓ ବର୍ଷା ସମ୍ଭାବନା ଥିବାରୁ ପୁରୀରେ ଥିବା ହବିଷ୍ୟାଳିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସେମାନଙ୍କ ପାଇଁ ଖାଦ୍ୟ ସାମଗ୍ରୀ ମହଜୁଦ ଥିବା ବେଳେ ଜେନେରେଟର ମଧ୍ୟ ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ପଡିଲେ ୨୪ ଓ ୨୫ ତାରିଖରେ ସେମାନଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିପାରେ ବୋଲି ସେ କହିଛନ୍ତି। ଏପରି ପ୍ରତିକୂଳ ସମୟରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଓ ସି-ବିଚ୍ ନ ଆସିବାକୁ ଜିଲ୍ଲାପାଳ ଗଣମାଧ୍ୟମ ଜରିଆରେ ଅପିଲ କରିଛନ୍ତି। ଏହାସହିତ ଆନନ୍ଦ ବଜାରରୁ ଅସ୍ଥାୟୀ ଟିଣ ତଥା ପାଲ ଛାତ ବାହାର କରିଦିଆଯାଇଛି। ବର୍ଷା ପାଣିରୁ ରକ୍ଷା ନିମନ୍ତେ ଅସ୍ଥାୟୀ ଖଟସେଜ ଘର, ସିଂହଦ୍ୱାର ସମ୍ମୁଖ ଏଲ୍‌ଇଡି ସ୍କ୍ରିନ ଅପସାରଣ କରାଯାଇ ପ୍ଲାଇ ଉଡ୍ ଲଗାଯାଇଛି । ସିଂହଦ୍ୱାର ସମ୍ମୁଖ ଧାଡ଼ି ବ୍ୟବସ୍ଥା ଉପର ପାଲ କଢ଼ାଯାଇଥିବା ବେଳେ ସମସ୍ତ ହାଲୁକା ବ୍ୟାରିକେଡକୁ ଗୋଟିଏ ଯାଗାରେ ଜମା କରି ରଶି ଦ୍ୱାରା ବନ୍ଧା ଯିବ। ଜେନେରେଟର ସେଟ ଡିଜେଲ ଭର୍ତ୍ତି କରାଯିବା ସହ ଏକ ଜେସିବି ରିଜର୍ଭ ରଖାଯାଇଛି ଏବଂ ସିସିଟିଭି ବ୍ୟବସ୍ଥା ପ୍ରଭାବିତ ନ ହେବା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି।

## ୬ ପ୍ରସ୍ତାବକୁ କ୍ୟାବିନେଟ୍‌ର ସବୁଜ ସଙ୍କେତ

ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା 'ଦାନା' ଭୟଙ୍କର ରୂପଧାରଣ କରି ଓଡ଼ିଶା ଅଭିମୁଖେ ମାଡ଼ି ଆସୁଥିବାବେଳେ ଆଜି ପୂର୍ବାହ୍ନରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟ କ୍ୟାବିନେଟରେ ୬ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ୨୦୨୪-୨୫ ଖରିଫ ବିପଣନ ବର୍ଷ ପାଇଁ ନୂଆ ଖାଦ୍ୟ ଓ ଧାନ ସଂଗ୍ରହଣ ନୀତି ସମେତ ସୁଭଦ୍ରା ଗାଇଡଲାଇନରେ ସଂଶୋଧନ, 'ସମୃଦ୍ଧ କୃଷକ ଯୋଜନା'ର କାର୍ଯ୍ୟାନ୍ୱୟନ, ଓଡ଼ିଶା ଏୟାର କନେକ୍ଟିଭିଟି ପଲିସି ଓ ଓଡ଼ିଶା ଜିଏସଟି ଆଇନ-୨୦୧୭ରେ ସଂଶୋଧନ ପାଇଁ ଅଧ୍ୟାଦେଶ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରି ଦେଇଛନ୍ତି ।

ସମୃଦ୍ଧ କୃଷକ ଯୋଜନାକୁ ମଞ୍ଜୁରି ମିଳିଥିବାବେଳେଧାନ ଓ ଚାଉଳ ସଂଗ୍ରହ ପରିଚାଳନା ସମ୍ପର୍କିତ ସମସ୍ତ ପ୍ରକ୍ରିୟାକୁ ସୁପରିଚାଳନା ନିମନ୍ତେ ଖାଦ୍ୟ ଓ ଧାନ ସଂଗ୍ରହଣ ନୀତି ୨୦୨୪-୨୫କୁ

- ସୁଭଦ୍ରା ଗାଇଡ୍‌ଲାଇନରେ ସଂଶୋଧନ
- 'ସମୃଦ୍ଧ କୃଷକ ଯୋଜନା'କୁ ମିଳିଲା ମଞ୍ଜୁରି

କ୍ୟାବିନେଟ ମଞ୍ଜୁରି ମିଳିଛି । ଏହି ଯୋଜନାରେ ପଞ୍ଜିକୃତ ଚାଷୀଙ୍କୁ ଧାନର ଏମଏସପି ସହ ଇନପୁଟ ସହାୟତା ପ୍ରଦାନ କରିବେ ରାଜ୍ଯ ସରକାର । ଇନପୁଟ ସହାୟତା ପ୍ରଦାନ କରି ଧାନ କୁଇଣ୍ଟାଲକୁ ୩ ହଜାର ୧୦୦ ଟଙ୍କାରେ କ୍ରୟ କରାଯିବ । ଏହି ପ୍ରସ୍ତାବକୁ ରାଜ୍ଯ କ୍ୟାବିନେଟରେ ମଞ୍ଜୁରି ମିଳିଛି ।

ସେହିପରି ଧାନ ଓ ଚାଉଳ ସଂଗ୍ରହ ପରିଚାଳନା ସମ୍ପର୍କିତ ସମସ୍ତ ପ୍ରକ୍ରିୟାକୁ ସୁପରିଚାଳନା ନିମନ୍ତେ ଖାଦ୍ୟ ଓ ଧାନ ସଂଗ୍ରହଣ ନୀତି ୨୦୨୪-୨୫ରୁ କ୍ଲାବିନେଟ ମଞ୍ଜୁରି ମିଳିଛି । ଆସନ୍ତା ନଭେମ୍ବର ମାସରୁ ମାର୍ଚ୍ଚ ➪ପୃଷ୍ଠା-୬



## କଳାବଜାରୀକୁ ନାଲିଆଖି

ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ): ବାତ୍ୟା ମୁକାବିଲା ପାଇଁ ଯୋଗାଣ ବିଭାଗ ପ୍ରସ୍ତୁତ ଅଛି। ସବୁ ଜିଲ୍ଲାରେ ଅତ୍ୟାବଶ୍ୟକ ସାମଗ୍ରୀ ସହ ଚୁଡା, ଗୁଡ଼ ଆଦି ମହଜୁଦ ରହିଛି। ଏକ ସେଣ୍ଟ୍ରାଲ ୟୁନିଟ ଗଠନ କରାଯାଇ ସବୁ କାମକୁ ମନିଟର କରାଯାଉଛି ଏବଂ ଯାହା ଅସୁବିଧା ଅଭିଯୋଗ କରିବାକୁ ଏକ ଟୋଲ ଫ୍ରି ନମ୍ବର ୦୬୭୪-୨୩୯୬୨୨୭ଜାରି କରାଯାଇଛି ବୋଲି ବାତ୍ୟା ପ୍ରସ୍ତୁତି ସଂପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ସେ କହିଛନ୍ତି, ବାତ୍ୟା ସମୟରେ ଯେଉଁମାନେ କଳାବଜାରୀ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଲୋକଙ୍କୁ ଅନୁରୋଧ ଯେତିକି ଆବଶ୍ୟକ ସେତିକି ପରିମାଣରେ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରନ୍ତୁ। ଚଢ଼ାଉ ପରେ ଏବେ ପିଆଜ ଏବଂ ଆଳୁ ଦର ସ୍ଥିର ରହିଛି। ସମସ୍ତ ସାମଗ୍ରୀ ମହଜୁଦ ରହିଛି ସାମ୍ବାଦିକମାନେ ଲୋକଙ୍କୁ ଭୟଭିତ କରିବା ଭଳି ଖବର ପରିବେଷଣ କରନ୍ତୁ ନାହିଁ। ଖରିଫ ଋତୁରେ ଆମେ ଯେବେ ଧାନ କିଣିବୁ ଧାନର ସମସ୍ତ ଟଙ୍କା କୃଷକଙ୍କ ପାଖକୁ କିପରି ସିଧାସଳଖ ଯିବ, ସେ ନେଇ ବ୍ୟବସ୍ଥା କରାଯାଇଛି। ବାଟମରଣା ରୋକାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ମଣ୍ଡି ଦାୟିତ୍ୱରେ ଜଣେ ଅଧିକାରୀ ଏବଂ ଦୁଇଟି ଜିଲ୍ଲାକୁ ଜଣେ ମନ୍ତ୍ରୀ ରହିବେ।

## ମହିଳା କମିଶନ ବରଖାସ୍ତ



ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଓ ସମସ୍ତ ସଦସ୍ୟାଙ୍କୁ ତତ୍କାଳ ପ୍ରଭାବରୁ ବରଖାସ୍ତ କରିଛନ୍ତି । ବିଜେଡି ସରକାର ସମୟରେ ମହିଳା ଆୟୋଗରେ ଥଇଥାନ ହୋଇଥିବା ଆଗଧାଡ଼ିର ବିଜେଡି ନେତ୍ରୀମାନେ ନିଜଆଡୁ ଇସ୍ତଫା ନ ଦେବା ପରେ ବିଜେପି ସରକାର ନିଜ କ୍ଷମତାର ଉପଯୋଗ କରି ସେମାନଙ୍କୁ ବରଖାସ୍ତ କରିଛନ୍ତି। ଏହାସହିତ ମହିଳା ଆୟୋଗର ନୂଆ ଅଧ୍ୟକ୍ଷା ଓ ସଦସ୍ୟା ନିମନ୍ତେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ମହିଳା ଆୟୋଗ ଅଧ୍ୟକ୍ଷା ମିନତୀ ବେହେରା ଓ ଅନ୍ୟ ୪ଜଣ ସଦସ୍ୟା ସ୍ୱର୍ଣ୍ଣଲତା ସାମଲ, ସୁଜାତା ଦିଗଲ, ବବିତା ସ୍ୱାଇଁ ଓ ବିଜୟା ବରୱାଙ୍କୁ ହଟାଇ ଦିଆଯାଇଛି। ଖୁବଶୀଘ୍ର ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବ। ଆୟୋଗର ଅଧ୍ୟକ୍ଷା ଓ ସଦସ୍ୟମା।ନଙ୍କ କାର୍ଯ୍ୟକାଳ ୩ବର୍ଷ ପାଇଁ ରହିଥାଏ । ବିଜେଡି ନେତ୍ରୀ ମିନତୀ ବେହେରାଙ୍କୁ ୨୦୨୨ ଅକ୍ଟୋବର ମାସରେ ଦ୍ୱିତୀୟଥର ପାଇଁ ➪ପୃଷ୍ଠା-୬

## ଲୋକଙ୍କଠୁ ଅଧିକ ଛାନିଆ ଟାଟା ପାୱାର

- ଭୟରେ ଆଗୁଆ ବିଜୁଳି କାଟି ଛୁ'
- ଅନ୍ଧାରରେ ଲୋକେ କଲବଲ

ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ): ଓଡ଼ିଶାକୁ ମାଡି ଆସୁଥିବା ବାତ୍ୟା ଆଗରେ ଉପକୂଳ ଜିଲ୍ଲାର ତଳିଆ ଅଞ୍ଚଳ ଲୋକେ ଛାତି ଦମ୍‌କରି ଛିଡା ହୋଇଥିବାବେଳେ ଟାଟା ପାୱାର କିନ୍ତୁ ଭୟରେ ବିଜୁଳି କାଟି ଛୁ । ବାତ୍ୟାଞ୍ଚଳରେ ଟାଟା ପାୱାର ଏଭଳି କାରବାର ଏବେ ବାତ୍ୟା ଦୁଃଖକୁ ଟପିଯାଇଛି । ଲୋକେ ଏବେ ଟାଟା ପାୱାର ଉପରୁ ଭରସା ତୁଟାଇ ଲଣ୍ଠନ ଓ ଟର୍ଚ୍ଚ ଭରସାରେ ରହିଛନ୍ତି ।

ବାତ୍ୟା ଦାନା ଆସିବାର ଖବର ପ୍ରସାରଣ ହେବାପରେ ଟାଟା ପାୱାର ତାହାର ପ୍ରସ୍ତୁତି ଖବର ପ୍ରସାରଣ କରିଥିଲା । ହେଲେ ଆଜି ବାତ୍ୟା ପ୍ରଭାବରେ ଯେତେବେଳେ ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଆଦି ସମୁଦ୍ରକୂଳିଆ ଅଞ୍ଚଳରେ ବର୍ଷା ଓ ହାଲକା ପବନ ଆରମ୍ଭ ହେଲା ସେତେବେଳେ ଲାଇନ୍ କାଟିଦିଆଗଲା। ଏବେ ବି ବହୁ ଅଞ୍ଚଳ ଅନ୍ଧାରରେ। କେବେ





ଲାଇନ୍ ଆସିବ ତାହାର କିଛି ଖବର ନାହିଁ ।

ତେବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ତୁହାକୁ ତୁହା ସମୀକ୍ଷା ବୈଠକ ହେଉଥିବାବେଳେ ଟାଟା ପାୱାରକୁ ଡାକି ଶକ୍ତି ବିଭାଗ ସମୀକ୍ଷା କରିବା ଆବଶ୍ୟକ ବୋଲି କୁହାଯାଉଛି । କାରଣ ଟାଟା ପାୱାର ନିଜର ଭାବମୂର୍ତ୍ତି ରକ୍ଷାପାଇଁ ଯେଭଳି ପ୍ରଚାର ଚଳାଇଛି ଗାଁ ଗହଳରେ ସେଭଳି କାମ ଦେଖିବାକୁ ମିଳୁନାହିଁ । ବାତ୍ୟା ମୁକାବିଲା ପାଇଁ ଟାଟାପାୱାର କେଉଁ ଅଞ୍ଚଳକୁ କେତେ ଅତିରିକ୍ତ କର୍ମଚାରୀ ଓ କେଉଁସବୁ ସାମଗ୍ରୀ ପଠାଇଛି ତାହା ଶକ୍ତି ବିଭାଗ ଲୋକଙ୍କ ଜଣାଇବା ଆବଶ୍ୟକ ହୋଇପଡିଛି ।

ଗୋଟିଏ ପଟେ ବର୍ଷା ସାଙ୍ଗକ ତୁହାକୁ ତୁହା ପବନ ବୋହୁଥିବାବେଳେ ସଞ୍ଜ ହେଲେ କିନ୍ତୁ ବିଦ୍ୟୁତ୍ ଅଭାବ ଏବେ ଲୋକଙ୍କୁ ଘାଇଲା କଲାଣି। ତେଣୁ ବାତ୍ୟା ଅଞ୍ଚଳରେ କେତେ ସମୟ ଲାଇନ୍ କଟିବ ଓ କେଉଁ କେଉଁ ଅଞ୍ଚଳରେ କେତେ ସମୟ ଲାଇନ୍ କାଟିବାକୁ ପଡୁଛି ତାହାର ସୂଚନା ଲୋକଙ୍କୁ ଜଣାଇବା ଜରୁରୀ । ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ମଧ୍ୟ ଏହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । କାରଣ ଅର୍ଥ ଆଦାୟ ପାଇଁ ଟାଟାପାୱାର ଯେଭଳି ତତ୍ପରତା ଦେଖାଉଛି ଅନୁରୂପ ତତ୍ପରତା ବାତ୍ୟା ଅଞ୍ଚଳରେ ଦେଖାଇବା ଆବଶ୍ୟକ ବୋଲି ଉପକୂଳବାସୀ କହୁଛନ୍ତି ।

## ଯା'ର ମୁହେଁ ଲଜ୍ଜା ନାହିଁ...

ବାତ୍ୟା ଭୟରେ ଯାଜପୁର ଜିଲ୍ଲା ଲୋକେ ଥରହର ହେଉଥିବାବେଳେ ଜିଲ୍ଲାର ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ଡେରା ପକାଇଛନ୍ତି ମୟୁରଭଞ୍ଜ ଜିଲ୍ଲାରେ । ନିଜ ଘର ବୁଡି ପାଣି ଆଣ୍ଠୁଏ ହୋଇଥିବାବେଳେ ପ୍ରଣବଙ୍କ ପର ଘରେ ଏଭଳି ମାମଲତକାରୀ ଦେଖି ମୟୁରଭଞ୍ଜ ଲୋକେ ଏବେ କହୁଛନ୍ତି - ଯାର ମୁହେଁ ଲଜ୍ଜା ନାହିଁ...। ଲୋକଙ୍କ କହିବାକଥା ଯେ ମୟୁରଭଞ୍ଜ ସମ୍ଭାଳିବାକୁ ଢେର ବିଜେଡି ନେତା ଅଛନ୍ତି । ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡିନେତା ସୁଦାମ ମାର୍ଣ୍ଡିଙ୍କୁ ମାମଲତକାରୀ ଏକା ନିଅଣ୍ଟ । ଏହାଛଡା ଯାଜପୁର ନିକଟରେ ବାତ୍ୟା ଦାନାର ପ୍ରକୋପ ଜୋର ହେଉଥିବାବେଳେ ମୟୁରଭଞ୍ଜରେ ସେଭଳି ବିପଦ ନାହିଁ । ତେଣୁ ଯାଜପୁରରେ ନିଜ ଘର ଜଗିବା ବଦଳରେ ବବି କାହିଁକି ହଠାତ୍ ମୟୁରଭଞ୍ଜ ଆସି ମାମଲତକାରୀ କରୁଛନ୍ତି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିବା ସହିତ ଆଲୋଚନାର ଖୋରାକ ଯୋଗାଇଛି । ଏଣେ ଯାଜପୁରରେ ବିକାଶ ପୁରୁଷଙ୍କ ଅର୍ନ୍ତଧ୍ୟାନ ଦେଖି ଅନେକ ବାତ୍ୟା ବେଳେ ବବି କୁଆଡେ ଗଲେ ବୋଲି ପରସ୍ପରକୁ ପ୍ରଶ୍ନ କରିବାରେ ଲାଗିଛନ୍ତି।



# ରାଜନଗରରେ ମାଡ ନେବ 'ଦାନା'

**ରାଜନଗର, ୨୩।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ଭିତରକନିକା-ଧାମରା ମଧ୍ୟରେ ସ୍ଥଳଭାଗ ଛୁଇଁବ। ଅତି ଭୟଙ୍କର ହୋଇ ବାତ୍ୟା ସ୍ଥଳ ଭାଗକୁ ମାଡି ଆସୁଥିବାରୁ ରେଡ୍ ଆଲର୍ଟରେ ରହିଛି କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର। ବାତ୍ୟା ରାଜନଗର ଅଞ୍ଚଳରେ ମାଡ ନେବାର ଆଶଙ୍କା ଥିବା ବେଳେ ପ୍ରଶାସନ ଯେତିକି ତତ୍ପର ହେବାକଥା, ସେତିକି ତତ୍ପର ଥିବା ଜଣାପଡୁନି। ୨୩ ତାରିଖ ସଂଧ୍ୟା ସୁଦ୍ଧା ସାତଭାୟା ପଞ୍ଚାୟତକୁ ବାଦ ଦେଲେ ଅନ୍ୟ ୨୮ଟି ପଞ୍ଚାୟତରେ ଶୁଖିଲା ଖାଦ୍ୟ ପହଁଚିପାରିନି। ବିପନ୍ନ ଲୋକ ବାତ୍ୟା ଆଶ୍ରୟସ୍ଥଳୀକୁ ଆସିବା ଆରମ୍ଭ କରିଥିବା ବେଳେ ଶୁଖିଲା ଖାଦ୍ୟ ପହଁଚି ନଥିବାରୁ ଆଜି ରାତିରେ କଣ ଖାଇବେ ସେ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷରେ ବ୍ଲକ ପ୍ରଶାସନ ଶୁଖିଲା ଖାଦ୍ୟ ଯୋଗାଇ ଦେବ, ରନ୍ଧାଖାଦ୍ୟ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ବ୍ୟବସ୍ଥା କରିବେ ବୋଲି ବୈଠକରେ ବିଡିଓ ସୂଚନା ଦେଇଥିଲେ। ଆଭେଲେବୁଲ ଫଣ୍ଡରୁ ବ୍ଲକ ରିଲିଫ ଅପରେସନ ପାଇଁ ଖର୍ଚ୍ଚ କରିବ ବୋଲି ଜିଲ୍ଲାପାଳ ବିଡିଓଙ୍କୁ ଚିଠି କରିଥିଲେ ମଧ୍ୟ ରିପୋର୍ଟ ଲେଖାହେବା ଯାଏଁ ବିଡିଓ କୌଣସି ପଞ୍ଚାୟତକୁ ରିଲିଫ ପରିଚାଳନା ପାଇଁ ଅର୍ଥ ଯୋଗାଇ ଦେଇନାହାଁନ୍ତି। ଫଳରେ ରିଲିଫ ଅପରେସନ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ବାତ୍ୟା ଦାନା ଭିତରକନିକା ଅଞ୍ଚଳରେ ମାଡ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ବନବିଭାଗ ପକ୍ଷରୁ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି। ୨୩ ତାରିଖ ଠାରୁ ୨୫ ତାରିଖ ଯାଏଁ ଜାତୀୟ ଉଦ୍ୟାନ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଛି। ଉଭୟ ଜଳପଥ ଓ ସ୍ଥଳପଥରେ ପର୍ଯ୍ୟଟକମାନେ ଭିତରକନିକା ଆସିବା ଉପରେ କଟକଣା ଲାଗୁ କରାଯାଇଛି। ସୂଚନା ନପାଇ ଆଜି ଆସିଥିବା ପର୍ଯ୍ୟଟକମାନେ ଭିତରକନିକାର ଶୋଭା ଉପଭୋଗ କରିନପାରି ଫେରିଯାଇଛନ୍ତି। ଅପରପକ୍ଷରେ ପ୍ରବଳ ବର୍ଷା ଓ ପବନ ଭିତରକନିକାରେ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଡିଭିଜନ ପକ୍ଷରୁ ୮ଟି ଓ କନିକା ରେଞ୍ଜ ପକ୍ଷରୁ ୬ଟି ଟିମ ଗଠନ କରାଯାଇଛି। ଡିଭିଜନ ପକ୍ଷରୁ ଗଠନ କରାଯାଇଥିବା ୮ଟି ଟିମ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ଉଦ୍ଧାର ଓ ଯାତାୟତ ପାଇଁ କାମ କରିବ। କନିକା ରେଞ୍ଜ ପକ୍ଷରୁ ଗଠନ କରାଯାଇଥିବା ୬ଟି ଟିମରେ ପ୍ରତ୍ୟେକ ଟିମରେ ୫ ରୁ ୬ଜଣ ଲେଖାଏଁ ବନକର୍ମଚାରୀ ରହିଛନ୍ତି। ଦୁଇଟି ଟିମ ଲୋକଙ୍କୁ ଉଦ୍ଧାର, ସୁରକ୍ଷା ଓ ରାସ୍ତାରେ ପଡ଼ିଥିବା ଗଛ ହଟାଇବା ଦିଗରେ କାର୍ଯ୍ୟ କରିବ। ଆଉ ଦୁଇଟି ଟିମ୍ ବର୍ଷା ଓ ପବନ ଯୋଗୁଁ ଗାଁ ମଧ୍ୟକୁ ପଶି ଆସିଥିବା ବନ୍ୟଜନ୍ତୁଙ୍କ ଉଦ୍ଧାର ପାଇଁ କାର୍ଯ୍ୟ କରିବ। ଅନ୍ୟ ୨ଟି ଟିମ୍ ଇକୋ ଟୁରିଜିମ ଓ ପ୍ଲାଂଟେସନକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟ କରିବ। ସବୁ ବୋଟକୁ ସୁରକ୍ଷିତ ଭାବେ ରଖାଯାଇଛି। ବନବିଭାଗ ପକ୍ଷରୁ ଉଦ୍ଧାର ପାଇଁ ବୋଟ ଗୁଡିକୁ ପ୍ରସ୍ତୁତ କରି ରଖାଯାଇଛି। କାମ୍ପା ଓ ବୋଲେରୋକୁ ମଧ୍ୟ ପ୍ରସ୍ତୁତ ରଖାଯାଇଥିବା ଏସିଏଫ ମାନସ କୁମାର ଦାସ ସୂଚନା ଦେଇଛନ୍ତି।

- ୨୫ ତାରିଖ ଯାଏ ଭିତରକନିକା ବନ୍ଦ
- ସଂଧ୍ୟାସୁଦ୍ଧା ପହଁଚି ପାରିଲାନି ଶୁଖିଲା ଖାଦ୍ୟ
- ୩୨ ଜଣ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଗଲା

ବାତ୍ୟା ଦାନା ଭୟଙ୍କର ଭାବେ ମାଡି ଆସୁଥିବାରୁ ଏହାକୁ ନଜରରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି। ରାଜନଗର ବ୍ଲକର ୨୯ଟିପଞ୍ଚାୟତ ପାଇଁ ୩୨ଜଣ ଗର୍ଭବତୀ ମହିଳାଙ୍କୁ ଆଗୁଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଚିକିତ୍ସା ଯୋଗାଇ ଦିଆଯାଉଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୭ଜଣ ମହିଳାଙ୍କୁ ରଖାଯାଇଥିବା ବେଳେ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ଜଣ, ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ମହିଳାଙ୍କୁ ରଖାଯାଇଛି। ୩୨ଜଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୧୦ଜଣଙ୍କର ଆଜି ପ୍ରସବ ହୋଇସାରିଛି। ସମସ୍ତେ ବାତ୍ୟା ଶେଷ ହେବା ଯାଏଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିବେ ବୋଲି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ଼ଃ. ରଶ୍ମି ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏଥିସହିତ ୪୫ଟି ବାତ୍ୟା ଆଶ୍ରୟସ୍ଥଳ ଓ ୭୦ଟି ଅସ୍ଥାୟୀ ଆଶ୍ରୟସ୍ଥଳରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଇଛି। ୨୦ଜଣ ସିଏଚଓ, ୨୫ଜଣ ଏଏନଏମଙ୍କ ସମେତ ସମସ୍ତ ଅଙ୍ଗନୱାଡ଼ି ୱାର୍କର ଓ ଆଶାକର୍ମୀଙ୍କୁ ଆଶ୍ରୟସ୍ଥଳରେ ଆଲର୍ଟ କରାଯାଇଛି। ସେମାନଙ୍କ ପାଖରେ ଓଆରଏସ, ଝାଡା, ଜ୍ୱର, ଗ୍ୟାସ ଓ ପ୍ରାଥମିକ ଚିକିତ୍ସା ପାଇଁ ମେଡିସିନ ମହଜୁଦ ରଖା।ଯାଇଛି। ଏହାଛଡା ୩ଟି ମୋବାଇଲ ସ୍ୱାସ୍ଥ୍ୟ ବିଭାଗ ଟିମ୍ ବୁଲୁଥିବା ବେଳେ ଆମ୍ବୁଲାନ୍ସକୁ ସଜାଗ କରି ରଖାଯାଇଛି। ଅପରପକ୍ଷରେ ରାଜନଗର ବ୍ଲକ ସମୁଦ୍ରକୂଳିଆ ଗାଁ ମାନଙ୍କରୁ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ ଜାରି ରହିଛି। ଆଜି ରାଜନଗର ବ୍ଲକକୁ ୪ଟି ଏନଡିଆରଏଫ ଟିମ, ୨ଟି ଓଡ୍ରାଫ ଟିମ୍ ଓ ୨ଟି ଅଗ୍ନିଶମ ବାହିନୀର ଟିମ୍ ରାଜନଗରର ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇଛି। ବାତ୍ୟା ଏବଂ ବାତ୍ୟା ପରବର୍ତ୍ତୀ ସମୟରେ ବିପନ୍ନ ଲୋକ ମାନଙ୍କୁ ଉଦ୍ଧାର କରିବା, ରାସ୍ତାଘାଟ ପରିଷ୍କାର କରିବା କ୍ଷେତ୍ରରେ ସେମାନେ କାର୍ଯ୍ୟକରିବେ।





## ବାତ୍ୟା ଆସିବା ପୂର୍ବରୁ ଆକାଶ ଲାଲ୍

**କେନ୍ଦ୍ରାପଡ଼ା, ୨୩।୧୦ (ସଂଚାର ବ୍ୟୁରୋ):** ବୁଧବାର ସନ୍ଧ୍ୟା ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ଅଞ୍ଚଳରେ ଆକାଶର ଦୃଶ୍ୟ ସମ୍ପୂର୍ଣ୍ଣ ଲାଲ ଦେଖାଯାଇଥିଲା । ଯାହାକୁ ନେଇ ଅନେକ ଲୋକ ଏହା ବାତ୍ୟା ପୂର୍ବ ସୂଚନା ବୋଲି ଆଶଙ୍କା କରିଥିଲେ । ଦିନ ସମୟରେ ଆକାଶ ମେଘୁଆ ରହିବା ସହ ଝିପି ଝିପି ବର୍ଷା ଓ ପବନ ବହୁଥିଲା ହେଲେ ହଠାତ୍ ସନ୍ଧ୍ୟା ସମୟ ବେଳକୁ ଆକାଶ ଲାଲ୍ ଦେଖାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା।

## ପୁରୀ ଏସ୍‌ପିଙ୍କ ଅଚାନକ ଅସ୍ତରଙ୍ଗ ଗସ୍ତ

**ଅସ୍ତରଙ୍ଗ/କାକଟପୁର, ୨୩।୧୦ (ସଂଚାର ବ୍ୟୁରୋ):** ବଙ୍ଗୋପସାଗର ସୃଷ୍ଟି ଘୁର୍ଣ୍ଣିଝଡ଼ ଦାନା କୁ ନେଇ ପ୍ରଶାସନ ସଜାଗ ଥିବା ବେଳେ ବୁଧବାର ସନ୍ଧ୍ୟା ରେ ପୁରୀ ଜିଲ୍ଲା ଏସ୍ପି ବିନୀତ ଅଗ୍ରୱାଲ ଅଚାନକ ଅସ୍ତରଙ୍ଗ ଗସ୍ତ କରିବା ସହ ନୂତନ ଥାନା ପରିଦର୍ଶନ କରି ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ବାତ୍ୟା ଦାନା କୁ ନେଇ ଆଭାସୀ ବୈଠକ ସାମିଲ ହୋଇଥିଲେ। ଅସ୍ତରଙ୍ଗ ଅଂଚଳ ବିଭିନ୍ନ ବାତ୍ୟାଆଶ୍ରୟସ୍ଥଳୀ ବୁଲି ଆନୁସାଙ୍ଗିକ ଜିନିଷ ତଦାରଖ କରିଥିଲେ। ଗସ୍ତ ରେ ଡ଼ିଏସପି ଜେ. କେ ଦେହୁରୀଙ୍କ ସହ ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ ବାତ୍ୟାଆଶ୍ରୟସ୍ଥଳୀ ପରିଦର୍ଶନ କରିଥିଲେ।



## ଯାଜପୁରରେ ୬୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯିବ

**ଯାଜପୁର, ୨୩।୧୦ (ସଂଚାର ବ୍ୟୁରୋ):** ପୂର୍ବ-ମଧ୍ୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ୨୩ ତାରିଖ ସୁଦ୍ଧା ବାତ୍ୟାର ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ଅପରାହ୍ନରେ ଓସ୍ୱାନ ଭିସି କକ୍ଷରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାରେ




୨୪ ଓ ୨୫ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ୧୧୦ରୁ ୧୨୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ବିଭିନ୍ନ ବ୍ଲକରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସ୍ଥାନାନ୍ତରିତ ହେବାକୁ ଥିବା ଲୋକଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଆଜି ସନ୍ଧ୍ୟା ସୁଦ୍ଧା ବିଂଝାରପୁର, ଦଶରଥପୁର, ବରୀ, ବଡ଼ଚଣା(ପୂର୍ବ ପଟ)ର ଲୋକମାନଙ୍କୁ ସ୍ଥାନାନ୍ତରିତ କରି ଆଶ୍ରୟସ୍ଥଳୀକୁ ଆଣିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାକି ବ୍ଲକରେ ଆସନ୍ତା କାଲି ସକାଳ ସୁଦ୍ଧା ସ୍ଥାନାନ୍ତରଣ କରାଯିବ। ଜିଲ୍ଲାରେ ୬୦ ହଜାର ଲୋକଙ୍କୁ ସ୍ଥାନାନ୍ତରଣ କରାଯିବ। ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ରେ ପୋଲିସ ପାଟ୍ରୋଲିଂ ଜାରି ରହିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ଅଧିକାରୀ ମାନଙ୍କୁ ବାତ୍ୟା ପୂର୍ବ ପ୍ରସ୍ତୁତି, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରିବା ପାଇଁ ବିଭିନ୍ନ ବ୍ଲକ ପାଇଁ ନିୟୋଜିତ କରାଯାଇଛି । ଗତକାଲି ୩ ଟି ଟିମ୍ ୩୫ ଜଣ ଏନ୍.ଡି. ଆର୍.ଏଫ୍ ଓ ୩ ଟି ଟିମ୍ ୩୪ ଜଣ ଓଡ୍ରାଫ ଟିମ୍ ଜିଲ୍ଲା ହେଡକ୍ୱାର୍ଟରରେ ଆସି ପହଞ୍ଚିଛନ୍ତି। ଜିଲ୍ଲାରେ ୨୬ ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଓ ୩ ଟି ନୂଆ ବାତ୍ୟା ଆଶ୍ରୟସ୍ଥଳରେ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଏତଦ୍ ବ୍ୟତୀତ ଜିଲ୍ଲାରେ ୩୪୬ ଟି ବିଦ୍ୟାଳୟ ବାତ୍ୟା ଆଶ୍ରୟସ୍ଥଳୀ ଭାବେ ଚିହ୍ନଟ କରାଯାଇଛି। ପ୍ରତ୍ୟେକ ଆଶ୍ରୟସ୍ଥଳୀରେ ନୋଡାଲ ଅଧିକାରୀ ନିଯୁକ୍ତି ହୋଇଛନ୍ତି। ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କୁ ସି.ଡି.ପି.ଓ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ମାନଙ୍କ ଦ୍ୱାରା ନିରାପଦ ଭାବେ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାନାନ୍ତରିତ କରାଯିବ। ସମସ୍ତ ଜିଲ୍ଲାବାସୀଙ୍କୁ ଭୟଭୀତ ନହେବା ସହିତ କୌଣସି ଗୁଜବରେ ବିଶ୍ୱାସ ନକରିବାକୁ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

### ବାତ୍ୟା 'ଦାନା'କୁ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

## ବାତ୍ୟା ସମୀକ୍ଷା କଲେ ପର୍ଯ୍ୟବେକ୍ଷକ ସମର୍ଥ ବର୍ମା

**କେନ୍ଦ୍ରାପଡ଼ା, ୨୩।୧୦ (ସଂଚାର ବ୍ୟୁରୋ):** ଆଇଏମ୍‌ଡି ସତର୍କ ସୂଚନା ଅନୁଯାୟୀ ସମ୍ଭାବ୍ୟ ବାତ୍ୟା 'ଦାନା' ଓଡ଼ିଶା ଉପକୂଳରେ ୨୪ ଓ ୨୫ ତାରିଖ ମଧ୍ୟରେ ପ୍ରବଳ ବର୍ଷା ଏବଂ ପବନଜନିତ କ୍ଷୟକ୍ଷତି ଆଶଙ୍କା ସୃଷ୍ଟି କରିଛି । ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି ସେହି ଆଧାରରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ବାତ୍ୟା ମୁକାବିଲା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି । ଯାହାକୁ ନେଇ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ତଥା କେନ୍ଦ୍ରାପଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ସମର୍ଥ ବର୍ମା ଆଜି କେନ୍ଦ୍ରାପଡାରେ ପହଂଚି ବାତ୍ୟା ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି । ତେବେ ବାତ୍ୟା ପୂର୍ବରୁ ସ୍ଥାନାନ୍ତର ଓ ଥଇଥାନ ଏବଂ ବାତ୍ୟା ପରେ ରିଲିଫ ପରିଚାଳନା ନେଇ ବୈଠକରେ ବିଶେଷ ଆଲୋଚନା କରାଯାଇଥିଲା।



ବୈଠକ ପରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାର ୧୨ ଗୋଟି ସ୍ଥାନରେ ଓଡ୍ରାଫ୍, ଏନଡିଆରଏଫ ଓ ଅଗ୍ନିଶମ ଟିମ୍ ମୁତୟନ କରାଯାଇଛି । ୫୯୬ ଆଶ୍ରୟସ୍ଥଳରେ ଆଜି ସନ୍ଧ୍ୟା ସୁଦ୍ଧା ଶୁଖିଲା ଖାଦ୍ୟ ପହଞ୍ଚାଇ ଦିଆଯାଇଛି। ଆଜି ରାତିରେ ମଧ୍ୟ ସେହିସବୁ ଆଶ୍ରୟସ୍ଥଳୀ ରେ ରନ୍ଧା ଖାଦ୍ୟ ଦିଆଯିବ । ଅନ୍ୟପକ୍ଷରେ ରାଜନଗର ଓ ମହାକାଳପଡା ବ୍ଲକ ରେ ଲୋକମାନଙ୍କୁ ସ୍ଥାନାନ୍ତର ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ । ପ୍ରସାଶନର ସୂଚନା ଅନୁଯାୟୀ ଜିଲାରେ ୧୪୫ ଗୋଟି ସମ୍ବେଦନଶୀଳ ପଞ୍ଚାୟତ ଓ ୩୭୬ ଗୋଟି ସମ୍ବେଦନଶୀଳ ଗାଁ ରହିଛି । ଏହିସବୁ ଗାଁ ଉପରେ ବିଶେଷ ନଜର ରଖିଛି ପ୍ରଶାସନ। ବାତ୍ୟା ପୂର୍ବରୁ ଜିଲାର ୨୮୧ ଆସନ୍ନପ୍ରସବା ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କୁ ସ୍ଥାନାନ୍ତର କରାଯାଇଛି । ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକରେ ପ୍ରଥମ ପର୍ଯ୍ୟାୟରେ ଦୁଇଲକ୍ଷ ପାଣି ବୋତଲ ପହଞ୍ଚାଇ ଦିଆଯାଇଥିବା ବେଳେ ପରେ ଆଉ ୧ ଲକ୍ଷ ପାଣି ବୋତଲ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି ପ୍ରସାଶନ। ବିଭିନ୍ନ ଅଂଚଳରେ ଥିବା ୩୫୭ ଓଭର ହେଡ୍ ଟ୍ୟାଙ୍କ ମଧ୍ୟରୁ ୩୨୦ ଟି ଟାଙ୍କିରେ ପାଣି ଭର୍ତ୍ତି କରି ଦିଆଯାଇଛି । ପରିସ୍ଥିତି ର ମୁକାବିଲା ପାଇଁ ୪୩ ଗୋଟି ଜେନେରେଟର ବ୍ୟବସ୍ଥା କରାଯାଇଛି । ଜିଲାରେ ଥିବା ୨୨୭ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭରପୁର ଔଷଧ ଓ ସାପକାମୁଡା ଇଞ୍ଜେକସନ ମଧ୍ୟ ମହଜୁଦ ଥିବା ଜିଲାପାଳ ସୂଚନା ଦେଇଛନ୍ତି । ୮୯୧ କୁଇଣ୍ଟାଲ ଚୁଡା ଆବଶ୍ୟକ ଥିବା ବେଳେ ୩୪୫ କୁଇଣ୍ଟାଲ ଯୋଗାଇ ଦିଆଯାଇଛି । ଗୁଡ ୧୧୦ କୁଇଣ୍ଟାଲ ଆବଶ୍ୟକ ଥିବା ବେଳେ ୩୪ କୁଇଣ୍ଟାଲ, ୯୪୦ ପ୍ୟାକେଟ୍ ବିସ୍କୁଟ ଯୋଗାଇ ଦିଆଯାଇଥିବା ବେଳେ ୨୭୫୦ ମହମବତୀ ଓ ୨୨୧୦ ଦିଆସିଲି ର ଆବଶ୍ୟକତା ରହିଛି ।



## ବୈଶିଙ୍ଗା ଡାକ୍ତରଖାନାରେ ୩୦ରୁ ଅଧିକ ପ୍ରସୂତି

**ବୈଶିଙ୍ଗା, ୨୩।୧୦ (ସଂଚାର ବ୍ୟୁରୋ):** ଆସନ୍ନ ବାତ୍ୟା 'ଦାନା'ର ଭୟାବହତା କୁ ଆକଳନ କରାଯାଇ ମୟୂରଭଞ୍ଜ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମସ୍ତ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତର, ନର୍ସ, ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ସଜାଗ ରଖା ଯାଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଛନ୍ତି। ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀମାନଙ୍କୁ ଏଥିପାଇଁ ସଜାଗ ରହିବାକୁ ପରାମର୍ଶ ଦେଇଛନ୍ତି। ବୈଶିଙ୍ଗା ଡାକ୍ତରଖାନାରେ ଏଥିପାଇଁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା କରାଯାଇ ଥିବାର ଜଣାଯାଇଛି। ଗ୍ରାମାଞ୍ଚଳ ରେ ଆସନ୍ନ ପ୍ରସବା ପ୍ରସ୍ୱତୀ ଏବଂ ଗର୍ଭବତୀ ମାଆ ମାନଙ୍କୁ ବୈଶିଙ୍ଗା ଡାକ୍ତର ଖାନାକୁ ଆଣି ଆଶା କର୍ମୀ ମାନେ ସ୍ୱାସ୍ଥ୍ୟସେବା ଯୋଗାଇଥିବା ଜଣାଯାଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ବୈଶିଙ୍ଗା ଡାକ୍ତରଖାନାର ୩୦ ଜଣ ଗର୍ଭବତୀ ମହିଳା ଅବସ୍ଥାପିତ ହୋଇଥିବାର ଡାଃ ପ୍ରଦୀପ କୁମାର କର ପ୍ରକାଶ କରିଛନ୍ତି ।

### କିରାଣି ନିଯୁକ୍ତି ଓ ପରିଚାଳନା କମିଟି ଗଠନରେ ଅନିୟମିତତା

## ସଂଚାରରେ ପ୍ରକାଶ ପରେ ଡିଇଓଙ୍କ ତଦନ୍ତ ନିର୍ଦ୍ଦେଶ

**ନୟାଗଡ଼, ୨୩।୧୦ (ସଂଚାର ବ୍ୟୁରୋ):** ବଦଳିବେ ଜାକେଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ । ତଦନ୍ତ କରିବେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ। ସାତ ଦିନ ଭିତରେ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ । ଦୈନିକ ଖବର କାଗଜ 'ସଂଚାର' ପ୍ରକାଶ ପାଇବା ପରେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ।

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଶିମିଳିସାହି ପଞ୍ଚାୟତ ଜାକେଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ନାନାଦି ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ କିଛିଦିନ ପୂର୍ବେ ଜିଲ୍ଲାପାଳଙ୍କୁ ଫେରାଦ ହୋଇଥିଲେ । ଆଜି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଫେରାଦ ହୋଇ ପୁନଃ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି । ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମୀନତି କୁମାର ତ୍ରିପାଠୀ କରିଥିବା ଅନେକ ଜାଲିଆତି ନେଇ ସେମାନେ ଅଭିଯୋଗ କରିଛନ୍ତି । ଶ୍ରୀମତି ତ୍ରିପାଠୀ ଅସତ ଉପାୟରେ ତାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ହୋତାଙ୍କୁ ବିଦ୍ୟାଳୟରେ କିରାଣୀ ଭାବେ ନିଯୁକ୍ତି କରିଥିବା ଏବଂ ଶିକ୍ଷା ବିଭାଗରେ ଟଙ୍କା ପଇସା ଦେଇ ଉକ୍ତ ପୋଷ୍ଟକୁ ଆପ୍ରୁଭାଲ କରାଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ବିଦ୍ୟାଳୟ ପରିଚାଳନା କମିଟି ଗଠନ ପାଇଁ ସାଧାରଣ ସଭା ଆୟୋଜନ କରିବା ବଦଳରେ ଲୁଚାଛପାରେ କମିଟି ଗଠନ କରାଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସମାନ ଭାବେ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ନିଯୁକ୍ତିରେ ଜାଲିଆତି କରାଯାଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ପ୍ରମୋଦ କୁମାର ନନ୍ଦ ନାମକ ଜୈନିକ ବ୍ୟକ୍ତି ପ୍ରଥମେ ହିନ୍ଦୀ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ପରିଚାଳନା କମିଟିକୁ ହାତ କରି ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ତାଙ୍କୁ ହଇରାଣ କରିବା ସହ ଅର୍ଥ ଦାବି କରିଥିଲେ। କୌଶଳ କ୍ରମେ ତାଙ୍କୁ ବାହାର କରି ୨ ଲକ୍ଷ ଟଙ୍କା କାରବାରରେ ସ୍ୱାଗତ କୁମାର ସାହୁଙ୍କୁ ନିଯୁକ୍ତି କରାଇଥିବା ଅଭିଯୋଗ ହୋଇଛି । ଏନେଇ ହିନ୍ଦୀ ଶିକ୍ଷକ ଶ୍ରୀଯୁକ୍ତ ନନ୍ଦ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଥିବା ବେଳେ ପ୍ରଧାନଶିକ୍ଷୟତ୍ରୀ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶୃତି ଦେଇଛନ୍ତି ।

ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ନୂଆଗାଁ ବ୍ଲକ ବିଇଓଙ୍କ ଜରିଆରେ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି । ତତସହିତ ତୁରନ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଅନ୍ୟତ୍ର ବିଦ୍ୟାଳୟକୁ ବଦଳି କରାଯିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ।






## କଣାସରେ ବାତ୍ୟା ମୁକାବିଲା ପାଇଁ ଜନସଚେତନତା

**କଣାସ, ୨୩।୧୦ (ସଂଚାର ବ୍ୟୁରୋ):** ସାମୁଦ୍ରିକ ଝଡ 'ଦାନା' ପୁରୀ ନିକଟବର୍ତ୍ତୀ ଅତିକ୍ରମ କରିବାକୁ ଥିବାରୁ ବାତ୍ୟାର ମୁକାବିଲା ପାଇଁ ଆଜି ପୁରୀ ଉପଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, କଣାସ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ସାହୁ, କଣାସ ଥାନା ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ, କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ଥିବା ୨୪ଟି ବାତ୍ୟା ଆଶ୍ରୟସ୍ଥଳି ଏବଂ ବିଭିନ୍ନ ବିଦ୍ୟାଳୟ ଆଶ୍ରୟ ନେବା ପାଇଁ ପ୍ରସ୍ତୁତି ହୋଇଥିବା ବିଦ୍ୟାଳୟ ଗୁଡିକୁ ବୁଲି ଦେଖିବା ସହ ଚାଳଘରେ ଥିବା ପରିବାରମାନଙ୍କୁ ତୁରନ୍ତ ଘର ଛାଡି ବିଦ୍ୟାଳୟ କିମ୍ବା ବାତ୍ୟା ଆଶ୍ରୟସ୍ଥଳିରେ ଆଶ୍ରୟ ନେବାପାଇଁ ନିର୍ଦ୍ଦେଶ ଦେବା ସହିତ ୭ଦିନ ମଧ୍ୟରେ ପ୍ରସ୍ତୁତି ମହିଳାମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତତ୍ ସହିତ ଉକ୍ତ ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ବୁଲି ଅତ୍ୟାବଶ୍ୟକ ପରିବା ଓ ରାସନ ଦୋକାନିମାନଙ୍କୁ ବାତ୍ୟାପାଇଁ ଅଧିକ ଦର ନ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଯଦି କୌଣସି ଦୋକାନି ଅଧିକ ଦରରେ ନିତ୍ୟ ବ୍ୟବହାର ଜିନିଷ ବିକ୍ରି କରିବା ପ୍ରମାଣ ମିଳେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦେଇଥିଲେ। କୌଣସି ବ୍ୟକ୍ତି ବାତ୍ୟା ପାଇଁ ଭୟଭିତ ନହେବାକୁ ଅଧିକାରୀମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

## ସମ୍ଭାବ୍ୟ ବାତ୍ୟା ପାଇଁ ସଜାଗ ଜଗତସିଂହପୁର ପ୍ରଶାସନ

**ଜଗତସିଂହପୁର, ୨୩।୧୦ (ସଂଚାର ବ୍ୟୁରୋ):** ପୂର୍ବ -ମଧ୍ୟ ବଙ୍ଗୋସାଗର ରେ ସୃଷ୍ଟି ହୋଇଥିବା ଅବପାତ ବାତ୍ୟାର ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯାହାଫଳରେ ଜଗତସିଂହପୁର ଜିଲ୍ଲାରେ ୨୪ ଓ ୨୫ ତାରିଖ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ୧୧୦ ରୁ ୧୨୦ କି.ମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ବାତ୍ୟା ପରିସ୍ଥିତି ସମୀକ୍ଷା ନିମନ୍ତେ ଆଜି ପୂର୍ବାହ୍ନରେ ପାରାଦ୍ୱୀପ ସ୍ପେଶାଲ ସର୍କିଟ ହାଉସ ଠାରେ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜିଲ୍ଲାପାଳ ଜେ ସୋନାଲ, ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ନିର୍ବାହୀ ଅଧିକାରୀ, ପାରାଦ୍ୱୀପଙ୍କ ଉପସ୍ଥିତିରେ ସମସ୍ତ ଶିଳ୍ପ ସଂସ୍ଥାର ପ୍ରମୁଖ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ବାତ୍ୟା ପରିସ୍ଥିତି ଉପୁଜିଲେ ପ୍ରଶାସନ ତଥା ଶିଳ୍ପ ସଂସ୍ଥା ର ମିଳିତ ସହଯୋଗରେ କିପରି ପ୍ରଭାବିତ ଲୋକମାନଙ୍କୁ ବିପଦ ମୁକ୍ତ ଆଶ୍ରୟ ସ୍ଥଳକୁ ସ୍ଥାନନ୍ତରିତ କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଆଶ୍ରୟ ସ୍ଥଳ ଗୁଡ଼ିକରେ ଆବଶ୍ୟକୀୟ ଜରୁରୀ ବ୍ୟବସ୍ଥାକୁ ତଦାରଖ କରିବା, ଆସ୍କା ଲାଇଟ୍, କଟର, ବ୍ଲିଚିଂ ପାଉଡର, ବିଶୁଦ୍ଧ ପାନୀୟ ଜଳ , ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ ପଦାର୍ଥ ମହଜୁଦ ରଖିବା, ଖାଦ୍ୟ ଯୋଗାଣ ନିମନ୍ତେ ବ୍ୟାପକ ଗାଡି ର ବ୍ୟବସ୍ଥା କରିବା ଓ ଗାଡି ନିମନ୍ତେ ତେଲ ସଂରକ୍ଷିତ ରଖିବା, ଜେନେରେଟର ସେଟ ସହିତ ଡିଜେଲ ବ୍ୟବସ୍ଥା ସୁନିଶ୍ଚିତ କରାଇବାକୁ ପରାମର୍ଶ ଦେଇଥିଲେ ମାନ୍ୟବର ମନ୍ତ୍ରୀ। ଏହାପରେ ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପଙ୍କ କାର୍ଯ୍ୟାଳୟରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ, ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀମତୀ ଯାମିନୀ ଷଡ଼ଙ୍ଗୀ, ଜିଲ୍ଲାପାଳ ଜେ. ସୋନାଲ ଆଭାସି ମାଧ୍ୟମରେ ଜିଲ୍ଲା ର ସମସ୍ତ ବ୍ଲକ୍ ସହ ଯୋଡି ହୋଇ ବାତ୍ୟା ପ୍ରସ୍ତୁତି ବିଷୟ ରେ ସମୀକ୍ଷା କରିଥିଲେ। ଏହାଛଡା ଭୟଭୀତ ନ ହୋଇ ସୁରକ୍ଷିତ ଜାଗାକୁ ଯିବାପାଇଁ ସେ ଜିଲ୍ଲାବାସୀ ଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକ ରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଯାମିନୀ ଷଡ଼ଙ୍ଗୀ ଜିଲ୍ଲା ର ବିଡିଓ ତହସିଲଦାର ତଥା ନିର୍ବାହୀ ଅଧିକାରୀ ମାନଙ୍କୁ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି କର୍ଯ୍ୟକରିବାକୁ ପରାମର୍ଶ ଦେବା ସହ ସେମାନଙ୍କର ପ୍ରସ୍ତୁତି ସଂପର୍କରେ ପଚାରି ବୁଝିଥିଲେ ।



## ପଟ୍ଟାମୁଣ୍ଡାଇରେ ବାତ୍ୟା ସମୀକ୍ଷା କଲେ ବିଧାୟକ

**ପଟ୍ଟାମୁଣ୍ଡାଇ, ୨୩।୧୦ (ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା "ଦାନାକୁ ନେଇ ସମଗ୍ର ପଟ୍ଟାମୁଣ୍ଡାଇରେ ଆଶା ଆଶଙ୍କା ଓ ଭୟ ସୃଷ୍ଟି ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ରାଜନଗରରେ ବାତ୍ୟା ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି ସମୀକ୍ଷା କରିବା ପରେ ଆଜି ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକରେ ପ୍ରଶାସନିକ ପ୍ରସ୍ତୁତି ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି । ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ଜନସାଧାରଣଙ୍କ ମୌଳିକ ସୁବିଧା ଯୋଗାଇ ଦେବା ସହ ଗୃହ ପାଳିତ ପଶୁଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବା, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଟିମ ସଜାଗ ରହିବା, ବାତ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରଶାସନ ସହ ଅଗ୍ନିଶମ ବାହିନୀ ସଜାଗ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ।



## 'ଦାନା' ପାଇଁ କୋଣାର୍କରେ ପ୍ରସ୍ତୁତି

**କୋଣାର୍କ, ୨୩।୧୦ (ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି କୋଣାର୍କ ଏନଏସି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟ କରାଯିବା ସହିତ ଏନଏସି ମଧରେ ଥିବା ସମସ୍ତ ଆଶ୍ରୟସ୍ଥଳୀ ଗୁଡିକରେ ସମସ୍ତ ଆବଶ୍ୟକୀୟ ସୁବିଧା କରାଯାଇଥିବା ଦେଖିବାକୁ ମିଳିଛି। ବାତ୍ୟା ପ୍ରଭାବରେ ଚନ୍ଦ୍ରଭାଗା ସମୁଦ୍ର ଅଶାନ୍ତ ହୋଇ ଉଚ୍ଚ ଜୁଆର କୂଳକୁ ମାଡ଼ି ଆସୁଛି । ତେଣୁ ଅଗ୍ନିଶମ ବାହୀନି ପକ୍ଷରୁ ସମୁଦ୍ର କୂଳକୁ ଯିବାକୁ ବାରଣ କରାଯାଇଥିବା ବେଳେ ବିପଦ ସଂକେତ ଭାବେ ନାଲି ପତାକା ମରାଯାଇଅଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରଚାର ଗାଡ଼ି ମାଧ୍ୟମରେ ବାରମ୍ବାର ଲୋକମାନଙ୍କୁ ସଚେତନ କରାଯାଉଥିବା ବେଳେ ସମୁଦ୍ର କୂଳରେ ରହୁଥିବା ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ପ୍ରବଳ ବର୍ଷା ଓ ପବନ ଆଶଙ୍କାରେ ପ୍ରଶାସନ ପକ୍ଷରୁ କୋଣାର୍କ ଓ ଚନ୍ଦ୍ରଭାଗାରେ ବାତ୍ୟା ସଚେତନତା କରାଯାଇଥିଲା। ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କୁ କୋଣାର୍କ ଓ ଚନ୍ଦ୍ରଭାଗାରେ ରହିବାକୁ ବାରଣ କରାଯାଇଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ଏଠାରେ ଥିବା ବିଭିନ୍ନ ଲଜ୍, ଧର୍ମଶାଳା, ହୋଟେଲ୍, ଗେଷ୍ଟ ହାଉସ୍ ଓ ରେସ୍ତୋରାଁରେ ପର୍ଯ୍ୟଟକମାନେ ରାତ୍ରୀଯାପନ କରିପାରିବେ ନାହିଁ । ଅପରପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀ ରୋକିବାକୁ ଯୋଗାଣ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଥିବା ଦେଖିବାକୁ ମିଳିଛି। ସମ୍ଭାବ୍ୟ ବାତ୍ୟାକୁ ମୁକାବିଲା କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟ ରେ ପହଞ୍ଚି ଥିବା ଜଣାପଡିଛି।

# ଅଷ୍ଟ୍ରେଲିଆର ଶିକ୍ଷାମନ୍ତ୍ରୀ ଜେସନ କ୍ଲେୟାରଙ୍କ ସହ ଦ୍ୱିପାକ୍ଷିକ ବୈଠକ

## ଭାରତ ଓ ଅଷ୍ଟ୍ରେଲିଆର ମିଳିତ ସହଯୋଗ ବିଶ୍ୱ ଆହ୍ୱାନର ସମାଧାନ କରିବ

- ଶିକ୍ଷା କ୍ଷେତ୍ରରେ ସହଯୋଗ ହେଉଛି ଭାରତ-ଅଷ୍ଟ୍ରେଲିଆ ସମ୍ପର୍କର ମୂଳଦୁଆ
- ଭିକ୍ଟୋରିଆର ପ୍ରିମିୟର ଜେସିଣ୍ଟା ଆଲାନଙ୍କୁ ସାକ୍ଷାତ୍ କଲେ କେନ୍ଦ୍ରମନ୍ତ୍ରୀ
- ଅଷ୍ଟ୍ରେଲିଆର ବୈଦେଶିକ ବ୍ୟାପାର ସହକାରୀ ମନ୍ତ୍ରୀ ଟିମ୍ ୱାଟ୍ସଙ୍କୁ ଭେଟିଲେ




**ନୂଆଦିଲ୍ଲୀ,୨୩।୧୦:** ଭାରତ ଓ ଅଷ୍ଟ୍ରେଲିଆର ମିଳିତ ସହଯୋଗ ଦୁଇ ଦେଶର ଜ୍ଞାନ ବ୍ୟବସ୍ଥାକୁ ଆଗକୁ ନେବ । ବିଶ୍ୱ ଆହ୍ୱାନର ସମାଧାନ ପାଇଁ ଜ୍ଞାନକୌଶଳର ଉପଯୋଗ କରିପାରିବ । ଛାତ୍ରଛାତ୍ରୀଙ୍କ ପାଇଁ ଇନୋଭେସନ ଏବଂ ଉଦ୍ୟମିତା କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିପାରିବ । ବିଶ୍ୱ-ବନ୍ଧୁ ହିସାବରେ ଭାରତ ମାନବ କେନ୍ଦ୍ରିତ ବିକାଶରେ ବିଶ୍ୱସ୍ତ ଅଂଶୀଦାର ହେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଅଷ୍ଟ୍ରେଲିଆର ମେଲବର୍ଣ୍ଣଠାରେ ଆୟୋଜିତ 'ଅଷ୍ଟ୍ରେଲିଆ-ଭାରତ ଆନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଅବସରରେ ଶ୍ରୀ ପ୍ରଧାନ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାରଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ । ଶ୍ରୀ ପ୍ରଧାନ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସୁଦୃଢ଼ ଏବଂ ବିକଶିତ ଭାଗିଦାରୀକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଏହି ଦ୍ୱିପାକ୍ଷିକ ସହଯୋଗ ଉଭୟ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରିବ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିଙ୍କ ଦୂରଦର୍ଶୀ ନେତୃତ୍ୱରେ ଏହି ସମ୍ପର୍କକୁ ଆହୁରି ସୁଦୃଢ଼ କରିବ । ସେ ଆହୁରି କହିଥିଲେ ଯେ ଚତୁର୍ଥ ଶିଳ୍ପ ବିପ୍ଳବରେ ଏପରି ଶିକ୍ଷା ହେବା ଆବଶ୍ୟକ, ଯେଉଁ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତିବିଦ୍ୟାର ସ୍ରଷ୍ଟିକର୍ତ୍ତା ଏବଂ ପରିଚାଳକ ହେବା ପାଇଁ ପ୍ରସ୍ତୁତ କରିବ । ଭାରତର ଜାତୀୟ ଶିକ୍ଷା ନୀତି ପରିବର୍ତ୍ତିତ ଚାହିଦା ବଜାର ସହ ଯୋଡି ହେବା ପାଇଁ ଡିଜିଟାଲ ସାକ୍ଷରତା, ସଫ୍ଟ ସ୍କିଲ୍, କ୍ରିଟିକାଲ ଥିଙ୍କିଂ ଏବଂ ଇଣ୍ଟରଡିସିପ୍ଲିନାରୀ ଷ୍ଟଡି ଉପରେ ଗୁରୁତ୍ୱାରୋପ କରି ଏକ ଢାଞ୍ଚା ପ୍ରଦାନ କରିଛି। ଶିକ୍ଷା କ୍ଷେତ୍ରରେ ସହଯୋଗ ଭାରତ-ଅଷ୍ଟ୍ରେଲିଆ ସମ୍ପର୍କର ମୂଳଦୁଆ ବୋଲି ଶିକ୍ଷା ମନ୍ତ୍ରୀ ପ୍ରକାଶ କରିଥିଲେ ।

ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ଅନୁସାରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଏକ ଦକ୍ଷତା ଭିତ୍ତିକ ଢାଞ୍ଚାରେ ପରିଣତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଜାତୀୟ ଶିକ୍ଷା ନୀତି କିପରି ଭାରତ ଶିକ୍ଷଣ ଦୃଶ୍ୟପଟ୍ଟକୁ ସମ୍ଭାବନାର ଏକ ପାୱାରହାଉସରେ ପରିଣତ କରିଛି, ତାହା ଉପରେ ବର୍ଣ୍ଣନା କରିଥିଲେ କେନ୍ଦ୍ରମନ୍ତ୍ରୀ । ଭାରତ-ଅଷ୍ଟ୍ରେଲିଆର ଦୀର୍ଘମିଆଦୀ ସମ୍ପର୍କ ଦ୍ୱାରା ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଭାରତକୁ ମିଳିବାକୁ ଥିବା ଲାଭ ଉପରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଭାରତରେ ଅଷ୍ଟ୍ରେଲୀୟ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପ୍ରତିଷ୍ଠା କେବଳ ଆରମ୍ଭ ମାତ୍ର। ଏହା ଦ୍ୱାରା ଆଗାମୀ ଦିନରେ ଅନେକ ସମ୍ଭାବନା ବାସ୍ତବରେ ପ୍ରତିଫଳିତ ହେବ । ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ କ୍ଲେୟାର ତାଙ୍କ ଅଭିଭାଷଣରେ କହିଥିଲେ ଆମର ଶିକ୍ଷା ବ୍ୟବସ୍ଥା ଉନ୍ନତ ହେବା ଦରକାର । ଯେଉଁ ଶିକ୍ଷା ବ୍ୟବସ୍ଥା ଜୀବନ ଠାରୁ ଅଧିକ ପରିବର୍ତ୍ତନ କରିପାରିବ। ଏହା ଦ୍ୱାରା ଦେଶ ଗୁଡ଼ିକରେ ପରିବର୍ତ୍ତନ ଆସିପାରିବ। ଭାରତର ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରି ସେ କହିଥିଲେ ଯେ ୨୦୩୫ ସୁଦ୍ଧା ବିଶ୍ୱର ପ୍ରତି ଚାରି ଜଣଙ୍କ ମଧ୍ୟରୁ ବିଶ୍ୱବିଦ୍ୟାଳୟ ଡିଗ୍ରୀ ହାସଲ କରିଥିବା ଜଣେ ଭାରତୀୟ ହେବ । ଭାରତରେ ଥିବା ଅଷ୍ଟ୍ରେଲିଆର ଡେକିନ୍ ୱୋଲ୍ଲୋନଗୋଙ୍ଗର କ୍ୟାମ୍ପସ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ଏହି ପଦକ୍ଷେପକୁ ପ୍ରୋତ୍ସାହନ ଦେଇଥିବାରୁ ସେ ଶ୍ରୀ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।



# ବାତ୍ୟା ମୁକାବିଲା ନେଇ ବାଣିଜ୍ୟ ଓ ପରିବହନ ବିଭାଗର ସମୀକ୍ଷା

**ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା 'ହାର୍ଯ୍ୟ'କୁ ଦୃଷ୍ଟିରେ ରଖୁ ବାଣିଜ୍ୟ ଓ ପରିବସ୍ଥଳ ବିଭାଗର ସମସ୍ତ ଅଧିକାରୀମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେ କୌଣସି ପ୍ରକାର ପ୍ରତିକୂଳତାକୁ ଦୃରିତ ସାମ୍ନା କରିବା ପାଇଁ ବିଭାଗୀୟ ଅଧିକାରୀମାନେ ସୁନିଶ୍ଚିତ କରିବା ଉପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରକ୍ଷା ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ଆଭା ସି ମାଧ୍ୟମରେ ଶ୍ରୀମତୀ ପାଢ଼ୀ ବିଭାଗର କାର୍ଯ୍ୟପନ୍ଥା ନେଇ ସୁବିସ୍ତୃତ ସମୀକ୍ଷା କରିବା ସହିତ ସମ୍ଭାବ୍ୟ ବାତ୍ୟାରେ ସବୁମତେ କ୍ରିୟାଶୀଳ ରହିବାକୁ ପରାମର୍ଶ ଦେଇଛନ୍ତି । ପରିବହନ ଓ ଜଳପଥ ବ୍ୟବସ୍ଥାରେ ସମନ୍ୱୟ ରକ୍ଷା ପୂର୍ବକ ଫଳପ୍ରଦ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ୀ ବାତ୍ୟା ପ୍ରଭାବ ନେଇ ବିଭାଗର ସମସ୍ତ ଅଧିକାରୀ ସଂପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପରିବହନ କମିଶନର ଏବଂ ଆଞ୍ଚଳିକ ପରିବହନ ଅଧିକାରୀମାନେ ପରିବଦଳ ହେବାକୁ କାର୍ଯ୍ୟକ୍ଷମ ରଖିବା ଏବଂ ଆପଦକାଳୀନ ପରିସ୍ଥିତିର ଯଥାର୍ଥ ମୁକାବିଲା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସୁରକ୍ଷାକୁ ଗୁରୁତ୍ୱ ହୋଇ ବିଭିନ୍ନ କଳପଥ ଓ ଉପକୂଳ ଅଞ୍ଚଳଗୁଡ଼ିକରେ ସମ୍ଭାବ୍ୟ ବାତ୍ୟା ଦୃଷ୍ଟିରୁ ପ୍ରସ୍ତୁତ ରହିବା ନେଇ ମାର୍ଗଦର୍ଶିକା ଜାରି କରିବା ନିମନ୍ତେ ବନ୍ଦର ଓ ଆଭ୍ୟନ୍ତରୀଣ ଜଳପଥ ପରିବହନ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ କ୍ଷେତ୍ର ଅଧିକାରୀ ମାନେ ସମ୍ଭାବ୍ୟ ବାତ୍ୟା ପୂର୍ବନ୍ଧ, ବାତ୍ୟା ସମୟରେ ଏବଂ ବାତ୍ୟା ପରବର୍ତ୍ତୀ ପରିସ୍ଥିତିରେ ସଂପୂର୍ଣ୍ଣ ସତର୍କ ରହିବା ପାଇଁ ଶ୍ରୀମତା ପାଢ଼ୀ ଦେଶ ଦେଇଛନ୍ତି । ସଂପୂର୍ଣ୍ଣ ଆବଶ୍ୟକତା ନ ଥିବାବେଳେ ଜନସାଧାରଣ ଗମନାଗମନରୁ ବିରତ ରହିବା ନିମନ୍ତେ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି । ନିହାତି ଆବଶ୍ୟକ ନଷ୍ଟଲେ ଯାତ୍ରା ନ କରିବାକୁ କୁହାଯାଇଛି । ପରିବହନ କମିଶନର ଅଭିଜାଇ ଠାକୁର, ଓଡ଼ିଶା ରାଜ୍ୟ ସକ ପରିବହନ ନିଗମର ସିଏମ୍ଡି ପୀୟୁଷ କୁମାର ପଟ୍ଟନାୟକ, ବନ୍ଦର ଓ ଆଭ୍ୟନ୍ତରୀଣ ଜଳପରିବହନ ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ଓ ପ୍ରିଣ୍ଟିଂ ଓ ଷ୍ଟେସନାରୀ ନିର୍ଦ୍ଦେଶକ ଅରୁଣ କୁମାର ରାୟଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ।

## ଟ୍ୱିନ୍ ସିଟି କ୍ରାଇମ୍

### ୧୧ ଗ୍ରାମ ବ୍ରାଉନ ସୁଗାର ଜବତ; ୪ ଗିରଫ

**ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ):** କଳିଙ୍ଗ ବିହାର ଛକରୁ ୪ ଜଣ ଧଳାଜହର ବେପାରୀଙ୍କୁ ଧରିଲା ତମାଣ୍ଡୋ ଥାନା ପୁଲିସ। ତଲାସି ବେଳେ ସେମାନଙ୍କ ଠାରୁ ୧୧ ଗ୍ରାମ ବ୍ରାଉନସୁଗାର ଓ ଏକ ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ୪ ଅଭିଯୁକ୍ତ ହେଲେ, ପୁରୀ ଜିଲ୍ଲା ପିପିଲିର ଶବିର ଅଲ୍ଲୀ ଖାଁନ, ଜଟଣୀର ଅବଦୁଲ ରେହେମାନ, କାହ୍ନୁ ଦାସ ଓ ସଞ୍ଜୟ ଦାସ। ଆଜି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଏକ ବିଶେଷ ସୂତ୍ରରୁ ହସ୍ତଗତ ହୋଇଥିବା ସୂଚନା ଆଧାରରେ ତମାଣ୍ଡୋ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ସ୍ପେଶାଲ ଟିମ ବୁଧବାର ସକାଳ ସମୟରେ କଳିଙ୍ଗ ବିହାର ଛକ ନିକଟରେ ଥିବା ବସଷ୍ଟାଣ୍ଡ ଅଞ୍ଚଳରେ ଅତର୍କିତ ଚଢ଼ଉ କରି ୪ ଜଣ ଧଳାଜହର ବେପାରୀଙ୍କୁ କାବୁ କରିବା ସହ ସେମାନଙ୍କ ଠାରୁ ୧୧ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ତମାଣ୍ଡୋ ଥାନା ପୁଲିସ ଏକ ବେଆଇନ ବ୍ରାଉନସୁଗାର ବିକ୍ରି ଜନିତ ମାମଲା ରୁଜୁ କରିବା ସହିତ ୪ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ଜେଲ ଭିତରେ ଛୁରି ଧରି ରିଲସ ଘଟଣା

#### ଥାନାରେ ମାମଲା, ଛୁରି ଓ ମୋବାଇଲ ଜବତ

**ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ):** ପୁଣି ବିବାଦର କାଠଗଡ଼ାରେ ଠିଆ ହୋଇଛି ଝାରପଡ଼ା ଜେଲ। ନିକଟରେ ଘଟିଥିବା ଗ୍ୟାଙ୍ଗ୍ୱାର ଓ କଏଦୀ ମୃତ୍ୟୁ ପରେ ପରେ ଆଜି ପଦାକୁ ଆସିଛି କଏଦୀଙ୍କ ରିଲସ ଭିଡିଓ। ବ୍ରାଉନ୍‌ସୁଗାର ମାଫିଆ ନନ୍ଦୁ ରହୁଥିବା ସେଲ୍‌ଫ ଭିତରୁ ଭାଇରାଲ୍ ହୋଇଥିବା ଭିଡିଓକୁ ନେଇ ଅକଳରେ ପଡ଼ିଛନ୍ତି ଜେଲ କର୍ତ୍ତୃପକ୍ଷ। ନନ୍ଦୁ ହାତରେ ଛୁରି ଧରି ମସ୍ତି କରୁଥିବା ବେଳେ ଅନ୍ୟ କଏଦୀମାନେ ଗଞ୍ଜେଇ ଦଳୁଥିବାର ଦୃଶ୍ୟ ଜେଲ ସୁରକ୍ଷାର ବିକଳ ଚିତ୍ରକୁ ପଦାକୁ ଆଣିଛି। ଜେଲ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଚଢ଼ଉ କରାଯାଇ ସେଲର ପାଇଖାନା କାନ୍ଥରୁ ଏକ ସ୍ମାର୍ଟଫୋନ୍ ଓ ଏକ୍‌ଜଷ୍ଟେଡ୍ ଫ୍ୟାନ ପଙ୍ଖା ପାଖରୁ ଛୁରି ଜବତ କରାଯାଇଛି। ହେଲେ ଝାରପଡ଼ା ଜେଲରେ ସବୁ ପ୍ରକାର କଡ଼ାକଡ଼ି ସତ୍ତ୍ୱେ ଜେଲ ଭିତରକୁ ସ୍ମାର୍ଟଫୋନ୍ ଓ ମାରଣାସ୍ତ୍ର ମଧ୍ୟ ଯାଇପାରୁଛି ବୋଲି ସ୍ପଷ୍ଟ ହୋଇଛି। ଜେଲର ଏହି ଦୁର୍ବଳ ସୁରକ୍ଷା ବ୍ୟବସ୍ଥା ପାଇଁ କିଏ ଦାୟୀ, ସେନେଇ ତନାଘନା ଆରମ୍ଭ ହୋଇଛି। କିଛି ୱାର୍ଡରଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି ଏବଂ ସେହି ଦିଗରେ ତଦନ୍ତ ଚାଲିଛି। ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଖୋଳତାଡ ଚଳାଇଛି। ଗୋଟିଏ ଭିଡିଓରେ ବିଚାରାଧୀନ କଏଦୀ ତଥା ବ୍ରାଉନ୍‌ସୁଗାର ମାଫିଆ ନନ୍ଦୁ ହାତରେ ଏକ ବଡ ଛୁରି ଧରି ବସିଥିବା ବେଳେ, ତାକୁ ଘେରି ରହିଥିବା ଅନ୍ୟ କିଛି କଏଦୀ ଗଞ୍ଜେଇ ଦଳୁଥିବାର ଦୃଶ୍ୟ ରହିଛି। ବେଶ୍ ରାଜକୀୟ ଢଙ୍ଗରେ ନନ୍ଦୁ ବସିଥିଲା। ଅନ୍ୟ କଏଦୀମାନେ ବି ମଜା କରୁଥିବା ଦେଖିବାକୁ ମିଳିଛି। ଭିଡିଓଟି ସେଲ ଭିତରେ କୌଣସି ସ୍ମାର୍ଟଫୋନ୍‌ରେ ସୁଟ୍ କରାଯିବା ପରେ ଭିଡ଼ିଓଟି ଭାଇରାଲ ହୋଇଥିଲା।

### ଆମ୍ବୁଲାନ୍ସ ଡ୍ରାଇଭରଙ୍କ ମୃତଦେହ ଜବତ

#### ପରିବାର ଆଣିଲେ ହତ୍ୟା ଅଭିଯୋଗ

**ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ):** ସୋମବାର ଅପରାହ୍ଣରୁ ନିଖୋଜ ଥିବା ପଥରଗାଡିଆର ସୁଶାନ୍ତ ବେହେରା(୩୦)ଙ୍କ ମୃତଦେହ ମଙ୍ଗଳବାର ଦିନ ଏକ ପଥରଗାଡିଆ ନିକଟ ଏକ ନିର୍ମାଣାଧୀନ ମନ୍ଦିରରୁ ଠାବ ହୋଇଥିଲା। ରହସ୍ୟମୟ ଭାବେ ନିଖୋଜ ହେବା ଓ ସନ୍ଦେହଜନକ ଅବସ୍ଥାରେ ମୃତଦେହ ମିଳିବା ଘଟଣାକୁ ନେଇ ପରିବାର ଲୋକେ ବୁଧବାର ହତ୍ୟା ଅଭିଯୋଗ ଆଣିଛନ୍ତି। ମୃତ ସୁଶାନ୍ତଙ୍କ ଭାଇ ନବକିଶୋର ବେହେରାଙ୍କ ଅଭିଯୋଗ ଆଧାରରେ ଇନ୍‌ଫୋସିଟି ଥାନା ପୁଲିସ ହତ୍ୟା ମାମଲା ରୁଜୁ କରି ଛାନ୍‌ଭିନ୍ ଚଳାଇଛି। ପୁଲିସ ମୃତ ସୁଶାନ୍ତଙ୍କ ପରିଚିତ ୫ ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି। କିନ୍ତୁ ଏହାପୂର୍ବରୁ କ୍ୟାପିଟାଲ ହସ୍ପିଟାଲରେ ଘଟିଥିବା ଉତ୍ତେଜନା ପାଇଁ ଆଜି ସୁଶାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଓ ପ୍ରାଥମିକ ତଦନ୍ତ ସରିବା ପରେ ସୁଶାନ୍ତଙ୍କ ମୃତ୍ୟୁ ପଛର କାରଣ ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି। ସୁଶାନ୍ତ ପଟିଆ ଅଞ୍ଚଳସ୍ଥିତ ଏକ ଘରୋଇ ହସ୍ପିଟାଲର ଆମ୍ବୁଲାନ୍ସ ଚାଳକ ଭାବେ କାମ କରନ୍ତି। ସୋମବାର ଅପରାହ୍ଣ ୨ଟାରେ ସେ ଘରୁ ବାଇକ୍ ଧରି ହସ୍ପିଟାଲ ଯାଇଥିଲେ। ରାତି ସାଢ଼େ ୧୧ରେ ଘରକୁ ଫେରିବା କଥା। କିନ୍ତୁ କୌଣସି ଜରୁରୀ କାମ ନେଇ ପରିବାର ଲୋକେ ତାଙ୍କୁ ଅପରାହ୍ଣ ସାଢ଼େ ୪ଟା ବେଳେ ଫୋନ କରିଥିଲେ। ମୋବାଇଲ ସ୍ୱିଚଅଫ୍ ଦେଖାଇଥିଲା।

## ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଲେ ଛାତ୍ରଛାତ୍ରୀ



**ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ):** ସ୍କୁଲ୍‌ରେ ଆବଶ୍ୟକୀୟ ଶିକ୍ଷକ ନାହାନ୍ତି। ଯେତିକି ସଂଖ୍ୟକ ପିଲାଙ୍କ ନାମ ଲେଖା ହେଉଛି, ସେହି ତୁଳନାରେ ଶ୍ରେଣୀ ଗୃହ ନାହିଁ। ଶିକ୍ଷକ ଅଭାବରୁ ଅଧା ଦିନ ଶ୍ରେଣୀ ଗୃହ ଫାଙ୍କା ପଡୁଛି। ପିଲା ସ୍କୁଲ ଶିକ୍ଷାଗ୍ରହଣ ପାଇଁ ଆସୁଛନ୍ତି ସତ ହେଲେ ବସି ବସି ଘରକୁ ଫେରୁଛନ୍ତି। ଏହାକୁ ନେଇ ସ୍କୁଲ୍ କର୍ତ୍ତୃପକ୍ଷ, ଅଭିଭାବକ ଓ ପୂରାତନ ଛାତ୍ର ସଂସଦ ପକ୍ଷରୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସମସ୍ୟାର ସମାଧାନ ହୋଇପାରୁନି। ଶେଷରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପୁଞ୍ଜିଭୂତ ଅସନ୍ତୋଷ ଆଜି ବିସ୍ଫୋରକ ରୂପ ନେଇଛି। ସେମାନେ ସ୍କୁଲ୍ ଫାଟକରେ ତାଲା ପକାଇ ସ୍କୁଲ୍ ସମ୍ମୁଖ ରାସ୍ତାରେ ଧାରଣାରେ ବସିଥିଲେ। ଏଭଳି ଘଟଣା ଘଟିଛି ଖୋଦ୍ ରାଜଧାନୀର ଛାତି ଉପରେ ଥିବା ଭିଏସ୍‌ଏସ୍ ନଗର ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟରେ। ଶେଷରେ ଅପରାହ୍ଣରେ ବ୍ଲକ୍ ଶିକ୍ଷାଧିକାରୀ(ବିଇଓ) ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହ ଗୋଟିଏ ସପ୍ତାହ ମଧ୍ୟରେ ଶିକ୍ଷକ ପଦବୀ ପୂରଣ ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଏହା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ପୁରାତନ ଛାତ୍ର ସଂସଦର ସଭାପତି ସୌମ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## କେ.ସି.ଶତପଥୀଙ୍କୁ 'ଅସାଧାରଣ ଶିକ୍ଷା ଦୂରଦ୍ରଷ୍ଟା' ସମ୍ମାନ




**ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ):** ବିଦ୍ୟାଳୟ ଶିକ୍ଷାପ୍ରଦାନ କ୍ଷେତ୍ରରେ ଅଦ୍ୱିତୀୟ ଉଦାହରଣ ସୃଷ୍ଟିକରି ଡିଏଭି ଶିକ୍ଷାନୁଷ୍ଠାନ ସମୂହ, ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ଡ.କେଶବ ଚନ୍ଦ୍ର ଶତପଥୀ ସମ୍ପ୍ରତି ସମ୍ମାନଜନକ 'ଅସାଧାରଣ ଶିକ୍ଷା ଦୂରଦ୍ରଷ୍ଟା' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଟାଇମ୍ସ ଗ୍ରୁପ୍ ତରଫରୁ ଭୁବନେଶ୍ୱରରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡ.ଶତପଥୀଙ୍କୁ ସମ୍ମାନଫଳକ, ପ୍ରମାଣପତ୍ର ଓ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ଡିଏଭି ଆନ୍ଦୋଳନକୁ ପ୍ରସାରଣଶୀଳ ଓ ଲୋକାଭିମୁଖୀ କରାଇବାରେ ଅନନ୍ୟ ଅବଦାନ ରଖିଥିବା ବିଶିଷ୍ଟ ଶିକ୍ଷାବିତ୍ ଡ. ଶତପଥୀ ଇତିପୂର୍ବରୁ ଜାତୀୟ ଶିକ୍ଷକ ପୁରସ୍କାର, ମହାତ୍ମା ହଂସରାଜ ସମ୍ମାନ, ଭବନ ସମ୍ମାନ, କମ୍ପ୍ୟୁଟର ସାକ୍ଷରତା ଉତ୍କର୍ଷ ପୁରସ୍କାର, ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ସମ୍ମାନ, ଶ୍ରେଷ୍ଠ ଅଧ୍ୟକ୍ଷ ସମ୍ମାନ ସମେତ ଶତାଧିକ ଉଲ୍ଲେଖନୀୟ ସମ୍ମାନରେ ଗୌରବମଣ୍ଡିତ ହୋଇଛନ୍ତି। ଏହି ପୁରସ୍କାର ତା'ଙ୍କୁ ଅଧିକ ସମର୍ପିତ ଭାବରେ ଶିକ୍ଷାସେବାରେ ନିୟୋଜିତ କରିବାରେ ପ୍ରୋତ୍ସାହକ ହେବ ବୋଲି ପ୍ରତିକ୍ରିୟାରେ ଡ. ଶତପଥୀ ଜଣାଇବା ସହ ପ୍ରିୟ ଛାତ୍ର ସମାଜକୁ ଏହି ସମ୍ମାନ ଉତ୍ସର୍ଗ କରିଛନ୍ତି।

## ବାତ୍ୟା 'ଦାନା' ପାଇଁ ବିଜେପିର ସମସ୍ତ କାର୍ଯ୍ୟକ୍ରମ ବନ୍ଦ

### ସତର୍କ ରହିବା ଓ ଅନ୍ୟମାନଙ୍କୁ ସତର୍କ କରାଇବା




**ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ):** ବାତ୍ୟା 'ଦାନା'ର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ବୋଲି ଆକଳନ କରାଯାଇଛି। ଆମେ ସତର୍କ ରହିବା ଏବଂ ଅନ୍ୟମାନଙ୍କୁ ସତର୍କ କରାଇବା। ଏହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ପ୍ରସ୍ତୁତି ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରଶାସନ, ସରକାର, ଅଗ୍ନିଶମ, ଏନଡିଆରଏଫ, ଏସଡିଆରଏଫ ଉଦ୍ଧାରକାରୀ ଦଳ ସହଯୋଗରେ ବାତ୍ୟାର ପୂର୍ବ ଓ ପରବର୍ତ୍ତୀ ପରିସ୍ଥିତିର ମୁକାବିଲା କରିବା ପାଇଁ ପାର୍ଟିର କାର୍ଯ୍ୟକର୍ତ୍ତାମାନଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ପରାମର୍ଶ ଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାମଲ କହିଛନ୍ତି ଯେ, ରାଜ୍ୟରେ ବିଜେପି ସରକାର ବାତ୍ୟା ମୁକାବିଲା ପ୍ରସଙ୍ଗରେ ସବୁ ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି। ସେହିପରି ପାର୍ଟିର ସମସ୍ତ କାର୍ଯ୍ୟକର୍ତ୍ତାମାନେ ମଧ୍ୟ ପ୍ରସ୍ତୁତ ଅଛନ୍ତି। ବାତ୍ୟା ମୁକାବିଲା, ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯାଇ ଏହି ସମୟରେ ପାର୍ଟିର ସମସ୍ତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଛି। ପାର୍ଟିର ସମସ୍ତ ସାଂସଦ, ବିଧାୟକ, ନିର୍ବାଚିତ ଜନପ୍ରତିନିଧି, ରାଜ୍ୟ ପଦାଧିକାରୀ ଏବଂ କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ କରିବେ। ସାମାଜିକ ସଂଗଠନଗୁଡିକ ସମେତ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଏହି ବିପର୍ଯ୍ୟୟକୁ ମୁକାବିଲା କରିବା। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ପ୍ରଶାସନିକ କଳ ଲାଗିବ କିନ୍ତୁ ସାମାଜିକ ସଂଗଠନମାନେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବାକୁ ରାଜ୍ୟ ସଭାପତି ସାମଲ ଆହ୍ୱାନ ଜଣାଇଛନ୍ତି।

## ସାର ଅଭାବ ଖବର ଅମୂଳକ ଓ ବିଭ୍ରାନ୍ତିକର

**ନୂଆଦିଲ୍ଲୀ,୨୩।୧୦:** ସମଗ୍ର ଦେଶରେ ଡିଏପିର ଅଭାବ ଏବଂ ରବି ଫସଲ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ନିକଟରେ ଗଣମାଧ୍ୟମରେ ପ୍ରକାଶିତ କିଛି ଖବର ବିଭ୍ରାନ୍ତିକର, ଭୁଲ ଏବଂ ତଥ୍ୟବିହୀନ ବୋଲି କେନ୍ଦ୍ର ସରକାରଙ୍କ ରସାୟନ ଓ ସାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କୋଭିଡ୍ ସମୟରୁ ଡିଏପିର ସର୍ବାଧିକ ଖୁଚୁରା ମୂଲ୍ୟ (ଏମଆରପି) ୫୦ କିଗ୍ରା ବସ୍ତା ପିଛା ୧୩୫୦/- ଟଙ୍କା ରଖାଯାଇଥିବା ସ୍ପଷ୍ଟ କରାଯାଇଛି। ଏହାବ୍ୟତୀତ ଡିଏପି ଉପରେ ସବସିଡି ଆଦୌ ହ୍ରାସ କରାଯାଇନାହିଁ। ବରଂ କୃଷକଙ୍କ ହିତ ପାଇଁ ଦୁଇଟି କ୍ୟାବିନେଟ୍ ନିଷ୍ପତ୍ତି ମାଧ୍ୟମରେ ରବି ଋତୁ ୨୦୨୪ ପାଇଁ ସବସିଡି ବୃଦ୍ଧି କରାଯାଇଛି। ପ୍ରଥମତଃ, ମେଟ୍ରିକ ଟନ୍ ପିଛା ୩, ୫୦୦/- ଟଙ୍କା ଲେଖାଏଁ ସବସିଡି ଦେବା ଲାଗି ୨୬୨୫ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଇଛି ଯାହାଦ୍ୱାରା ଡିଏପିର କ୍ରୟ ପାଇଁ କମ୍ପାନୀଗୁଡ଼ିକ ଲାଗି ଦରକୁ ସ୍ଥିର ରଖାଯାଇପାରିବ ଏବଂ ମୂଲ୍ୟ ଅସ୍ଥିରତା କାରଣରୁ କମ୍ପାନୀ ସ୍ତରରେ କ୍ରୟ କ୍ଷମତା ପ୍ରଭାବିତ ହେବ ନାହିଁ। ଦ୍ୱିତୀୟତଃ, ଅନ୍ତର୍ଜାତୀୟ ବଜାରରେ ସାମଗ୍ରିକ ଭାବେ ଦର ବୃଦ୍ଧିକୁ ମୁକାବିଲା ଲାଗି ଅନ୍ୟ ଏକ କ୍ୟାବିନେଟ୍ ନିଷ୍ପତ୍ତି ଦ୍ୱାରା ସମର୍ଥିତ କରାଯାଇଛି, ଯେଉଁଥିରେ ସବସିଡିକୁ ବଜାର ମୂଲ୍ୟ ସହିତ ସଂଯୋଗ କରାଯାଇଛି। ତେଣୁ ବିଶ୍ୱ ବଜାରରେ ଡିଏପି ସମେତ ପିଆଣ୍ଡକେ ସାରର କ୍ରୟ ମୂଲ୍ୟ ବୃଦ୍ଧି ପାଇଲେ କଂପାନିଗୁଡ଼ିକର କ୍ରୟ କ୍ଷମତା ପ୍ରଭାବିତ ହେବ ନାହିଁ ଏବଂ ଚାଷୀ ହିଁ ଏହାର ସର୍ବୋତ୍ତମ ଲାଭ ପାଇପାରିବ। ଏହାବ୍ୟତୀତ ରବି ୨୦୨୪-୨୦୨୫ ପାଇଁ ମୋଟ ବଜେଟ୍ ଆବଣ୍ଟନକୁ ୨୪, ୪୭୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ ଯେ ଲୋହିତ ସାଗର ପରିବର୍ତ୍ତେ କେପ୍ ଅଫ୍ ଗୁଡ୍ ହୋପ୍ ଦେଇ ଜାହାଜଗୁଡ଼ିକ ଲମ୍ବା ମାର୍ଗରେ ଯାତାୟତ କରିବା ସମେତ ବିଭିନ୍ନ ପ୍ରକାର ଭୂ-ରାଜନୈତିକ କାରଣ ଯୋଗୁଁ ଡିଏପିର ଉପଲବ୍ଧତା କିଛି ମାତ୍ରାରେ ପ୍ରଭାବିତ ହୋଇଛି। ତେବେ ୨୦୨୪ ସେପ୍ଟେମ୍ବର-ନଭେମ୍ବର ମଧ୍ୟରେ ସାର ବିଭାଗ ପକ୍ଷରୁ ଏହାର ଉପଲବ୍ଧତା ଯଥେଷ୍ଟ ବୃଦ୍ଧି ପାଇଁ ବ୍ୟାପକ ପ୍ରୟାସ କରାଯାଇଛି।

## ବାତ୍ୟା ସଚେତନ କରାଉଛି ସୋଆ କମ୍ୟୁନିଟି ରେଡିଓ




**ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ):** ବଙ୍ଗୋପ ସାଗରରେ ଘୂର୍ଣ୍ଣିଝଡ଼ 'ଦାନା' ତୀବ୍ର ଗତିରେ ଓଡ଼ିଶା ଉପକୂଳ ମୁହାଁ ହେଉଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ଏହି ବିପଦପୂର୍ଣ୍ଣ ପରିସ୍ଥିତି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ନିମନ୍ତେ ସୂଚନା ପ୍ରଦାନ କରିବା ଜାରି ରଖିଛି। ଏଭଳି ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ବିପଦ ବିଷୟରେ ସଚେତନ କରାଇବା ସହ ସେମାନେ କ'ଣ କରିବେ ବା କ'ଣ ନ କରିବେ ସେ ଦିଗରେ ମଧ୍ୟ ଉପଦେଶ ଦେବାର ଆବଶ୍ୟକତା ରହିଛି ବୋଲି କମ୍ୟୁନିଟି ରେଡ଼ିଓ ସେଂଟରର ଇନ୍‌ଚାର୍ଜ ଶ୍ରୀମତି ହନି ପଟ୍ଟନାୟକ କହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ନିମନ୍ତେ ସଚେତନତା ସୃଷ୍ଟି କରାଇବା ନିମନ୍ତେ ସୋଆ କମ୍ୟୁନିଟି ରେଡ଼ିଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଗତ ୨୦୧୯ ମେ ୩ ତାରିଖରେ ବାତ୍ୟା 'ଫନି' ଯେତେବେଳେ ଓଡ଼ିଶା ଉପକୂଳରେ ପ୍ରଳୟ ରଚିଥିଲା ସେହି ସମୟରେ ସୋଆ କମ୍ୟୁନିଟି ରେଡ଼ିଓର ଆର୍‌ଜେ ଏବଂ ଅନ୍ୟାନ୍ୟ ବୈଷୟିକ କର୍ମକର୍ତ୍ତାମାନେ ଦିନ ରାତି କାର୍ଯ୍ୟ କରି ଜନସାଧାରଣଙ୍କୁ ସୂଚନା ପ୍ରଦାନ କରିଥିଲେ।

## ପୁରୀରେ ସ୍ଥିତି ସମୀକ୍ଷା କଲେ ପର୍ଯ୍ୟଟନ ସଚିବ



**ପୁରୀ,୨୩।୧୦(ସଂଚାର ବ୍ୟୁରୋ):** ବାତ୍ୟା ଦାନାର ପରିଚାଳନା ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଯୁକ୍ତ ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂ ଆଜି ପୂର୍ବାହ୍ନରେ ପୁରୀରେ ପହଞ୍ଚିଛନ୍ତି।ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ ପି ବିନୀତ ଅଗ୍ରୱାଲ ଙ୍କ ସହ ଆଲୋଚନା ପରେ ଶ୍ରୀ ସିଂ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ।କୋଣାର୍କ ଚନ୍ଦ୍ରଭାଗା ସ୍ଥିତ ବହୁମୁଖୀ ଆଶ୍ରୟ ସ୍ଥଳକୁ ପରିଦର୍ଶନ ସହ ଲୋକ ମାନଙ୍କ ପାଇଁ ଆନୁସଙ୍ଗିକ ସୁବିଧା ସୁଯୋଗ ବ୍ୟବସ୍ଥା ର ଅନୁଧ୍ୟାନ କରିଥିଲେ। ବିଦ୍ୟୁତ କଟିବାର ସମ୍ଭାବନା ଥିବା ରୁ ବିକଳ୍ପ ଆଲୋକ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ଚିକିତ୍ସା ସୁବିଧା ଇତ୍ୟାଦି ସମ୍ପର୍କରେ ସେ ଏନଏସି କର୍ତ୍ତୃପକ୍ଷ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ।ପରେ କୋଣାର୍କ ନୋଳିଆ ବସ୍ତି ଅନୁଧ୍ୟାନ କରି ବସ୍ତି ବାସିନ୍ଦା ମାନେ ସୁରକ୍ଷିତ ରହିବାକୁ ଆଶ୍ରୟ ସ୍ଥଳକୁ ଯିବାକୁ ପରାମର୍ଶ ଦେଇଥିଲେ।

## କର୍ମଚାରୀଙ୍କୁ ପ୍ରଶିକ୍ଷଣ ପାଇଁ ତ୍ରିପାକ୍ଷିକ ବୁଝାମଣା




**ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ):** ସରକାରୀ କର୍ମଚାରୀଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାର, ଭାରତ ସରକାରଙ୍କ ଦକ୍ଷତା ବିକାଶ ଆୟୋଗ (ସିବିସି) ଏବଂ କର୍ମଯୋଗୀ ଭାରତ ମଧ୍ୟରେ ଆଜି ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱର ଲୋକସେବା ଭବନସ୍ଥିତ ୨ୟ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହି ଚୁକ୍ତିନାମା ଆନୁଷ୍ଠାନିକ ଭାବେ ସ୍ୱାକ୍ଷରିତ ହୋଇଥିବା ସ୍ଥଳେ ଲୋକସେବା ଭବନ ପ୍ରଥମ ମହଲା ସ୍ଥିତ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ମିଳନୀ କକ୍ଷ ଓ ଅନ୍ୟ ବିଭିନ୍ନ ସ୍ଥାନରୁ ଅଂଶଗ୍ରହଣକାରୀମାନେ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ଯୋଗଦେଇଥିଲେ। ଏହି ତ୍ରୈପାକ୍ଷିକ ଚୁକ୍ତିନାମା ଓଡ଼ିଶାରେ ବିଶେଷ କରି ସିଭିଲ ସର୍ଭିସ୍ ସେବାରେ ନିଯୁକ୍ତି ପାଉଥିବା ସରକାରୀ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ଓଡ଼ିଶା ସରକାରଙ୍କ ତରଫରୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହା ନିର୍ଦ୍ଦେଶକ ଜି. ମାଥିଭାଥାନନ୍, ସିବିସିର ସଚିବ ତଥା 'କର୍ମଯୋଗୀ ଭାରତ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଭି.ଲଳିତା ଲକ୍ଷ୍ମୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୁଖ୍ୟ ଶାସନ ସଚିବ, ଓଡ଼ିଶା ମନୋଜ ଆହୁଜା, ଦକ୍ଷତା ବିକାଶ ଆୟୋଗର ମାନବ ସମ୍ବଳ ସଦସ୍ୟ ଡ. ଆର୍ ବାଲସୁବ୍ରମଣ୍ୟମ ପ୍ରମୁଖଙ୍କ ଯୋଗଦେଇଥିଲେ।

## ରମାଦେବୀ, ହରେକୃଷ୍ଣଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ

**ଭୁବନେଶ୍ୱର, ୨୩।୧୦:** ମା' ରମାଦେବୀ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ପ୍ରସ୍ତୁତିପର୍ବ ଚାଲିଛି। ଏଠାରେ ଉଲ୍ଲେଖନୀୟ ଯେ ୧୮୯୯ ମସିହାର ଡିସେମ୍ବର ୩ତାରିଖରେ ରମାଦେବୀ ଜନ୍ମ ହୋଇଥିବାବେଳେ ସେହିବର୍ଷ ନଭେମ୍ବର ୨୧ତାରିଖରେ ହରେକୃଷ୍ଣ ମହତାବଙ୍କ ଜନ୍ମ।

ସ୍ୱାଧୀନତା ଆନ୍ଦୋଳନରେ ଉଭୟଙ୍କର ବେଶ୍ ଯୋଗଦାନ ରହିଥିଲା। ଉଭୟଙ୍କ ପରିବାରର ବହୁ ସଦସ୍ୟ ସ୍ୱାଧୀନତା ଆନ୍ଦୋଳନ କାଳରେ କାରାବରଣ କରିଥିଲେ। ଏହି ଦୁଇ ଯୋଗଜନ୍ମା ପ୍ରାକ୍ ସ୍ୱାଧୀନତା କାଳରେ ରାଜ୍ୟ କଂଗ୍ରେସର ବାରମ୍ବାର ନେତୃତ୍ୱ ନେଇଥିଲେ। ତେବେ ମା' ରମାଦେବୀ କ୍ଷମତା ରାଜନୀତିରୁ ଦୂରରେ ରହି ଗାନ୍ଧୀଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମ, ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନ ଓ ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନରେ ସମର୍ପିତ ଭାବେ କାର୍ଯ୍ୟକାରିବା ସହ ଉତ୍କଳ ଗୌରବ ମଧୁସୂଦନ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ନିକଟ ବଳୟରେ ମଧ୍ୟ କାମ କରିଥିଲେ।

ମହତାବ କିନ୍ତୁ କଲେଜ ପାଠପଢ଼ା ଛାଡି ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିବାବେଳେ ରମାଦେବୀଙ୍କ ପତି ଗୋପବନ୍ଧୁ ଚୌଧୁରୀ ସରକାରୀ ଚାକିରିରୁ ଇସ୍ତଫା ଦେଇ ଓ ତାଙ୍କ ଦିଅର ନବକୃଷ୍ଣ ଚୌଧୁରୀ କଲେଜ ଛାଡି ଆନ୍ଦୋଳନରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ନବକୃଷ୍ଣଙ୍କ ପତ୍ନୀ ମାଳତୀ ଦେବୀ ଏବଂ ଏହି ପରିବାରର ସନ୍ତାନ ମନମୋହନ, ଅନ୍ନପୂର୍ଣ୍ଣା, ଉତ୍ତରା ଆଦି ମଧ୍ୟ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ୧୯୨୨ରୁ ୧୯୪୨ ପର୍ଯ୍ୟନ୍ତ ବିଭିନ୍ନ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି ମହତାବ ଜେଲ ଯାଇଥିବାବେଳେ ତାଙ୍କ ପତ୍ନୀ ସୁଭଦ୍ରା ଦେବୀ, ସାନଭାଇ ଗୋପୀନାଥ ଦାସ ଓ ଭଉଣୀ ମଇନା ବିବି




ମଧ୍ୟ କାରାବରଣ କରିଥିଲେ।

ଜରୁରୀ ପରିସ୍ଥିତିକୁ ଉଭୟ ପରିବାର ବିରୋଧ କରୁଥିଲେ ଏବଂ ଏଥିରେ ମହତାବଙ୍କ ସମେତ ମନମୋହନ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ ଆଦି କାରାବରଣ କରିଥିଲେ। ଡକ୍ଟର ମହତାବ ବିଭିନ୍ନ ସମୟରେ ବାଲେଶ୍ୱର ଜିଲ୍ଲା ବୋର୍ଡ ଠାରୁ ଆରମ୍ଭକରି ଓଡ଼ିଶା ବିଧାନସଭାର ସଦସ୍ୟ ହେବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟପାଳ ଆଦି ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

ଅନ୍ୟ ପକ୍ଷରେ ମା' ରମାଦେବୀ ଗାନ୍ଧୀଜୀଙ୍କ ଦ୍ୱାରା ହରିଜନ ସେବକ ସଂଘ, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକନିଧି ଆଦି ବିଭିନ୍ନ ଜାତୀୟ ସଂଗଠନରେ ସୁଚାରୁ ରୂପେ କାମ କରିବା ସହ ସେବା ଓ ସଂଗ୍ରାମର କ୍ଷେତ୍ରରେ ସ୍ୱତନ୍ତ୍ର ସ୍ୱାକ୍ଷର ଛାଡି ଯାଇଛନ୍ତି। ଏବେ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନପାଇଁ ସରକାରୀ ସ୍ତରରେ ଉଦ୍ୟମ ଚାଲିଥିବାବେଳେ ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଇଁ ବେସରକାରୀ ସ୍ତରରେ ଅଧିକ ଆଗ୍ରହ ପ୍ରକାଶ ପାଉଛି। ଏହି ଦୁଇ ବିଶିଷ୍ଟ ବ୍ୟକ୍ତିଙ୍କ ସ୍ମାରକୀ ସହ ଜଡିତ ପୀଠଗୁଡିକରେ ବର୍ଷବ୍ୟାପି ଅନେକ କାର୍ଯ୍ୟକ୍ରମ ହେବାର ସୂଚନା ମିଳୁଛି। (ତଥ୍ୟ)

## ଜୀବନ ଅମୃତ ଅନୁଚିନ୍ତା

ପୂର୍ଣ୍ଣଭକ୍ତି-ନିଜକୁ ଶୂନ୍ୟ କରିଦେଇ ମୋତେ ଏପରି ଭକ୍ତି କର ଯେ ଦେଖିବ ଦିନେ ମୁଁ ମୋର ସର୍ବସ୍ୱ ତୁମକୁ ସମର୍ପି ଦେଇ ମୁଁ ନିଜକୁ ଶୂନ୍ୟ ହୋଇ ତୁମର ଦାସ ବନି ଭିକ୍ଷାପାତ୍ର ଧରି ଠିଆ ହୋଇଛି ତୁମ ଦାଣ୍ଡଦୁଆରେ, ତୁମ ଦରଶନ କରି ନିଜକୁ ଧନ୍ୟ ମଣି ପୁଣ୍ୟ ସଂଚିବା ପାଇଁ।

SANCHAR
ସଂଚାର

ଗୁରୁବାର ୨୪ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Thursday 24 October 2024 Bhubaneswar




# ପ୍ରତିରକ୍ଷା କ୍ଷେତ୍ରରେ ଗେମଚେଞ୍ଜର

ଆମେରିକା ଓ ଚୀନ ଭଳି ଦେଶର ଆର୍ଥିକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ୍ୟ ଚୀନ ଓ ଆମେରିକା ଏପରିକି ଋଷିଆ ମଧ୍ୟ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧ୍ୟରେ ଭାରତୀୟ ବାୟୁସେନା ଆଉ କିଛି ଲଢୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ୍ୟ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ୍ୟ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍ଥିକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ଏହା ଭାରତ ସରକାରଙ୍କ ଦୂରଦୃଷ୍ଟିକୁ ପ୍ରମାଣିତ କରୁଛି। ସୀମା ସୁରକ୍ଷିତ ରହିଲେ ଭାରତର ସାର୍ବଭୌମତ୍ୱ ସୁରକ୍ଷିତ ରହିବ, ଆମେ ସୁରକ୍ଷିତ ରହିପାରିବା।

## ସମ୍ପାଦକଙ୍କୁ ପତ୍ର

### ରାଜକୋଷ ଲୁଟ୍ ହେଉଛି

*ମହାଶୟ,*

ଓଡ଼ିଶାର ଦୁର୍ଗତିର ଏକ ମୁଖ୍ୟ କାରଣ ହେଲା ସବୁ କ୍ଷେତ୍ରରେ ଠିକାଦାରୀ। ବିଶେଷ କରି ବିଭିନ୍ନ ଇଞ୍ଜିନିୟରିଂ ବିଭାଗରେ ଚାଲୁଥିବା କୋଟି କୋଟି ଟଙ୍କାର କାର୍ଯ୍ୟରେ ଠିକାଦାରମାନେ ଯେପରି ବିପୁଳ ଲାଭ ଉଠାଉଛନ୍ତି ଏବଂ ପିସି କାରବାର ଚାଲିଛି ତାହା ରାଜକୋଷକୁ ଲୁଟ କହିଲେ ଭୁଲ ହେବନି। ଯେଉଁ କାମ କୋଟିଏ ଟଙ୍କାରେ ହେବା କଥା ସେଥିପାଇଁ ୧୦ କୋଟି ଖର୍ଚ୍ଚ ହେଉଛି। ଆଖିରେ ଆଙ୍ଗୁଠି ଗେଞ୍ଜି ଯନ୍ତ୍ରୀ, ମନ୍ତ୍ରୀ, ଠିକାଦାର, ସରକାରୀ କର୍ମଚାରୀ ରାଜ୍‌କୋଷକୁ ଦିନ ଦ୍ୱିପ୍ରହରରେ ଲୁଟ କରୁଛନ୍ତି। ଠିକା ବ୍ୟବସ୍ଥା ଯୋଗୁଁ ଯେତିକି ଟଙ୍କା ବରବାଦ ହେଉଛି ସେଥିରେ ବହୁ ସ୍କୁଲ, କଲେଜ, ହସ୍ପିଟାଲ ହୋଇପାରନ୍ତା। ଅନେକ ଶିଳ୍ପ ପ୍ରତିଷ୍ଠା ହୋଇପାରନ୍ତ ଯେଉଁଥିରେ ଅନେକ ନିଯୁକ୍ତି ସୁଯୋଗ ପାଇପାରିବେ। ଗାଁ ଗାଁରେ ହସ୍ପିଟାଲ ପ୍ରତିଷ୍ଠା ସହ କୃଷକଙ୍କୁ ସାର, ବିହନ ଏବଂ କୀଟନାଶକ ଯୋଗାଇ ଦିଆଇପାରନ୍ତା। ଯେ ପର୍ଯ୍ୟନ୍ତ ରାଜ୍ୟରୁ ଠିକାଦାରୀ ବ୍ୟବସ୍ଥା ନହଟିଛି ସେ ପର୍ଯ୍ୟନ୍ତ ବିକାଶ ସମ୍ଭବ ନୁହେଁ।

**ଜ୍ୟୋତିରଞ୍ଜନ ପଟ୍ଟନାୟକ, ଗୌତମ ନଗର, ଭୁବନେଶ୍ୱର**

# ରାଜନୀତିରେ ମହିଳାଙ୍କ ସ୍ଥାନ କେଉଁଠି?



**ସୁବାସ ଷଡଙ୍ଗୀ**



ରାଜନୀତିରେ ମହିଳାଙ୍କ ସ୍ଥାନ କେଉଁଠି? ଏମିତି ଦେଖିବାକୁ ଗଲେ ସାରା ପୃଥିବୀରେ ନେତ୍ରୀ ହିସାବରେ ମହିଙ୍କ ଗ୍ରହଣ ଯୋଗ୍ୟତା କମ। ଦଳର ମତାଦର୍ଶ ଯାହା ହେଉନା କାହିଁକି, ଦଳ ଭିତରେ ନିଜର ଅବସ୍ଥାନକୁ ଜାହିର କରିବା ମହିଳାଙ୍କ ପାଇଁ ଖୁବ କଷ୍ଟସାଧ୍ୟ। ରାଜନୀତି ହେଲା ବାହାର ଜଗତ। ଘରର ମହିଳାମାନେ ଏସବୁ ବିଷୟରେ ମୁଣ୍ଡ ଖେଳେଇବା ଅନୁଚିତ। ବିଭିନ୍ନ ସମୀକ୍ଷାରୁ ଜଣାଯାଇଛି, ଭାରତରେ ପୁରୁଷମାନେ ମହିଳାଙ୍କୁ ହୀନ ଦୃଷ୍ଟିରେ ଦେଖନ୍ତି। ଗ୍ଲୋବାଲ ଜେଣ୍ଡର ଗ୍ୟାପ ରିପୋର୍ଟ ଅନୁଯାୟି ଲିଙ୍ଗ ସମାନତରେ ଭାରତର ସ୍ଥାନ ୧୮୪ଟି ଦେଶ ମଧ୍ୟରେ ୧୨୯। ଏହାର ଏକ ବଡ ଉଦାହରଣ ହେଉଛି ଆଇନ ସଭାରେ ମହିଳାଙ୍କ ପ୍ରତିନିଧିତ୍ୱ ଅତି ଶୋଚନୀୟ। ଆମ ଦେଶରେ ୧୯୫୭ ମସିହାରେ ଦ୍ୱିତୀୟ ସାଧାରଣ ନିର୍ବାଚନ ହୋଇଥିଲା। ସେଥିରେ ମହିଳାଙ୍କ ସଂଖ୍ୟାଥିଲା ମାତ୍ର ତିନି ଶତାଂଶ। ୨୦୨୪ ମସିହା ସାଧାରଣ ନିର୍ବାଚନରେ ତାହା ବଢ଼ି ହୋଇଛି ମାତ୍ର ଦଶ ଶତାଂଶ। ଏବେର ଲୋକସଭା ନିର୍ବାଚନରେ ମହିଳା ସଦସ୍ୟାଙ୍କ ସଂଖ୍ୟା ମାତ୍ର ୭୪। ଶତାଂଶ ହିସାବରେ ୧୩.୬। ୨୦୧୯ ଲୋକସଭା ନିର୍ବାଚନ ତୁଳନାରେ ସାମାନ୍ୟ କମ।

ଅନେକ ଦିନ ଧରି ଲୋକସଭା ନିର୍ବାଚନରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ନେଇ ବିତର୍କ ଚାଲିଛି। ଲୋକସଭା ଓ ବିଧାନସଭାରେ ଏକ ତୃତୀୟାଂଶ ଆସନ ମହିଳଶଙ୍କ ପାଇଁ ସଂରକ୍ଷଣ ରହିବ, ଏଇ ମର୍ମରେ ୨୦୨୩ ମସିହାରେ ଏକ ଆଇନ ପାସ ହୋଇଥିଲା। ମାତ୍ର ତାହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଆଗେ ଜନଗଣନା ହେବ, ସେଇ ଅନୁସାରେ ଡିଲିମିଟେସନରେ ଲୋକସଭା ଓ ବିଧାନସଭାର ଆସନ ସଂଖ୍ୟା ପୁନର୍ନିର୍ଦ୍ଧାରିତ ହେବା ପରେ ଯାଇ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କଥା ଉଠିବ। ପୂର୍ବଥରକ ଯେଉଁ ଡିଲିମିଟେସିନ କମିଶନ ବସିଥିଲା, ତାଙ୍କୁ ରିପୋର୍ଟ ଦେବାକୁ ଲାଗିଥିଲା ପାଞ୍ଚବର୍ଷ। ଏଣୁ ୨୦୨୯ ମସିହା ସାଧାରଣ ନିର୍ବାଚନ ବେଳକୁ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ କଥା ଚିନ୍ତା କରାଯାଇ ନପାରେ।

ଆଉ ଗୋଟାଏ କଥା। ସାଂସଦ ହେଲେ ବି ମହିଳାମାନେ ସଂସଦରେ ମୁହଁ ଖୋଲନ୍ତି ନାହିଁ। ଏମିତି ଯୁକ୍ତି ଅନେକ ନେତା କରନ୍ତି। ନାରୀବାଦୀ ଅର୍ଥନୀତିବିଦ ବୀଣା ଅଗ୍ରୱାଲଙ୍କ ଗବେଷଣା ଅନୁଯାୟି, ଯେଉଁ କେତେଜଣ ମହିଳା ସାାଂସଦ ଅଛନ୍ତି, ସେମାନଙ୍କ ମଧ୍ୟରୁ ଖୁବ କମ ମହିଳା ବିଭିନ୍ନ ଆଲୋଚନାରେ ଭାଗ ନିଅନ୍ତି। ସାଧାରଣଭାବେ ଦେଖାଯାଏ, ମହିଳା ବା ଶିଶୁ, ସ୍ୱାସ୍ଥ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଭଳି କମ ଗୁରୁତ୍ୱ ଥିବା ପ୍ରସଙ୍ଗ ଉପରେ ଆଲୋଚନାରେ ଭାଗ ନିଅନ୍ତି। ବଜେଟ ବା ରାଜନୀତି ହେଉଥିବା ନିର୍ବାଚନରେ ଜମା ନୁହେଁ। ଲୋକସଭାର ବିଭିନ୍ନ ପ୍ରଶ୍ନ ଉପରେ ଗବେଷଣା କରୁଥିବା ସଦିୟ ହୁସେନଙ୍କ ମତ ହେଲା, ବିଦେଶ ନୀତି, ସ୍ୱରାଷ୍ଟ୍ର ବା ରେଳ ବିଭାଗର ଆଲୋଚନାରେ କମ ମହିଳା ସାଂସଦ ଭାଗ ନିଅନ୍ତି। ବେଶୀ ଭାଗ ନିଅନ୍ତି, ମହିଳାଙ୍କ ସମ୍ପର୍କରେ ହେଉଥିବା ଆଲେଚନାରେ।

ତାଙ୍କ ମତରେ ୧୯୬୦-୬୧ ବେଳକୁ ଯେଉଁ ମହିଳା ସାଂସଦ ଥିଲେ, ସେମାନେ କିନ୍ତୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ହେଉଥିବା ଆଲୋଚନାରେ ଭାଗ ନେଉଥିଲେ। ତଥାପି ସେମାନଙ୍କ ଅଧିକ କହିବାକୁ ସୁଯୋଗ ଦିଆଯାଉ ନଥିଲା। ରାଜନୈତିକ ଦଳଗୁଡ଼ିକର ବଡ ନେତାମାନେ ସେମାନଙ୍କୁ କହିବାକୁ ସୁଯୋଗ ଦେଉନଥିଲେ। ଜାତୀୟ ରାଜନୀତିରେ ଯେଉଁ କେତେଜଣ ମହିଳା, ନିଜର ଆଧିପତ୍ୟ ଜାହିର କରିବାକୁ ସକ୍ଷମ ହୋଇଥିଲେ, ସେମାନେ ସଭିଏଁ ପାରିବାରିକ ରାଜନୀତିରୁ ଆସିଥିଲେ। ଅଥବା ସେମାନଙ୍କ ସ୍ୱାମୀମାନେ ଜାତୀୟ ରାଜନୀତିରେ ବେଶ ସକ୍ରିୟ ଥିଲେ, ସେଥିପାଇଁ ଏଇ ମହିଳା ସାଂସଦଙ୍କୁ ଆଲୋଚନାରେ ଗୁରୁତ୍ୱ ଦିଆଯାଉଥିଲା।

ଗବେଷକମାନଙ୍କର ମତ ହେଉଛି, କେବଳ ଆସନ ସଂରକ୍ଷଣ କରିଦେଲେ ଯେ ମହିଳାମାନେ ଉପଯୁକ୍ତ ନେତୃତ୍ୱ ପାଇଯିବେ, ଏପରି ଭାବିବା ଭୁଲ। ଏବେ ସମ୍ଭ୍ରାନ୍ତ ବଂଶର ମହିମାନେ ରାଜନୀତି କରୁଛନ୍ତି। ମହିଳାଙ୍କ ପାଇନ୍ଦ୍ରା ଆସନ ସଂରକ୍ଷଣ ବବଲଟି ସମାଜବାଦୀ ଓ ଆରଜେଡିର ବିରୋଧ ଯୋଗୁଁ ଗଅହୀତ ହୋଇ ପାରି ନଥିଲା। ସେମାନଙ୍କ ଯୁକ୍ତି ଥିଲା, ସଂରକ୍ଷଣର ପୁରା ସୁବିଧା କେବଳ ଉଚ୍ଚବର୍ଣ୍ଣର ମହିଳାମାନେ ପାଇବେ। ୧୯୫୨ ମସିହାରୁ ଆଜି ପର୍ଯ୍ୟନ୍ତି ହୋଇଥିବା ନିର୍ବାଚନରେ ମାତ୍ର କୋଡିଏ ଜଣ ମୁସଲିମ ମହିଳା ସାଂସଦ ହେବାକୁ ସକ୍ଷମ ହୋଇପାରିଛନ୍ତି। ଏଣୁ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯିବା ଦରକାର।

ଏତେ ସଂଘର୍ଷ ପରେ ଯେଉଁମାନେ ସାଂସଦ ହୋଇ ପାରିଛନ୍ତି, ସେମାନଙ୍କର ଅଭିଜ୍ଞତା କଣ? ୩୯ଟି ଦେଶର ୫୫ ଜଣ ମହିଳା ସାଂସଦମାନଙ୍କୁ ଗୋଟିଏ ସମ୍ବାଦ ସରବରାହ ସଂସ୍ଥା ପକ୍ଷରୁ କିଛି ପ୍ରଶ୍ନ ପଚରାଯାଇଥିଲା। ୨୦୧୬ ରେ ପ୍ରକାଶିତ ରିପୋର୍ଟ ଅନୁଯାୟି ଶତକଡ଼ା ୮୨ ଭାଗ ମହିଳା, ଅଭିଯୋଗ କରିଥିଲେ ଯେ ସେମାନଙ୍କୁ ମାନସିକ ଯନ୍ତ୍ରଣା ଦିଆଯାଏ। ଶତକଡା ୨୨ ଭାଗ ମହିଳା ଯୌନ ନିର୍ଯ୍ୟାତନା କଥା ମଧ୍ୟ କହିଥିଲେ। ଅବଶ୍ୟ ଏହା ସାରା ବିଶ୍ୱର କଥା। ଏପରି ଅବସ୍ଥାରେ ଯେଉଁ ମହିମାନେ ସାଂସଦ ହେବେ, ସେମାନଙ୍କ କଥା କଣ କହିବା?

ବର୍ତ୍ତମାନର ରାଜନୈତିକ ଅବାସ୍ଥା ଯାହା ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥା ୨୦୩୪ ନିର୍ବାଚନ ବେଳକୁ ଲାଗୁ ହୋଇପାରେ। ସେତେବେଳକୁ ରାଜନୀତିର ଗତି କୁଆଡେ କିଏ ସେକଥା କହିବ? ଆମ ଓଡ଼ିଶାରେ ନବୀନ ପଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ମହିମାନଙ୍କୁ ଗୁରୁତ୍ୱ ଦେଇଥିଲା। ୨୦୧୯ ନିର୍ବାଚନରେ ତେତିଶ ଭାଗ ମହିଳା ପ୍ରାର୍ଥୀ ଦେଇଥିଲା। ସଫଳତା ପାଇଥିଲା। କିନ୍ତୁ ତାହା ରହି ପାରିଲା ନାହିଁ। ୨୦୨୪ ନିର୍ବାଚନରେ ପୁରା ଧୋଇ ହୋଇଗଲା। ଏବେ ବିଜେପି ସରକାର ଜଣେ ମହିଳାଙ୍କୁ ଉପମୁଖ୍ୟମନ୍ତ୍ରୀ କରି ଦର୍ଶାଇବାକୁ ଚାହେଁ ଯେ ବିଜେପି ମଧ୍ୟ ମହିଳାଙ୍କୁ ଉପଯୁକ୍ତ ଗୁରୁତ୍ୱ ଦିଏ। ମାତ୍ର ଶେଷ ପର୍ଯ୍ୟନ୍ତି କଣ ହେଉଛି ଦେଖାଯାଉ।

**ମୋବାଇଲ୍: ୯୪୩୯୬୫୨୩୨୨**

# ଚେହେରା ଦେଖି ସମ୍ପର୍କ ଯୋଡ଼ନା



**ଦିପ୍ତିମୟୀ ନାୟକ**

ମଣିଷ ଗୋଟେ ବହୁମୁଖୀ ପ୍ରତିଭା। ସେ କେତେବେଳେ କାହା ଆଗକୁ କେଉଁ ରୂପରେ ନିଜକୁ ପରିବେଷଣ କରିଥାଏ। ତାହା କାହାକୁ ଜଣା ନଥାଏ। ଅନେକ ସମୟରେ ଆମ ବିଶ୍ୱାସନୀୟ ବନ୍ଧୁ ହୁଅନ୍ତୁ କି ସମ୍ପର୍କୀୟ। ସବୁ ନିଜ ନିଜ ଜାଲରେ ନିଜେ କବଳିତ ହୋଇ ଅନ୍ୟକୁ ଫସାଇବା ପାଇଁ ଗାତ ଖୋଳିଥାନ୍ତି। କିନ୍ତୁ ସେମାନେ ହୁଏତ ଭୁଲି ଯାଇଥାନ୍ତି ଅନ୍ୟ ପାଇଁ ଗାତ ଖୋଳିଲେ ନିଜେ ସେହି ଗାତରେ ପଡ଼ିବାକୁ ହୋଇଥାଏ।

ତେଣୁ ଗୋଟେ ସଚେତନ ମଣିଷ ହିସାବରେ ତୁମେମାନେ ଏହି ସବୁ ଦିଗରେ ତୁମେ ନିଜକୁ କେତେ ସଚେତନ ରଖିଛ ଟିକେ ଭାବ ତାପରେ ଅନ୍ୟମାନଙ୍କୁ ସଚେତନ କରେଇବାକୁ ଚେଷ୍ଟା କରିବ। କାହିଁକି ନା ଏବେ ପ୍ରତ୍ୟେକ ଚେହେରା ପଛରେ ଭିନ୍ନ ଏକ କାହାଣୀ ଲୁଚି ରହିଛି। ସବୁ ଲୋକ ସମାନ ନୁହଁନ୍ତି କି ଦାନଧର୍ମ କରିଦେଲେ କିମ୍ବା ବୁଦ୍ଧି-ବିଚାରରେ ଜ୍ଞାନୀ ହୋଇଗଲେ ଚଳିବନି ବରଂ ମଣିଷକୁ ତା ଚିନ୍ତନ ଶକ୍ତି ହିଁ କହିଥାଏ ସେ କେତେ ବୁଝିଲା ୱାଲା ନହଲେ ଏବେତ କିଛି ମଣିଷ ହିଂଶୁକ ହେବାରେ ଲାଗିଛନ୍ତି। ଉପରକୁ ଭଲ ହୋଇ ଲୋକଙ୍କ ଆଖିରେ ଅନ୍ଧ ପୁଟୁଳି ବାନ୍ଧୁଛନ୍ତି। ଏକଥା କାହାକୁ ଅଛପା ନଥାଏ। ଏବେତ ଏହି ମାନେ ହିଁ ଆଜିର ସମାଜରେ ତାଣ୍ଡବ ରଚୁଛନ୍ତି। ଏମାନେ କୌଣସି ବାତ୍ୟା ନୁହଁନ୍ତି କିନ୍ତୁ କଥା ଏମିତି କହିବେ ଯେମିତି ପବନ ବାଡ଼େଇକି ପଳେଇବ। ତଥାପି ପବନ ଭଳି କଥା ଶୁଣିବାକୁ ଏଠି ଅନେକ ଅନେଇକି ବସିଛନ୍ତି।

ବାପ-ମା'ଙ୍କ କଥା ଅରୁଚିକ ଲାଗୁଛି। ଓଠ ତଳୁ ଗରଗର ଶବ୍ଦ ଆସୁଛି ତଥାପି ଏ ପିଲା ବାପ-ମା'ଙ୍କର ପ୍ରିୟ ସନ୍ତାନ ହୋଇ ବାହାରେ ମୁଣ୍ଡ ଟେକି ବୁଲୁଛନ୍ତି। ଯେଉଁ ବାପ-ମା' ମାନେ କୁହନ୍ତି ଆମ ପିଲା ଏତେ ଭଲ ସେତେ ଭଲ ଆଜ୍ଞା ସେହି ବାପ-ମା'ଙ୍କର ପିଲା ସେମାନଙ୍କୁ ମାନୁନଥାନ୍ତି କାରଣ ଏମାନେ ପା ମୁହଁ ବଢ଼େଇ ଦେଇଛନ୍ତି। ଆଉ ଯେଉଁ ବାପ-ମା' ମାନେ କୁହନ୍ତି ଆମ ପିଲା ମାନୁନି ସତରେ ସେମାନଙ୍କର ପିଲା ବହୁତ ଭଲ ହୋଇଥାନ୍ତି। ତେବେ ଏଠି ସମସ୍ତଙ୍କର ମତଭେଦ ଅଲଗା ହେବାସହ ବୁଝିବା ଆଉ ବୁଝାଇବା ଶକ୍ତି ମଧ୍ୟ ଅଲଗା ହୋଇଥାଏ।

ତେବେ ପ୍ରତ୍ୟେକ ଚେହେରା ଭିତରେ ଆଗ ଆମେ ନିଜକୁ ଖୋଜିବା। ନିଜକୁ ଖୋଜି ଆଗ ନିଜକୁ ଚିହ୍ନିବା। ସତରେ ଆମେ କଣ କେବେ କିଛି ଭୁଲ କରିନେ ନା ଅକାଟ ଶାସନ ଭିତରେ ରହିନେ। ହଁ



ଏବେ ଆକଟ ଶାସନ ଅବା କିଏ କରୁଛି ଏମାନେ ହେଲେ ଆଧୁନିକତା ଚାକଚକ୍ୟ ଭିତରେ ବଢ଼ିଥିବା ପିଲା। ଏମାନଙ୍କୁ ବାପ-ମା' ଆଖି ଦେଖେଇଦେଲେ ଏମାନେ ବାପ-ମା'ଙ୍କୁ ଆଖି ଦେଖେଇ ଦେବେ। ବାପ-ମା' ତ ଜନ୍ମ ଦେଇଛନ୍ତି ତେଣୁ ପିଲା ଆଖି ଦେଖେଇଲେ ବି ତାର ଲକ୍ଷେ ଦୋଷକୁ ଭୁଲି ତାକୁ କୋଳେଇ ନେଇଯାନ୍ତି।

ତେବେ ଘର କଥା ଛାଡ଼ନ୍ତୁ। ଏବେ ଟିକେ ବାହାର ଦୁନିଆର ବାହାର ଲୋକଙ୍କୁ ଦେଖିବା। ଲୋକମାନେ କୁହନ୍ତି ଚେହେରା ଦେଖିଲେ ତାଙ୍କର ଗୁଣ ପରଖି ହୁଏ କିନ୍ତୁ କାହିଁକି କେଜାଣି ମୁଁ ଆଜିଯାଏ ଯେତେକ ଚେହେରା ଦେଖେ ଧୋକା ଖାଇଯାଏ କାରଣ ହେଲା ଆଜିର ପିଲା ଘରେ ଉତ୍ପାତ ବାହାରେ ଭଲ। ଯଦି ଘରେ ଭଲ ହେଇପାରୁନ ତାହାଲେ କାହାକୁ ଖୁସି କରେଇବା ପାଇଁ କାହିଁକି ଏତେ ନାଟକ କରୁଛ। ନିଜକୁ ବଦଳାଅ। ଚେହେରା କ୍ଷୀଣସ୍ଥାୟୀ ନୁହେଁ। କିଛି ମହତ ଉଦେଶ୍ୟରେ ଯଦି କୌଣସି କାମ କରାଯାଏ ତେବେ ସେହି କାମ କ୍ଷୀଣସ୍ଥାୟୀ ହୋଇଥାଏ। ଲୋକ ମଲା ପରେ ବି ତାକୁ ଲୋକ ଝୁରିବେ ତା ଚେହେରାକୁ ନୁହେଁ।

ଆଜିର ଦୁନିଆରେ ସମସ୍ତଙ୍କର ସୌନ୍ଦର୍ଯ୍ୟତାକୁ ନେଇ ସମସ୍ତଙ୍କର ଗର୍ବ। କାରଣ ଏମାନେ ପଟେଇ ପାରିବେ ଆଉ ବେଳ ପାଇଲେ ଫସେଇବି ପାରିବେ। ତେଣୁ ଚେହେରାକୁ ଦେଖି ଚେହେରା ପଛରେ ବାୟା ହୁଅ ନାହିଁ ନହଲେ ସେହି ଚେହେରା ହିଁ ସର୍ବନାଶର କାରଣ ହୋଇଯିବ। ଅନଲାଇନ ଠକେଇ ଠାରୁ ଅନଲାଇନ ପ୍ରେମ ଆଉ ତାର ପରିଣାମ ସମସ୍ତେ ଜାଣନ୍ତି। ତେଣୁ ଲୋକଙ୍କ ଚେହେରା ଦେଖିବା ଆଗରୁ ଆଗ ତାଙ୍କୁ ଟିକେ ଜାଣ ସେ କେଉଁ ସ୍ୱଭାବର ଲୋକ। ସେ କଣ ଚାହେଁ। ସେ ବ୍ୟକ୍ତିଗତ ଭାବରେ କେତେ ଭଲ ଲୋକଙ୍କ ଠାରୁ ମଧ୍ୟ ବୁଝିବାକୁ ଚେଷ୍ଟା କର। ସାଙ୍ଗ ହେଲେ ହୁସିଆର ଥାଅ ଭଲ ବନ୍ଧୁ ସହ ମିତ୍ରତା କର ଆଉ ମନ୍ଦ ବନ୍ଧୁଙ୍କ ଠାରୁ ଦୂରେଇ ରୁହ। ସବୁ ଲୋକ ଭଲ ଲୋକ ନୁହଁନ୍ତି କି ସବୁ କାଗଜ ଖବର କାଗଜ ନୁହେଁ ତେଣୁ ପାଠକ ହିଁ ବୁଝିଥାଏ କେଉଁଟା କାଗଜ ଆଉ କେଉଁଟା ଖବର କାଗଜ। ଠିକ ସେହି ପରି ତୁମେମାନେ ମଧ୍ୟ ବୁଝିବାକୁ ଚେଷ୍ଟା କର ଆଜିର ଦୁନିଆରେ କିଏସେ ଭଲ ଆଉ କିଏ ସେ ମନ୍ଦ।

**ଅନ୍ଧାରୁଆ, ଭୁବନେଶ୍ୱର**
**ମୋବାଇଲ୍: ୯୦୯୦୬୬୧୫୮୬**

# ଦଶହରାର ନିଆରା ପରମ୍ପରା 'ବଳଦଯାତ୍ରା'

**ଏପି ଶୁଭକାନ୍ତ ସାମଲ**

ଏସିଆ ମହାଦେଶର ସବୁଠାରୁ ବଡ ଗାଁ ଭୁବନ ସର୍ବକନିଷ୍ଠ ସହିଦ ବାଜି ରାଉତ ଏବଂ ପିତ୍ତଳ କାରିଗରୀ ପାଇଁ ବିଶ୍ୱରେ ପ୍ରସିଦ୍ଧ। ୧୯୭୨ରେ ଏହା ଏନ୍‌ଏସିରେ ପରିଣତ ହୋଇଥିଲା କିନ୍ତୁ ତଥାପି ଏଠାର ଲୋକମାନେ ଆଜି ବି ଆଧୁନିକୀକରଣରେ ମଧ୍ୟ ନିଜ ପରମ୍ପରାକୁ ଭୁଲିନାହାଁନ୍ତି। ଅନ୍ୟ ଗ୍ରାମବାସୀଙ୍କ ପରି ଏଠାକାର ଅଧିବାସୀମାନେ ଦୋଳଯାତ୍ରା, ଲକ୍ଷ୍ମୀପୂଜା, ବାଲିଯାତ୍ରା, ଦଶହରା, ଶୀତଳଷଷ୍ଠୀ, କାଳୀପୂଜା, ଗଣେଶପୂଜା, ହିଙ୍ଗୁଳାଯାତ୍ରା, ଜାଗର ଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀ ପାଳନ କରିଥାନ୍ତି। ତେବେ ସବୁ ପର୍ବପର୍ବାଣୀ ମଧ୍ୟରେ ଭୁବନର ଦଶହରା ପର୍ବ ଅନ୍ୟମାନଙ୍କଠାରୁ ଅନନ୍ୟ ଏବଂ ନିଆରା ବଳଦ ଯାତ୍ରା ପାଇଁ ଅନେକ ଲୋକଙ୍କୁ ଆକର୍ଷିତ କରିଥାଏ।

ପ୍ରାଚୀନ କାଳରେ ଯାନବାହାନ ଉପଲବ୍ଧ ନଥିବାବେଳେ ବଳଦକୁ ବାଣିଜ୍ୟ ବ୍ୟବସାୟ, ପରିବହନ ଏବଂ କୃଷି ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା। ଦଶହରା ସମୟରେ ବ୍ୟବସାୟୀ, କୃଷକମାନେ ବିଶ୍ରାମ ନିଅନ୍ତି ଏବଂ ବଳଦମାନେ ମଧ୍ୟ କୌଣସି କାର୍ଯ୍ୟରେ ନିୟୋଜିତ ହୋଇନଥାନ୍ତି ତେଣୁ ବଳଦମାନଙ୍କ ପରିଶ୍ରମକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ସମୟରେ ବଳଦଯାତ୍ରା ଆୟୋଜନ କରାଯାଉଥିଲା। ଏବେ ଯଦିଓ ବଳଦମାନଙ୍କ ବ୍ୟବହାର ଆଉ ପୂର୍ବପରି ହେଉନାହିଁ ତଥାପି ପରମ୍ପରାକୁ ବଜାୟ ରଖିବା ପାଇଁ ଏବେ ବି ପ୍ରତ୍ୟେକ ବର୍ଷ ଦଶହରା ସମୟରେ ଭୁବନରେ ବଳଦଯାତ୍ରା ପାଳନ କରାଯାଉଛି।

ବଳଦଯାତ୍ରା ପାଇଁ ମହାଳୟା ପୂର୍ବରୁ ପବିତ୍ର ବଳଦ ଚୟନ କରାଯାଏ। ଗାଁଟିରେ ପ୍ରାୟ ୩୬ ଜାତିର ଲୋକ ବାସ କରନ୍ତି ଓ ପ୍ରତ୍ୟେକ ଜାତି ତଥା ବିଭିନ୍ନ ସମାଜର ବଳଦ ଚୟନ କରାଯାଇଥାଏ। ସେମାନଙ୍କୁ ପ୍ରବଳ ଭିଡ଼, ଉଚ୍ଚ ସଙ୍ଗୀତ ଏବଂ ରଙ୍ଗୀନ୍‌ଆ ଲୋକ ସହିତ ପରିଚିତ ହେବା ପାଇଁ ପ୍ରଶିକ୍ଷଣ ଦିଆଯାଏ। ଚୟନ ହୋଇଥିବା ବଳଦମାନଙ୍କୁ ବିଭିନ୍ନ ଅଳଙ୍କାର, ମଣି, ଘଣ୍ଟି ଏବଂ ରଙ୍ଗୀନ ମଖମଲ କପଡ଼ାରେ ସଜାଯାଇଥାଏ। ବିଜୟା ଦଶମୀର ପୂର୍ବ ସଂକ୍ରାନ୍ତିରେ ଲୋକମାନେ ଘର ଆଗରେ ଶୁଭ ଖୁଣ୍ଟ ବାବନ୍ଦାଣ ଖୁଣ୍ଟ ଲଗାଇଥାନ୍ତି। ବିଜୟା ଦଶମୀ ଦିନ ମହିଳାମାନେ ଏହି ଖୁଣ୍ଟକୁ ପୂଜା କରିଥାନ୍ତି। ବର୍ଷ ଯାକ ଏହା ଥାଏ ଏବଂ ନୂଆ ଖୁଣ୍ଟ ପୋତା ହେବାପରେ ପୁରୁଣା ଖୁଣ୍ଟକୁ ପାଣିରେ ବିସର୍ଜନ କରାଯାଏ। ଯେଉଁମାନେ ଏହି ବଳଦଯାତ୍ରା ପରମ୍ପରା ତଥା ରୀତିନୀତି ସହ ଜଡିତ ଅଛନ୍ତି ସେମାନଙ୍କ ବ୍ୟତୀତ ଅନ୍ୟକୌଣସି ବ୍ୟକ୍ତି ଖୁଣ୍ଟ କିମ୍ବାବଳଦ କୁସ୍ପର୍ଶ କରନ୍ତିନାହିଁ। ବଳଦମାନଙ୍କୁ ଗ୍ରାମଦେବୀ' ବଣିଜାରୀଙ୍କ ପାଖକୁ ନିଆଯାଇ ପୂଜା କରାଯାଏ। ବଳଦମାନେ ଗ୍ରାମଦେବୀଙ୍କ ଚାରିପଟେ ପ୍ରଦକ୍ଷିଣ କରିଥାନ୍ତି ଏବଂ ଶୋଭାଯାତ୍ରା ପର୍ଯ୍ୟନ୍ତ ପବିତ୍ର ଖୁଣ୍ଟରେ ବନ୍ଧା ହୋଇଥାନ୍ତି। ଶୋଭାଯାତ୍ରା ପର୍ଯ୍ୟନ୍ତ ବଳଦମାନଙ୍କୁ ଅତ୍ୟନ୍ତ ଯତ୍ନର ସହ ଖାଇବାକୁ ଦିଆଯାଏ ଏବଂ ଦାୟିତ୍ୱ ନିଆଯାଏ। ପୂଜା ଦିନ ଘରଦୁଆର ଓ ଅଗଣାରେ ଝୋଟି-ମୁରୁଜ ବୁଣାଯାଏ। ପ୍ରତ୍ୟେକ ଘରକୁ ସାଜସଜ୍ଜା ସହ ଘର ସମ୍ମୁଖରେ ପୂର୍ଣ୍ଣକଳ ସରଖାଯାଏ। ଘରେଘରେ ଆରିସାପିଠା ତିଆରି ହୋଇ ପୂଜା ହୁଏ। ବିସର୍ଜନ ଦିନ ବଳଦ ମାନଙ୍କୁ ଉଚ୍ଚ ସଙ୍ଗୀତ, ପ୍ରବଳଭିଡ଼ ଏବଂ ଆଲୋକରେ ଶୋଭାଯାତ୍ରା ପାଇଁ ନିଆଯାଏ। ଏହି ଶୋଭାଯାତ୍ରା ସମ୍ପୂର୍ଣ୍ଣ ଭୁବନ ଗ୍ରାମରେ ହବାସହ ପାଖାପାଖି ୫କିଲୋମିଟର ପର୍ଯ୍ୟନ୍ତ ଚାଲିଥାଏ ଏବଂ ସାରା ରାତି ଚାଲିଥାଏ। ଏହା ରାତିପ୍ରାୟ୧୦ଟାରୁ ଆରମ୍ଭ ହୋଇ ପରଦିନ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥାଏ। ବିଭିନ୍ନ ସାହିରୁବଳଦ ଶୋଭାଯାତ୍ରାରେ ବାହାରି ଗୁଜୁରୀ ହାଟଠାରେ ଏକତ୍ରିତ ହୋଇ ଭସାଣୀ ଯାତ୍ରା ଆରମ୍ଭ କରିଥାନ୍ତି। ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ ସୁସଜ୍ଜିତ ବିମାନ ଓ ଦଶହରା ବଳଦ, ଦୁର୍ଗା ମେଢ଼ ଆଗରେ କ୍ରମାନ୍ୱୟରେ ଦୁର୍ଗାଛକ, ଲକ୍ଷ୍ମୀଛକ, ଚମାର ସାହି, ବଣିଆ ସାହି, ବ୍ରାହ୍ମଣୀ ଦେବୀଛକ, ରାଉତ ସାହି, ବେହେରା ସାହି, ବାଜିଛକ, ବଡ଼ହାଟ, ଗଣେଶ ବଜାର ଦେଇ ପରଦିନ ସକାଳେ ନୂଆବଜାର ଠାରେ ପହଞ୍ଚି ଥାଆନ୍ତି। ସର୍ବପ୍ରଥମେ ଭୁବନର ଐତିହାସିକ ବଳଦଯାତ୍ରାର ସ୍ରଷ୍ଟାଥୋରିଆ ସମାଜଙ୍କ ଆରାଧ୍ୟ ଦେବୀ ମାବଣିଜାରୀଙ୍କ ପରେ ଭୁବନର ପ୍ରଥମ ଦୁର୍ଗା ମେଢ଼ ବନଦୁର୍ଗା, ନୂଆଭୁବନ, ହର ପାର୍ବତୀ, ବାଜିଛକ, ପୋଥାଳ ସାହି, ସେନ ସାହି, କ୍ଲାସିକ କ୍ଲବ, ଗଡ଼ଗାଁପୁର, ହାଟୁଆବଣିକ ସଂଘ ଓ ଶେଷରେ ଗୁଜୁରୀହାଟ ଦେଶ ଦୁର୍ଗା ମେଢ଼ ପହଞ୍ଚିବା ପରେ ନୂଆବଜାରରେ ମେଳଣ ହୋଇଥାଏ। ପ୍ରତ୍ୟେକ ବର୍ଷ ଏହି ଉତ୍ସବ ଦେଖିବା ପାଇଁ ଆଖପାଖ ଜିଲ୍ଲା ଓ ରାଜ୍ୟରୁ ପ୍ରବଳ ଜନସମାଗମ ହୋଇଥାଏ।

> **ପ୍ରାଚୀନ କାଳରେ ଯାନବାହାନ ଉପଲବ୍ଧ ନଥିବାବେଳେ ବଳଦକୁ ବାଣିଜ୍ୟ ବ୍ୟବସାୟ, ପରିବହନ ଏବଂ କୃଷି ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା। ଦଶହରା ସମୟରେ ବ୍ୟବସାୟୀ, କୃଷକମାନେ ବିଶ୍ରାମ ନିଅନ୍ତି ଏବଂ ବଳଦମାନେ ମଧ୍ୟ କୌଣସି କାର୍ଯ୍ୟରେ ନିୟୋଜିତ ହୋଇନଥାନ୍ତି ତେଣୁ ବଳଦମାନଙ୍କ ପରିଶ୍ରମକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ସମୟରେ ବଳଦଯାତ୍ରା ଆୟୋଜନ କରାଯାଉଥିଲା।**

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଏହା ବହୁତ ପୁରୁଣାପର୍ବ। ଭୁବନ ଶାନ୍ତିକମିଟିର ପୂର୍ବତନ ସଭାପତି ସ୍ୱର୍ଗତ ବାସୁଦେବ ବେହେରାଙ୍କ କହିବାନୁଯାୟୀ, ୧୯୦୦ ଦଶକର ପ୍ରାରମ୍ଭରେ ଭୁବନର ଐତିହାସିକ ବଳଦଯାତ୍ରା ଆରମ୍ଭ ହୋଇଥିଲା। ଥୋରିଆ ସମାଜର ଲୋକମାନେ ଏହି ପର୍ବର ଶୁଭାରମ୍ଭ କରିଥିଲେ। ପ୍ରଥମ ଶୋଭାଯାତ୍ରା ୪ଟି ବଳଦଙ୍କୁ ନେଇ ଆରମ୍ଭ ହୋଇଥିଲା, ଯେଉଁ ଥିରେ ଗୋଟିଏ ଥୋରିଆସମାଜରୁ, ଗୋଟିଏ କୈବର୍ତ୍ତ ସମାଜରୁ, ଗୋଟିଏ ନୀଳକଣ୍ଠପୁରରୁ ଏବଂ ଅନ୍ୟଟି ଭୁବନ ଗ୍ରାମ ମଧ୍ୟରୁ ଆସିଥିଲା। ଏହା ପରେ ପରବର୍ତ୍ତୀ ସମୟରେ ଅନ୍ୟଜାତି ତଥା ସମାଜର ଲୋକମାନେ ଧୀରେଧୀରେ ଶୋଭାଯାତ୍ରାରେ ସାମିଲ ହେବା ଆରମ୍ଭ କରିଥିଲେ। ଦିନ ଥିଲା ଯେତେବେଳେ ଶହଶହ ବଳଦ ବିସର୍ଜନ ଶୋଭାଯାତ୍ରାରେ ଅଂଶଗ୍ରହଣ କରୁଥିଲେ। ଧୀରେଧୀରେ ବଳଦର ବ୍ୟବହାର କମିବା ଫଳରେ ଏ ପୁରୁଣା ପର୍ବ ପ୍ରଭାବିତ ହୋଇ ଶୋଭାଯାତ୍ରାରେ ଭାଗନେଉଥିବା ବଳଦଙ୍କ ସଂଖ୍ୟା ହ୍ରାସ ହୋଇଥିଲା।

ସଂସ୍କୃତି ପ୍ରେମୀ ପ୍ରମୋଦ କୁମାର ପଣ୍ଡାଙ୍କ ସହ ଆଲୋଚନା ଅନୁଯାୟୀ, ଭୁବନର ବଳଦଯାତ୍ରା ଦକ୍ଷିଣ ଓଡ଼ିଶାରେ ଦେଖିବାକୁ ମିଳୁଥିବା କିଛିପାରମ୍ପରିକ ରୀତିନୀତିରୁ ପ୍ରେରିତ ହୋଇ ଥାଇପାରେ। ଯେଉଁ ଠାରେ ଗ୍ରାମ ବାସୀମାନେ ପବିତ୍ର ବଳଦକୁ ପୂଜା କରିଥାନ୍ତି। ଭୁବନର ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ସମୟରେ ହୁଏତ ଏହାଦେଖି ଏହି ପରମ୍ପରା ଆରମ୍ଭ କରିଥାଇ ପାରନ୍ତି। ଯେହେତୁ ଦଶହରା ସମୟରେ ପ୍ରତ୍ୟେକ ବ୍ୟବସାୟୀ ଘରକୁ ଆସନ୍ତି ତେଣୁ ସେମାନେ ଏହି ସମୟରେ ଉତ୍ସବ ପାଳନ କରନ୍ତି। ଭୁବନର ଐତିହାସିକ ବଳଦ ଯାତ୍ରା ପଶୁପକ୍ଷୀଙ୍କ ପ୍ରତି ମଣିଷର ସ୍ନେହ, ସମ୍ମାନ ଓ ସମ୍ପର୍କକୁ ଦର୍ଶାଏ। ଆଜିକାଲି ଭୁବନ ବଳଦ ଯାତ୍ରା ବ୍ୟତୀତ ଏକତାଳି (ଭୁବନ ନିକଟରେ ଥିବା ଏକ ଗାଁ) ଏବଂ ଭଦ୍ରକର ବାରୋ-ନୂଆପାଟଣାରେ ମଧ୍ୟ ବଳଦଯାତ୍ରା ଅନୁଷ୍ଠିତ ହେଉଛି।

**ମୋବାଇଲ୍: ୮୨୮୦୧୩୦୬୦୫**

### ବ୍ରିକ୍ସ ପ୍ଲାଟଫର୍ମରୁ ଚୀନ୍ ସମେତ ସମଗ୍ର ବିଶ୍ୱକୁ ପରାମର୍ଶ ଦେଲେ ମୋଦୀ

# ଯୁଦ୍ଧ ନୁହେଁ, ଶାନ୍ତି ଆଲୋଚନା ଜରୁରୀ



**କଜାନ, ୨୩।୧୦:** ରୁଷିଆର କଜାନ ସହରରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଛନ୍ତି। ବ୍ରିକ୍ସ ପ୍ଲାଟଫର୍ମରୁ ସେ ଚୀନ୍ ଏବଂ ରୁଷିଆ ସମେତ ସମଗ୍ର ବିଶ୍ୱକୁ ପରାମର୍ଶ ଦେଇଛନ୍ତି ଯେ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି- ଆମେ ଯୁଦ୍ଧ ନୁହେଁ, ଶାନ୍ତି ଆଲୋଚନା ଏବଂ କୂଟନୀତିକୁ ସମର୍ଥନ କରୁଛୁ। ଯେତେବେଳେ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରୁଥିଲେ, ତାଙ୍କ ପାଖରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଉପସ୍ଥିତ ଥିଲେ।

ମୋଦୀ କହିଥିଲେ ଆଜିର ଚମତ୍କାର ବୈଠକ ଆୟୋଜନ କରିଥିବାରୁ ମୁଁ ରାଷ୍ଟ୍ରପତି ପୁଟିନଙ୍କୁ ଅଶେଷ କୃତଜ୍ଞତା ଜଣାଉଛି। ମୁଁ ବହୁତ ଖୁସି ଯେ ଆଜି ଆମେ ପ୍ରଥମ ଥର ପାଇଁ ଏକ ବ୍ରିକ୍ସ ପରିବାର ଭାବରେ ସାକ୍ଷାତ କରୁଛୁ। ବ୍ରିକ୍ସ ପରିବାର ସହିତ ଜଡିତ ସମସ୍ତ ନୂତନ ସଦସ୍ୟ ଏବଂ ବନ୍ଧୁମାନଙ୍କୁ ମୁଁ ହୃଦୟରୁ ସ୍ୱାଗତ କରୁଛି। ଗତ ଏକ ବର୍ଷ ମଧ୍ୟରେ ରୁଷିଆର ସଫଳ ରାଷ୍ଟ୍ରପତି ପାଇଁ ମୁଁ ରାଷ୍ଟ୍ରପତି ପୁଟିନଙ୍କୁ ଅଭିନନ୍ଦନ ଜଣାଉଛି।

ବନ୍ଧୁଗଣ, ଆମର ସଭା ଏପରି ଏକ ସମୟରେ ହେଉଛି ଯେତେବେଳେ ଯୁଦ୍ଧ, ବିବାଦ, ଅର୍ଥନୈତିକ ଅନିଶ୍ଚିତତା, ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ ଇତ୍ୟାଦି ଅନେକ ଚ୍ୟାଲେଞ୍ଜ ଆମକୁ ଘେରି ରହିଛି। ବିଶ୍ୱରେ ଉତ୍ତର-ଦକ୍ଷିଣ ଏବଂ ପୂର୍ବ-ପଶ୍ଚିମ ବିଭାଜନ ବିଷୟରେ ଆଲୋଚନା ହେଉଛି। ମୁଦ୍ରାସ୍ଫୀତି ରୋକିବା, ଖାଦ୍ୟ ନିରାପତ୍ତା, ଶକ୍ତି ନିରାପତ୍ତା, ସ୍ୱାସ୍ଥ୍ୟ ସୁରକ୍ଷା, ଜଳ ନିରାପତ୍ତା ସବୁ ଦେଶ ପାଇଁ ପ୍ରାଥମିକ ବିଷୟ ଅଟେ। ଟେକ୍ନୋଲୋଜି ଯୁଗରେ, ସାଇବର ସୁରକ୍ଷା, ଡିପ୍ ଫେକ୍, ବିଚ୍ଛିନ୍ନତା ଭଳି ନୂତନ ଆହ୍ୱାନ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ବ୍ରିକ୍ସକୁ ନେଇ ଅନେକ ଆଶା ରହିଛି।

ମୁଁ ବିଶ୍ୱାସ କରେ ଯେ ଏକ ବିବିଧ ଏବଂ ଅନ୍ତର୍ଭୁକ୍ତ ପ୍ଲାଟଫର୍ମ ଭାବରେ ବ୍ରିକ୍ସ ସମସ୍ତ ପ୍ରସଙ୍ଗରେ ଏକ ସକାରାତ୍ମକ ଭୂମିକା ଗ୍ରହଣ କରିପାରିବ। ଏହି ପରିପ୍ରେକ୍ଷୀରେ, ଆମର ଆଭିମୁଖ୍ୟ ଲୋକକେନ୍ଦ୍ରିକ ହେବା ଉଚିତ୍। ଆମେ ବିଶ୍ୱ କୁ ଏହି ବାର୍ତ୍ତା ଦେବା ଉଚିତ ଯେ ବ୍ରିକ୍ସ ଏକ ବିଭାଜନକାରୀ ନୁହେଁ ବରଂ ଏକ ଜନସ୍ୱାର୍ଥ ଗୋଷ୍ଠୀ।

ଆମେ ଯୁଦ୍ଧ ନୁହେଁ କଥାବାର୍ତ୍ତା ଏବଂ କୂଟନୈତିକ ସ୍ଥିତିକୁ ସମର୍ଥନ କରୁ। ଯେପରି ଆମେ ଏକତ୍ର କୋଭିଡ ପରି ଏକ ଚ୍ୟାଲେଞ୍ଜକୁ ପରାସ୍ତ କରିଥିଲୁ, ଭବିଷ୍ୟତ ପିଢ଼ି ପାଇଁ ଏକ ନିରାପଦ, ଶକ୍ତିଶାଳୀ ଏବଂ ସମୃଦ୍ଧ ଭବିଷ୍ୟତ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାରେ ଆମେ ସମ୍ପୂର୍ଣ୍ଣ ସକ୍ଷମ ଅଟୁ। ଆତଙ୍କବାଦ ଏବଂ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣର ମୁକାବିଲା ପାଇଁ ଆମ ସମସ୍ତଙ୍କୁ ଏକାଠି ହେବାକୁ ପଡିବ। ଏପରି ଗମ୍ଭୀର ବିଷୟ ଉପରେ ଦ୍ୱିତୀୟ ମାନଦଣ୍ଡ ପାଇଁ ସ୍ଥାନ ନାହିଁ। ଆମ ଦେଶର ଯୁବବର୍ଗମାନଙ୍କ ମଧ୍ୟରେ ମୌଳବାଦୀ ଚିନ୍ତାଧାରାକୁ ରୋକିବା ପାଇଁ ଆମେ ସକ୍ରିୟ ପଦକ୍ଷେପ ନେବା ଉଚିତ୍। ମିଳିତ ଜାତିସଂଘରେ ଅନ୍ତର୍ଜାତୀୟ ଆତଙ୍କବାଦ ଉପରେ ବିସ୍ତୃତ ସମ୍ମିଳନୀର ବିଚାରାଧୀନ ପ୍ରସଙ୍ଗରେ ଆମକୁ ଏକାଠି କାମ କରିବାକୁ ପଡିବ। ସେହିଭଳି ସାଇବର ସୁରକ୍ଷା, ନିରାପଦ ଏବଂ ସୁରକ୍ଷିତ ଏଆଇ ପାଇଁ ବିଶ୍ୱସ୍ତରୀୟ ନିୟମାବଳୀ ପାଇଁ କାର୍ଯ୍ୟ କରାଯିବା ଉଚିତ୍। ବ୍ରିକ୍ସ ଅଂଶୀଦାର ଭାବରେ ନୂତନ ଦେଶକୁ ସ୍ୱାଗତ କରିବାକୁ ଭାରତ ପ୍ରସ୍ତୁତ। ଏ ବାବଦରେ ସମସ୍ତ ନିଷ୍ପତ୍ତି ସର୍ବସମ୍ମତି କ୍ରମେ ଗ୍ରହଣ କରାଯିବା ଉଚିତ୍ ଏବଂ ବ୍ରିକ୍ସର ପ୍ରତିଷ୍ଠାତା ସଦସ୍ୟଙ୍କ ମତକୁ ସମ୍ମାନ ଦିଆଯିବା ଉଚିତ୍। ଜୋହାନ୍ସବର୍ଗ ସମ୍ମିଳନୀରେ ଆମେ ଗ୍ରହଣ କରିଥିବା ମାର୍ଗଦର୍ଶିକା ନୀତି, ମାନକ, ମାନଦଣ୍ଡ ଏବଂ ପ୍ରକ୍ରିୟା ସମସ୍ତ ସଦସ୍ୟ ଏବଂ ସହଭାଗୀ ଦେଶ ଅନୁସରଣ କରିବା ଉଚିତ୍। ବ୍ରିକ୍ସ ହେଉଛି ଏକ ସଂଗଠନ ଯେଉଁଥିରେ ସମୟ ସହିତ ନିଜକୁ ପରିବର୍ତ୍ତନ କରିବାର ଇଚ୍ଛା ଶକ୍ତି ଅଛି। ଆମେ ସମଗ୍ର ବିଶ୍ୱ ସାମ୍ନାରେ ଆମର ଉଦାହରଣ ସୃଷ୍ଟି କରିବା ଏବଂ ବିଶ୍ୱ ଅନୁଷ୍ଠାନଗୁଡ଼ିକର ସଂସ୍କାର ପାଇଁ ସର୍ବସମ୍ମତି କ୍ରମେ ସ୍ୱର ଉତ୍ତୋଳନ କରିବା ଉଚିତ।

ମିଳିତ ଜାତିସଂଘ ସୁରକ୍ଷା ପରିଷଦ, ବହୁପକ୍ଷୀୟ ବିକାଶ ବ୍ୟାଙ୍କ, ବିଶ୍ୱ ବାଣିଜ୍ୟ ସଂଗଠନ ପରି ବିଶ୍ୱ ଅନୁଷ୍ଠାନଗୁଡ଼ିକର ସଂସ୍କାର ଆଣିବା ପାଇଁ ଆମେ ଠିକ୍ ସମୟରେ ଆଗକୁ ବଢ଼ିବା ଉଚିତ୍। ବ୍ରିକ୍ସର ପ୍ରୟାସକୁ ଆଗକୁ ନେବାବେଳେ, ଆମେ ଯତ୍ନବାନ ହେବା ଉଚିତ ଯେ ଏହି ସଂସ୍ଥାର ଭାବମୂର୍ତ୍ତି ଏପରି ହୋଇ ନ ଥାଏ ଯେ ଆମେ ବିଶ୍ୱ ଅନୁଷ୍ଠାନଗୁଡ଼ିକର ସଂସ୍କାର ଆଣିବାକୁ ଚାହୁଁନାହୁଁ ବରଂ ସେଗୁଡିକୁ ବଦଳାଇବାକୁ ଚାହୁଁଛୁ। ଗ୍ଲୋବାଲ୍ ସାଉଥ୍ ଦେଶଗୁଡିକର ଆଶା, ଆକାଂକ୍ଷା ଏବଂ ଆଶା ମଧ୍ୟ ମନେ ରଖିବା ଉଚିତ୍। ଭଏସ୍ ଅଫ୍ ଗ୍ଲୋବାଲ୍ ସାଉଥ୍ ଶିଖର ସମ୍ମିଳନୀ ଏବଂ ଏହାର ଜି-୨୦ ର ଅଧ୍ୟକ୍ଷତା ସମୟରେ ଭାରତ ଏହି ଦେଶଗୁଡ଼ିକର ସ୍ୱରକୁ ବିଶ୍ୱ ସ୍ତରରେ ରଖିଛି। ମୁଁ ଖୁସି ଯେ ବ୍ରିକ୍ସ ଅଧୀନରେ ଏହି ପ୍ରୟାସଗୁଡ଼ିକ ମଧ୍ୟ ଶକ୍ତି ପ୍ରାପ୍ତ କରୁଛି। ଗତ ବର୍ଷ ଆଫ୍ରିକୀୟ ଦେଶଗୁଡିକ ବ୍ରିକ୍ସରେ ଯୋଡି ହୋଇଥିଲେ। ଚଳିତ ବର୍ଷ ଗ୍ଲୋବାଲ ସାଉଥ୍‌ର ଅନେକ ଦେଶ ରୁଷିଆ ଦ୍ୱାରା ଆମନ୍ତ୍ରିତ ହୋଇଛନ୍ତି।

### ମହାରାଷ୍ଟ୍ର ବିଧାନସଭା ନିର୍ବାଚନ

# ଏନ୍‌ସିପି ଜାରିକଲା ପ୍ରଥମ ପ୍ରାର୍ଥୀ ତାଲିକା

**ମୁମ୍ବାଇ,୨୩।୧୦:** ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନସିପି ବୁଧବାର ନଭେମ୍ବର ୨୦ରେ ହେବାକୁ ଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ୩୮ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କରିଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ବାରାମତି, ୟେଭଲା ଠାରୁ ଛଗନ ଭୁଜବଳ ଏବଂ ଆମ୍ବେଗାଓଁର ଦିଲୀପ ୱାଲ୍ସ ପାଟିଲ ପ୍ରାର୍ଥୀ ହୋଇଛନ୍ତି।

ଏହାପୂର୍ବରୁ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ୪୫ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଥିଲେ। ବିଜୟର ଚୌକା ମାରିବା ପାଇଁ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ପୁଣି ଥରେ କୋପରି ପାଚପାଖାଡିରୁ ନିଜର ଦାବି ଉପସ୍ଥାପନ କରିବେ, ଯେତେବେଳେ ଦଳ ପୈଠଣରୁ ଭିଲାସ ସଂନ୍ଦିପନ ଭୁମେରଙ୍କୁ ପ୍ରାର୍ଥି କରାଯାଇଛି। ମହାରାଷ୍ଟ୍ର ନବନିର୍ମାଣ ସେନା (MNS) ଏହାର ୪୫ଜଣ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ କରିଛି। ଏହି ତାଲିକାରେ ମନସେ ମୁଖ୍ୟ ରାଜ ଠାକରେଙ୍କ ପୁଅ ଅମିତ ଠାକରେଙ୍କ ନାମ ମାହିମରୁ ପ୍ରାର୍ଥି ଭାବେ ଘୋଷଣା କରାଯାଇଛି। ୱର୍ଲିରୁ ଏମଏନଏସ ମୁଖପାତ୍ର ତଥା ପୂର୍ବତନ କାଉନସିଲର ସନ୍ଦୀପ ଦେଶପାଣ୍ଡେ ପ୍ରତିଦ୍ୱନ୍ଦ୍ୱିତା କରିବେ।

## ମିଶ୍ରି ଭାବି କଷ୍ଟିକ୍ ସୋଡ଼ା ଖାଇ ମହିଳା ଗୁରୁତର

**ଭୋପାଳ, ୨୩।୧୦:** ରେଷ୍ଟୁରାଣ୍ଟ ଗଲେ ସମସ୍ତେ ଭଲିକି ଭଲି ଡିସ୍ ଅର୍ଡର କରିଥାନ୍ତି। ନିଜ ମନ ପସନ୍ଦର ସୁଆଦିଆ ଖାଦ୍ୟ ଖାଇବା ପରେ ଫେରିବା ବେଳକୁ ମିଶ୍ରି, ପାନ ମଧୁରି ଖାଇବାକୁ ଭୁଲି ନ ଥାନ୍ତି। ମାତ୍ର ଏହି ମିଶ୍ରି ଜଣେ ମହିଳାଙ୍କ ପାଇଁ କାଳ ହୋଇଛି। କାରଣ ମହିଳାଜଣକ ମିଶ୍ରି ବଦଳରେ ଖାଇଦେଲେ କାଷ୍ଟିକ୍ ସୋଡା। ଆଉ ଏବେ ସେ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏପରି ଏକ ଅଭାବନୀୟ ଘଟଣା ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଘଟିଛି। ବିଷ୍ଣୁ ପାଣ୍ଡେ ନାମକ ବ୍ୟକ୍ତି ନିଜ ପରିବାର ସଦସ୍ୟଙ୍କ ସହ ଭୋପାଳର ଏକ ରେଷ୍ଟୁରାଣ୍ଟକୁ ଯାଇଥିଲେ। ସେଠାରୁ ଖାଇ ସମସ୍ତେ ବାହାରିଥିବା ବେଳେ ବିଷ୍ଣୁଙ୍କ ଭଉଣୀ ରାନୀ ରିସେପ୍ସନରେ ଅଟକିଥିଲେ। ସେଠାରେ ଏକ ପାତ୍ରରେ ମିଶ୍ରି ଓ ପାନମଧୁରୀ ରହିଥିବା ସେ ଦେଖିଥିବା ବେଳେ ତାହାକୁ ଖାଇଥିଲେ। ଏହାପରେ ହଠାତ୍ ତାଙ୍କ ମୁହଁ ଜଳାପୋଡ଼ା କରିବା ଆରମ୍ଭ ହୋଇଥିଲା। ଦେଖୁଦେଖୁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ପରିବାର ଲୋକେ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେଉଁ ଡବାରେ ପାନମଧୁରୀ ସହ ମିଶ୍ରି ରଖାଯାଇଥିଲା, ତାହା ପ୍ରକୃତରେ ମିଶ୍ରି ନୁହେଁ। ମିଶ୍ରି ବଦଳରେ ସେଥିରେ କାଷ୍ଟିକ୍ ସୋଡ଼ା ଥିଲା। ରେଷ୍ଟୁରାଣ୍ଟ କର୍ମଚାରୀଙ୍କ ଭୁଲ୍ ଯୋଗୁ ଏପରି ସାଂଘାତିକ ତ୍ରୁଟି ହୋଇଥିବା ମାଲିକ ସ୍ୱୀକାର କରିଛନ୍ତି। କାଷ୍ଟିକ୍ ସୋଡ଼ା କପଡ଼ା ଧୋଇବା କାମରେ ଲାଗୁଥିବା ବେଳେ ମୁହଁରେ ହୋଇଥିବା ଦାଗ ଦୂର କରିବାକୁ ବି ତାହାର ବ୍ୟବହାର କରାଯାଇଥାଏ।



## ଗ୍ୟାଙ୍ଗଷ୍ଟର ଛୋଟା ରାଜନ୍‌କୁ ଜାମିନ

**ମୁମ୍ବାଇ, ୨୩।୧୦:** ଗ୍ୟାଙ୍ଗଷ୍ଟର ଛୋଟା ରାଜନ୍‌କୁ ମିଳିଲା ବଡ଼ ଆଶ୍ୱସ୍ତି। ୨୦୦୧ ହୋଟେଲ ବ୍ୟବସାୟୀ ଜୟା ଶେଟ୍ଟୀଙ୍କ ହତ୍ୟାକାଣ୍ଡ ମାମଲାରେ ମିଳିଲା ଜାମିନ। ବମ୍ବେ ହାଇକୋର୍ଟ ତାକୁ ଜମାନି ପ୍ରଦାନ କରିଛନ୍ତି। ଏକ ଲକ୍ଷ ଟଙ୍କା ମୁଚଲିକାରେ ତାକୁ ଏହି ଜାମିନ ପ୍ରଦାନ କରାଯାଇଛି। ହୋଟେଲ ବ୍ୟାବସୟୀ ଜୟା ଶେଟ୍ଟୀ ହତ୍ୟା ମାମଲାରେ ଛୋଟା ରାଜନ ଦୋଷୀ ସାବ୍ୟସ୍ତ ହୋଇଥିଲା। ଚଳିତ ବର୍ଷ ମେ' ୩୦ ତାରିଖରେ ଏକ ସ୍ୱତନ୍ତ୍ର ମୋକକା ଅଦାଲତ ଛୋଟା ରାଜନ ଓ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ କିଛି ଲୋକଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ତେବେ ବମ୍ବେ ହାଇକୋର୍ଟ ଆଜି ଏହି ଦଣ୍ଡରୁ ମୁକ୍ତ କରିବା ସହ ଛୋଟା ରାଜନକୁ ଜାମିନ ପ୍ରଦନା କରିଛନ୍ତି। ଜଷ୍ଟିସ ରେବତି ମୋଇତେ ଡେରେ ଓ ଜଷ୍ଟିସ ପୃଥ୍ୱୀରାଜ ଚୌହାନଙ୍କ ଖଣ୍ଡପୀଠ ତାଙ୍କୁ ଜମିନ ପ୍ରଦାନ କରିବା ସହ ବେଲ ବଣ୍ଡ ବାବଦକୁ ଏକ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଛୋଟା ରାଜନକୁ ଜାମିନ ମିଳିଥିଲେ ସୁଦ୍ଧା ଅନ୍ୟ ଅପରାଧିକ ମାମଲାରେ ସେ ଜେଲରେ ହିଁ ରହିବ। ଛୋଟା ରାଜାନ ବିରୋଧରେ ବଟି ଆଦାୟ ଓ ଏ ସମ୍ବନ୍ଧୀୟ ଅନେକ ଅପରାଧିକ ମାମଲା ରୁଜୁ ହୋଇଛି। ତେଣୁ ହୋଟେଲ ମାଲିକଙ୍କୁ ହତ୍ୟା ମାମଲାରେ ତାଙ୍କ ତଥା ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଏମ୍‌ସିଓସିଏ ଅଧୀନରେ ମଧ୍ୟ ମାମଲା ରୁଜୁ କରାଯାଇଥିଲା। ଏହି ହତ୍ୟା ମାମଲାରେ ଅନ୍ୟ ତିନିଜଣ ଅଭିଯୁକ୍ତଙ୍କୁ ଦୁଇଟି ପୃଥକ ପୃଥକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ପ୍ରମାଣ ଅଭାବରୁ ଜଣେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ୨୦୦୧ ମେ' ୪ ତାରିଖରେ ମୁମ୍ବାଇର ଗ୍ରାମଦେବୀରେ ଥିବା ଗୋଲ୍ଡେନ କ୍ରାଉନ ହୋଟେଲର ମାଲିକ ଜୟା ଶେଟ୍ଟୀଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଛୋଟା ରାଜନ ଗ୍ୟାଙ୍ଗର ଦୁଇ ଜଣ ସଦସ୍ୟ ତାଙ୍କୁ ହତ୍ୟା କରିଥିଲେ। ଛୋଟା ରାଜନ ବିଦେଶରେ ରହୁଥିବାବେଳେ ଭାରତରେ ନିଜ ଗ୍ୟାଙ୍ଗ ଚଳାଉଥିଲା। ୨୦୧୫ରେ ଇଣ୍ଡୋନେସିଆରୁ ତାକୁ ଗିରଫ କରାଯାଇଥିଲା। ଅକ୍ଟୋବର ୨୦୧୫ରେ ସେଠାରୁ ଭାରତକୁ ଅଣାଯାଇଥିଲା। ସେବେଠାରୁ ସେ ନୂଆଦିଲ୍ଲୀର ତିହାର ଜେଲରେ ଅଛି। ୨୦୧୧ ମସିହାରେ ସାମ୍ବାଦିକ ଜେ ଡେଙ୍କ ହତ୍ୟା ମାମଲାରେ ରାଜନ ଆଜୀବନ କାରାଦଣ୍ଡ କାଟୁଛି।

ସୂଚନାଯୋଗ୍ୟ, ୧୯୯୩ ମସିହାରେ ମୁମ୍ବାଇ ସିରିଏଲ ବିସ୍ଫୋରଣ ପରେ ଦାଉଦ ଇବ୍ରାହିମଙ୍କ ନିକଟରେ ଥିବା ଛୋଟା ରାଜନ ଦାଉଦ ଗ୍ୟାଙ୍ଗରୁ ଅଲଗା ହୋଇଯାଇଥିଲେ।

# ୱାୟନାଡରୁ ପ୍ରିୟଙ୍କା ପ୍ରାର୍ଥିପତ୍ର ଦାଖଲ



**ୱାୟନାଡ, ୨୩।୧୦:** ପ୍ରଥମ ଥର ପ୍ରତ୍ୟେକ୍ଷ ନିର୍ବାଚନ ଲଢ଼ିବେ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରା। ଏଥିନିମନ୍ତେ ସେ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୱାୟନାଡ ଲୋକସଭା ସିଟ୍ ପାଇଁ ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ଆଜି ନାମାଙ୍କନ ଦାଖଲ କରିଛନ୍ତି ପ୍ରିୟଙ୍କା ଗାନ୍ଧି ଭଦ୍ରା। ପ୍ରିୟଙ୍କାଙ୍କ ନାମାଙ୍କନ ଦାଖଲ ବେଳେ ତାଙ୍କ ମା' ସୋନିଆ ଗାନ୍ଧି, ଭାଇ ରାହୁଲ ଗାନ୍ଧି ଓ କଂଗ୍ରେସର ବହୁ ହେଭିୱେଟ ନେତା ଉପସ୍ଥିତ ଥିଲେ। ନିଜ ମା'ଙ୍କ ସହ ପ୍ରିୟଙ୍କା ଗତ ରାତିରେ ୱାୟନାଡରେ ପହଞ୍ଚିଥିଲେ। ସେଠାରେ ସେମାନେ ସ୍ଥାନୀୟ ଲୋକଙ୍କ ସହ ବହୁ ଚର୍ଚ୍ଚା ଓ ଆଲୋଚନା କରିଥିଲେ।

ଆଜି ପ୍ରିୟଙ୍କାଙ୍କ ନାମାଙ୍କନ ଦାଖଲ ବେଳେ ମା' ସୋନିଆ ଗାନ୍ଧି, ଭାଇ ରାହୁଲ ଗାନ୍ଧି, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡଗେଙ୍କ ସମେତ ଦଳର ବହୁ ଆଗ ଧାଡ଼ିର ନେତା ଉପସ୍ଥିତ ଥିଲେ। ନାମାଙ୍କନ ଦାଖଲ ପରେ ପ୍ରିୟଙ୍କା ଓ ରାହୁଲ ଆଜି କଲ୍ପେଟ୍ଟା ନ୍ୟୁ ବସ୍ ଷ୍ଟାଣ୍ଡ ନିକଟରୁ ଏକ ରୋଡ ଶୋ' କରିବେ ବୋଲି ଜଣାଯାଇଛି।

ୱାୟନାଡ ଉପନିର୍ବାଚନ ନିମନ୍ତେ ଆସନ୍ତା ମାସ ୧୩ ତାରିଖରେ ମତଦାନ ହେବ। ଏହାପରେ ଆସନ୍ତା ୨୩ ତାରିଖରେ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ପ୍ରିୟଙ୍କା ଗାନ୍ଧି ଭଦ୍ରା ଜିତିଲେ ସେ ପ୍ରଥମ ଥର ପାଇଁ ସଂସଦକୁ ଯିବେ। ଫଳରେ ପ୍ରଥମ ଥର ପାଇଁ ଗାନ୍ଧି ପରିବାରର ୩ ସଦସ୍ୟ ସୋନିଆ ଓ ତାଙ୍କ ପୁଅଝିଅଙ୍କୁ ଏକ ସଙ୍ଗେ ସଂସଦରେ ଦେଖିବାକୁ ମିଳିବ।

ପ୍ରିୟଙ୍କା ପ୍ରଥମ ଥର ରାଜନୀତି ମଇଦାନକୁ ଓହ୍ଲାଉଥିବା ବେଳେ ତାଙ୍କ ନିକଟରେ ସ୍ୱାମୀ ରବର୍ଟ ଭଦ୍ରାଙ୍କୁ କିନ୍ତୁ ଦେଖିବାକୁ ମିଳି ନ ଥିଲା। କିନ୍ତୁ ପତ୍ନୀଙ୍କ ଏହି ନୂଆ କାମ ପାଇଁ ରବର୍ଟ ଭଦ୍ରା ସୋଶାଲ ମିଡିଆରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନୂଆ ଯାତ୍ରା ପାଇଁ ଶୁଭକାମନା ତୁମକୁ ସମର୍ଥନ କରିବାକୁ ମୁଁ ସବୁବେଳେ ତୁମ ସହ ରହିଛି। ଭଗବାନ ତୁମକୁ ସହାୟ ହୁଅନ୍ତୁ। ଦେଶବାସୀ ସଂସଦରେ ତୁମ ଆଗମନ ପାଇଁ ଅପେକ୍ଷା କରିଛନ୍ତି ବୋଲି କହିଛନ୍ତି ରୋବର୍ଟ ଭଦ୍ରା।

୨୦୧୯ରେ ରାହୁଲ ଗାନ୍ଧି ୱାୟନାଡରୁ ପ୍ରଥମଥର ନିର୍ବାଚନ ଲଢ଼ିବା ସହ ବିଜୟ ହୋଇଥିଲେ। ୨୦୨୪ରେ ସେ ୱାୟନାଡ ସହ ରାଏବରେଲୀ ଆସନରେ ନିର୍ବାଚନ ଲଢ଼ି ଦୁଇଟି ଯାକ ଆସନ ଜିତିଥିଲେ। ସେ ଦୁଇଟି ଆସନରୁ ବିଜୟ ହୋଇଥିବାରୁ ତାଙ୍କୁ ଗୋଟିଏ ଆସନ ଛାଡ଼ିବା ଅପରିହାର୍ଯ୍ୟ ରହିଥିଲା।

## ଭୁଶୁଡ଼ିଲା ନିର୍ମାଣାଧୀନ କୋଠା, ୫ ମୃତ

**ବେଙ୍ଗାଲୁରୁ, ୨୩।୧୦:** ଚାଲିଥିଲା ନିର୍ମାଣ କାମ। ହଠାତ୍ ଭୁଶୁଡି ପଡିଲା ନିର୍ମାଣାଧୀନ କୋଠା। ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଏବେବି ଗଭ୍ମାବଶେଷ ତଳେ ୩ ଜଣ ଶ୍ରମିତ ଫଶି ରହିଥିବା ଆଶଙ୍କା କରାଯାଉଛି। ବେଙ୍ଗାଲୁରୁରେ ଘଟିଛି ଏଭଳି କିଛି ଦୁର୍ଘଟଣା। ବେଙ୍ଗାଲୁରୁରେ ଗତ କିଛି ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ଏଥିପାଇଁ ଜନଜୀବନ ପ୍ରଭାବିତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ମଙ୍ଗଳବାର ସନ୍ଧ୍ୟାରେ ସହରରେ ଏକ ନିର୍ମାଣାଧୀନ ୭ ମହଲା କୋଠା ଭୁଶୁଡ଼ି ପଡ଼ିଛି। ବାବୁସାପାଲିଆଠାରେ ଥିବା ଅଂଜନାଦ୍ରି ଲେଆଉଟରେ ଏହି ଘଟଣା ଘଟିଛି। ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ ଜଣଙ୍କୁ ଭଗ୍ନାବଶେଷ ତଳୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ୧୭ ଜଣ ଶ୍ରମିକ ଭଗ୍ନାବଶେଷ ତଳେ ଫସି ରହିଥିବା କୁହାଯାଉଥିଲା। ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ୮ ଜଣଙ୍କୁ ରାତିରେ ଉଦ୍ଧାର କରିଛି। ଏମାନଙ୍କ ମଧ୍ୟରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏବେବି ଆହୁରି ୩ରୁ ୪ ଜଣ ଶ୍ରମିକ ଫଶି ରହିଥିବା ଆଶଙ୍କା କରାଯାଉଛି। ସେପଟେ ଏହି ଦୁର୍ଘଟଣାକୁ ନେଇ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି ଶିବକୁମାର କହିଛନ୍ତି, ସରକର ସରକାର ଏହି ବିପର୍ଯ୍ୟୟକୁ ରୋକି ପାରିବେ ନାହିଁ। କିନ୍ତୁ ରିଲିଫ ଏବଂ ଉଦ୍ଧାର ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଅନେକ ଦଳ ନିୟୋଜିତ ଅଛନ୍ତି। ଆପାର୍ଟମେଣ୍ଟ ଏବଂ ତଳିଆ ଅଞ୍ଚଳରୁ ଜଳ ହଟାଇବା ପାଇଁ ପମ୍ପ ନିୟୋଜିତ କରାଯାଇଛି।

# ବିଷ ପାଲଟିଲାଣି ଦିଲ୍ଲୀ ବାୟୁ



**ନୂଆଦିଲ୍ଲୀ, ୨୩।୧୦:** ବିଷ ପାଲଟିଲାଣି ରାଜଧାନୀ ବାୟୁ। ଦିନକୁ ଦିନ ଏହା ଅତ୍ୟନ୍ତ ଖରାପ ଶ୍ରେଣୀକୁ ଚାଲିଯାଉଛି। ଦିଲ୍ଲୀରେ ବଢ଼ି ଚାଲିଛି ବାୟୁ ପ୍ରଦୂଷଣ ମାତ୍ରା। ଖୋଲା ଆକାଶ ତଳେ ଲୋକଙ୍କ ନିଶ୍ୱାସ ନେବା ବି କଷ୍ଟକର ହୋଇପଡୁଛି। ଏହାକୁ ନେଇ କେନ୍ଦ୍ର ସରକାରଙ୍କ ସମେତ ପଞ୍ଜାବ ଓ ହରିୟାଣା ସରକାରଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ସରକାର ଏନେଇ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ବାୟୁ ପ୍ରଦୂଷଣ ସହ ଜଡିତ ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ ପଞ୍ଜାବ ଏବଂ ହରିୟାଣା ସରକାର ଓ କେନ୍ଦ୍ର ସରକାରଙ୍କ ଉପରେ ଜୋରଦାର ବର୍ଷିଛନ୍ତି। ଜଷ୍ଟିସ ଅଭୟ ଓକ କହିଛନ୍ତି, କେନ୍ଦ୍ର ସରକାର ଏନେଇ କୌଣସି ବ୍ୟବସ୍ଥା କରିନାହାଁନ୍ତି। ପରିବେଶ ସୁରକ୍ଷା ଆଇନ ଶକ୍ତିହୀନ ହୋଇଯାଇଛି। ଧାରା ୧୫କୁ ସଂଶୋଧନ କରି ଦଣ୍ଡ ବଦଳରେ ଜରିମାନା ଲାଗୁ କରାଯାଇଛି। ତେବେ ଜରିମାନା ଆଦାୟ ପ୍ରକ୍ରିୟାକୁ ଅନୁସରଣ କରାଯାଇପାରିବ ନାହିଁ। ପ୍ରଦୂଷଣ ରୋକିବା ଓ ନଡ଼ା ଜାଳିବାକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯାଇ ନଥିବା ଯୋଗୁ କଡ଼ା ଭର୍ତ୍ସନା କରିଛନ୍ତି। ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, ଯଦି ଏହି ସରକାର ଆଇନ ପ୍ରଣୟନ କରିବାକୁ ପ୍ରକୃତରେ ଆଗ୍ରହୀ, ତେବେ ଅତି କମରେ ଗୋଟିଏ ମାମଲା ରୁଜୁ ହେବା ଉଚିତ। ସୁପ୍ରିମକୋର୍ଟ ପଞ୍ଜାବର ମୁଖ୍ୟ ସଚିବଙ୍କୁ କହିଛନ୍ତି ଯେ ପ୍ରାୟ ୧୦୮୦ ଉଲ୍ଲଂଘନକାରୀ (ନଡ଼ା ଜାଳିବା ବ୍ୟକ୍ତି) ଙ୍କ ବିରୋଧରେ ଏଫ୍‌ଆଇଆର୍ ପଞ୍ଜିକୃତ ହୋଇଛି। କିନ୍ତୁ ସେମାନଙ୍କୁ ଦଣ୍ଡ ଦେବା ବଦଳରେ ମାତ୍ର ୪୭୩ ଜଣଙ୍କ ଠାରୁ ସାମାନ୍ୟ ଜୋରିମାନା ଆଦାୟ କରାଯାଇ ତାଙ୍କୁ ଛାଡ଼ି ଦିଆଯାଇଛି। ୬୦୦ କିମ୍ବା ତା'ଠାରୁ ଅଧିକ ଲୋକଙ୍କୁ ସରକାର ବଞ୍ଚାଇ ଦେଇଛନ୍ତି।

ଏଭଳି ଗତ ତିନି ବର୍ଷ ହେଲା ଜାରି ରହିଛି। ଆପଣ ପ୍ରଦୂଷଣ ମାମଲାକୁ ବେଶ୍ ହାଲୁକାରେ ନେଉଛନ୍ତି। ଆଇନ୍ ଆପଣଙ୍କୁ ମକଦ୍ଦମା ଚଳାଇବାକୁ ଅନୁମତି ଦେଉଛି। କିନ୍ତୁ ଆପଣ କ୍ରମାଗତ ଭାବରେ ନିର୍ଦ୍ଦେଶ ଅନୁସରଣ କରୁନାହାଁନ୍ତି। ଆପଣ କେବଳ ନୋଟିସ୍ ଜାରି କରି ଦୋଷୀଙ୍କୁ ଛାଡି ଦେଉଛନ୍ତି। ଆପଣ ଜବାବ ଦାଖଲ କରି ଚାଲିଥିବେ ଆଉ ଆମେ ଶୁଣାଣି କରି ଚାଲିଥିବୁ। ଏଭଳି ଚଳିବ ନାହିଁ। ଏଭଳି ସ୍ଥିତିରେ କୌଣସି ସମାଧାନ ବାହାରିବ ନାହିଁ। ଯଦି ଆବଶ୍ୟକ ପଡେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲ ସୁପ୍ରିମକୋର୍ଟ ପଞ୍ଜାବ ଓ ହରିୟାଣା ସରକାରଙ୍କୁ ତାଗିଦ କରିଛନ୍ତି। ଶୀତ ଆରମ୍ଭ ନ ହେଉଣୁ ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ଉଦ୍‌ବେଗଜନକ ହୋଇଥିବା ବେଳେ ଅଧିକାଂଶ ଅଂଚଳରେ ବାୟୁମାନ ସୂଚକାଙ୍କ (ଏକ୍ୟୁଆଇ) ୩୦୦ ଅତିକ୍ରମ କରିଛି। ବିଶେଷ କରି ଏଥିପାଇଁ ପ୍ରତି ବର୍ଷ ହରିୟାଣା ଓ ପଞ୍ଜାବକୁ ଦାୟୀ କରାଯାଉଛି। ଏଠାରେ ପ୍ରତି ବର୍ଷ କୃଷକମାନେ ନଡା ଜାଳିବା ଯୋଗୁ ଦିଲ୍ଲୀରେ ପ୍ରଦୂଷଣ ମାତ୍ରା ବଢ଼ୁଛି। ଏଭଳି ସ୍ଥିତିରେ ଦିଲ୍ଲୀବାସୀଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି।

## କାର୍ ସହ ପ୍ରପର୍ଟି ଡିଲର୍‌ଙ୍କୁ ଜାଳିଦେଲେ

**ଲକ୍ଷ୍ନୌ, ୨୩।୧୦:** ଫର୍ଚୁନର କାର୍‌ରେ ଲାଗିଲା ନିଆଁ। କାର୍ ସହ ଜିଅନ୍ତା ଜଳିଗଲେ ଭିତରେ ଥିବା ବ୍ୟକ୍ତି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଜଣେ ପ୍ରପର୍ଟି ଡିଲର୍। ତାଙ୍କୁ ଜିଅନ୍ତା ଜାଳି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୁଲିସ ୨ ଜଣଙ୍କୁ ଅଟକ ରଖିଛି। ଉତ୍ତର ପ୍ରଦେଶର ଗ୍ରେଟର ନୋଏଡାରେ ଘଟିଛି ଏଭଳି କିଛି ଭୟଙ୍କର ହତ୍ୟାକାଣ୍ଡ।

ଗ୍ରେଟର ନୋଏଡାର ଦାଦ୍ରି ପୁଲିସ ଷ୍ଟେସନ ପରିସରରେ ଥିବା କୋଟ ପୁଲ ନାଗଲା ନିକଟରେ ଏକ ଫର୍ଚୁନର କାର୍‌ରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। କାର ଭିତରେ ବସିଥିବା ଯୁବକ ନିଆଁରେ ପୋଡି ହୋଇଯାଇଛନ୍ତି। ଗାଡିରୁ ନିଆଁ ବାହାରିବା ପରେ ସ୍ଥାନୀୟ ଲୋକମାନେ ସେଠାରେ ପହଞ୍ଚି ଯୁବକଙ୍କୁ ଫର୍ଚୁନର କାର୍‌ରୁ ଟାଣି ଆଣିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ବାହାରକୁ ଆଣି ପାରିନଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଛି। ପରେ ସ୍ଥାନୀୟ ଲୋକେ ଏନେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ମୃତଦେହକୁ ଜବତ କରିଛି। ମୃତକ ଜଣକ ହେଉଛନ୍ତି ସଞ୍ଜୟ ଯାଦବ। ସେ ପ୍ରପର୍ଟି ଡିଲର୍ ଭାବେ କାମ କରୁଥିଲେ। ସେ ଗାଜିଆବାଦର ନେହେରୁ ନାଗରର ବାସିନ୍ଦା।

ତାଙ୍କ ଫର୍ଚୁନର କାର୍‌ଟି ମଙ୍ଗଳବାର ବିଳମ୍ବିତ ରାତିରେ ରାସ୍ତାରୁ ୧୦୦ ମିଟର ଦୂରରେ ଥିବା ଜଙ୍ଗଲ ଭିତରୁ ଜଳନ୍ତା ଅବସ୍ଥାରେ ମିଳିଛି। ତେଣୁ ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ସେପଟେ ସଞ୍ଜୟଙ୍କ ପରିବାର ଲୋକେ ମଧ୍ୟ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ଆଣିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ମୁତାବକ, ସଞ୍ଜୟ ଯାଦବଙ୍କ କିଛି ଗହଣାଗାଣ୍ଠିକୁ ନେଇ ତାଙ୍କ ସାଙ୍ଗମାନଙ୍କ ସହ ବିବାଦ ଲାଗି ରହିଥିଲା। ଏଥିପାଇଁ ତାଙ୍କ ସାଙ୍ଗସାଥୀମାନେ ହିଁ ତାଙ୍କୁ ଜୀବନ୍ତ ଜାଳି ହତ୍ୟା କରିଛନ୍ତି ବୋଲି ସେମାନେ କହିଛନ୍ତି। ପୁଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

# ରାଜ୍ୟର ରହିଛି ମଦ ଉପରେ ଆଇନ ପ୍ରଣୟନ ଅଧିକାର



**ନୂଆଦିଲ୍ଲୀ, ୨୩।୧୦:** ସୁପ୍ରିମକୋର୍ଟ ଇଣ୍ଡଷ୍ଟ୍ରିୟାଲ୍ ଆଲକହଲକୁ ନେଇ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ମଦ ଉପରେ ଆଇନ ପ୍ରଣୟନ କରିବାର ଅଧିକାର ରାଜ୍ୟର ରହିଛି ଓ ଏହାକୁ ଛଡ଼ାଇ ନିଆଯାଇପାରିବ ନାହିଁ ବୋଲି କହି ସୁପ୍ରିମକୋର୍ଟ ୩୪ ବର୍ଷର ପୁରୁଣା ରାୟକୁ ଖାରଜ କରିଛନ୍ତି। ସିନ୍ଥେଟିକ୍ସ ଓ କେମିକାଲ୍ସ ମାମଲାରେ ୧୯୯୦ ମସିହାରେ ୭ ଜଣିଆ ସାମ୍ବିଧାନିକ ବେଞ୍ଚ କେନ୍ଦ୍ର ସପକ୍ଷରେ ଯେଉଁ ରାୟ ଶୁଣାଇଥିଲେ, ତାହାକୁ ବୁଧବାର ସୁପ୍ରିମକୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ୮:୧ ସଂଖ୍ୟାଗରିଷ୍ଠତାରେ ରଦ୍ଦ କରିଦେଇଛି। ଏହି ମାମଲାର ପୂର୍ବ ଶୁଣାଣି ଚଳିତବର୍ଷ ଏପ୍ରିଲ ୧୮ ତାରିଖରେ ହୋଇଥିଲା। ସେହି ସମୟରେ ସାମ୍ବିଧାନିକ ଖଣ୍ଡପୀଠ ଏହାର ନିଷ୍ପତ୍ତି ସଂରକ୍ଷିତ ରଖିଥିଲା। ଏଥର ୬ ଦିନର ମାରାଥନ ଶୁଣାଣି ପରେ ବୁଧବାର ଖଣ୍ଡପୀଠ ଏହାର ରାୟ ଶୁଣାଇଛନ୍ତି। ଏହି ନିଷ୍ପତ୍ତି ଦେଇଥିବା ବେଞ୍ଚରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ସମେତ ଜଷ୍ଟିସ୍ ହୃଷିକେଶ ରାୟ, ଜଷ୍ଟିସ୍ ଅଭୟ ଏସ୍ ଓକ୍, ଜଷ୍ଟିସ୍ ବି.ଭି ନାଗରତ୍ନା, ଜଷ୍ଟିସ୍ ଜେ.ବି ପାରଦୀୱାଲା, ଜଷ୍ଟିସ୍ ମନୋଜ ମିଶ୍ର, ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ, ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ୍ ଅଗଷ୍ଟିନ୍ ଜର୍ଜ ମସିହ ରହିଥିଲେ। କେବଳ ଜଷ୍ଟିସ୍ ବି.ଭି ନାଗରତ୍ନା ଭିନ୍ନମତ ବ୍ୟକ୍ତ କରିଥିଲେ। ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ବହୁମତ ନିଷ୍ପତ୍ତି ଶୁଣାଇଥିଲେ। ଜିର ଏହି ରାୟ ପ୍ରଦାନ କରି ସିଜେଆଇ ଡିୱାଇ ଚନ୍ଦ୍ରଚୂଡ କହିଛନ୍ତି, 'ଇଣ୍ଡଷ୍ଟ୍ରିୟାଲ୍ ଆଲକୋହଲ ଉପରେ ଆଇନ ପ୍ରଣୟନ କରିବାର ଅଧିକାର ରାଜ୍ୟଠାରୁ ଛଡ଼ାଇ ନିଆଯାଇପାରିବ ନାହିଁ। ଇଣ୍ଡଷ୍ଟ୍ରିୟାଲ୍ ଆଲକହଲର ଉତ୍ପାଦନ ଏବଂ ଯୋଗାଣ ସଂପର୍କରେ ମଧ୍ୟ ନିୟମ ପ୍ରସ୍ତୁତ କରିବାର ଅଧିକାର ରାଜ୍ୟଗୁଡ଼ିକର ଅଛି।' ଏହି ନିଷ୍ପତ୍ତିରେ କୁହାଯାଇଛି ଯେ, ଗ୍ରାହକମାନେ ଖାଉଥିବା ମଦ ସହିତ ଜଡ଼ିତ ଆଇନଗତ କ୍ଷମତା ମଧ୍ୟ ରାଜ୍ୟଗୁଡ଼ିକର ରହିଛି। ଇଣ୍ଡଷ୍ଟ୍ରିୟାଲ ଆଲକୋହଲକୁ ମଧ୍ୟ ନିୟନ୍ତ୍ରଣ କରିବାର ଅଧିକାର ରାଜ୍ୟମାନଙ୍କର ରହିବା ଉଚିତ, କାରଣ ଏହା ମଧ୍ୟ ମଦ ପର୍ଯ୍ୟାୟଭୁକ୍ତ। ସୁପ୍ରିମ କୋର୍ଟଙ୍କର ଏହି ଆଦେଶ ଅନୁସାରେ ସମସ୍ତ ରାଜ୍ୟ ବିଭିନ୍ନ ପ୍ରକାର ଆଲକୋହଲ ଅଥବା ମଦ ଉତ୍ପାଦନ ଓ ବିପଣନ ଉପରେ ନିୟନ୍ତ୍ରଣ ଜାରି କରିପାରିବେ।

# ପାକିସ୍ତାନ କୋଚ୍‌ଙ୍କ ସ୍ଥାନ ନେବେ ପାର୍ଥିବ ପଟେଲ



**ନୂଆଦିଲ୍ଲୀ, ୨୩।୧୦:** ପୂର୍ବତନ ଭାରତୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ ପାର୍ଥିବ ପଟେଲଙ୍କ ବିଷୟରେ ଏକ ବଡ ଖବର ସାମ୍ନାକୁ ଆସିଛି। ସେ ଖୁବ୍‌ଶୀଘ୍ର ପାକିସ୍ତାନ କ୍ରିକେଟ ଦଳର ବର୍ତ୍ତମାନର ହ୍ୱାଇଟ-ବଲ୍ ମୁଖ୍ୟ ପ୍ରଶିକ୍ଷକ ଗ୍ୟାରି କିର୍ଷ୍ଟେନଙ୍କ ସ୍ଥାନ ନେବାକୁ ଯାଉଛନ୍ତି। ଗ୍ୟାରି କିର୍ଷ୍ଟେନ ଆଇପିଏଲ୍‌ର ଶେଷ ସିଜିନ ପର୍ଯ୍ୟନ୍ତ ଗୁଜୁରାଟ ଟାଇଟନ୍ସର ବ୍ୟାଟିଂ ପ୍ରଶିକ୍ଷକ ତଥା ପରାମର୍ଶଦାତା ଥିଲେ। କିନ୍ତୁ ସେ ଗୁଜୁରାଟ ଦଳ ଛାଡି ପାକିସ୍ତାନ କ୍ରିକେଟ ଟିମ୍‌ର ହ୍ୱାଇଟ୍ ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ହେବାକୁ ନିଷ୍ପତ୍ତି ନେଇଥିଲେ। ଏଭଳି ପରିସ୍ଥିତିରେ ବର୍ତ୍ତମାନ ପାର୍ଥିବ ପଟେଲ ଗୁଜୁରାଟ ଟାଇଟାନ୍ସ ଦଳରେ ଗ୍ୟାରି କିର୍ଷ୍ଟେନଙ୍କ ସ୍ଥାନ ନେବେ।

ଟାଇମ୍ସ ଅଫ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ ଗୁଜୁରାଟ ଟାଇଟାନ୍ସ ଦଳ ପାର୍ଥିବ ପଟେଲଙ୍କୁ ବଡ ଦାୟିତ୍ୱ ଦେବାକୁ ଯାଉଛି। ସେ ଗୁଜୁରାଟ ଟାଇଟାନ୍ସର ବ୍ୟାଟିଂ ମେଣ୍ଟର ହୋଇପାରନ୍ତି। ପୂର୍ବତନ ଭାରତୀୟ କ୍ରିକେଟର ଆଶିଷ ନେହେରାଙ୍କ ନେତୃତ୍ୱାଧିନ ସହଯୋଗୀ ଷ୍ଟାଫ୍‌ଙ୍କ ମଧ୍ୟରେ ପଟେଲ ଯୋଗଦେବେ। ଆଇପିଏଲ ୨୦୨୨ ପରଠାରୁ ଗ୍ୟାରି କିର୍ଷ୍ଟେନ ଏହି ଦଳ ସହିତ ଜଡିତ ଥିଲେ। ଏହି ଅବଧି ମଧ୍ୟରେ, ଗୁଜୁରାଟ ଦଳ ମଧ୍ୟ ୨୦୨୨ ମସିହାରେ ଟାଇଟଲ ଜିତିଥିଲା। କିନ୍ତୁ ଚଳିତ ବର୍ଷ ସେ ପାକିସ୍ତାନ ଦଳ କୋଚ୍ ହେବାକୁ ନିଷ୍ପତ୍ତି ନେଇଥିଲେ।

ଗୁଜୁରାଟ ସହିତ ପାର୍ଥିବ ପଟେଲଙ୍କର ମଧ୍ୟ ଏକ ବିଶେଷ ସଂଯୋଗ ରହିଛି। ବାସ୍ତବରେ ସେ ଖେଳ ଖେଳ ସମୟରେ ଘରୋଇ କ୍ରିକେଟରେ ଗୁଜରାଟର ପ୍ରତିନିଧିତ୍ୱ କରିଛନ୍ତି। ଏହି ସମୟ ମଧ୍ୟରେ ସେ ୨୦୧୬-୧୭ ସିଜନରେ ରଣଜୀ ଟ୍ରଫି ଫାଇନାଲରେ ମୁମ୍ବାଇକୁ ପରାସ୍ତ କରି ରାଜ୍ୟ ଦଳକୁ ଏହାର ପ୍ରଥମ ଟାଇଟଲ ଦେଇଥିଲେ। ଏଥି ସହିତ ପାର୍ଥିବ ପଟେଲ ଟିମ ଇଣ୍ଡିଆ ପାଇଁ ତିନୋଟି ଫର୍ମାଟରେ ଖେଳିଛନ୍ତି। ପାର୍ଥିବ ୨୦୦୨ ମସିହାରେ ତାଙ୍କର ପ୍ରଥମ ଆନ୍ତର୍ଜାତୀୟ ଟେଷ୍ଟ ଖେଳିଥିଲେ, ଯେତେବେଳେ ସେ ଭାରତ ପାଇଁ ଟେଷ୍ଟ ଖେଳିଥିବା ସର୍ବ କନିଷ୍ଠ ଉଇକେଟକିପର ହୋଇଥିଲେ।

ପଟେଲ ତାଙ୍କ ୧୮ ବର୍ଷର କ୍ୟାରିୟରରେ ଭାରତ ପାଇଁ ୨୫ ଟି ଟେଷ୍ଟ, ୩୮ ଟି ODI ଆନ୍ତର୍ଜାତୀୟ ଏବଂ ଦୁଇଟି ଟି -୨୦ ଅନ୍ତର୍ଜାତୀୟ ଖେଳିଥିଲେ। ଏହା ବ୍ୟତୀତ, ସେ ୨୦୨୦ ପର୍ଯ୍ୟନ୍ତ ଖେଳାଳି ଭାବରେ ଆଇପିଏଲ ର ଏକ ଅଂଶ ରହିଲେ। ସେ ୨୦୦୮ ରୁ ୨୦୧୦ ପର୍ଯ୍ୟନ୍ତ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳିଥିଲେ। ଏହା ବ୍ୟତୀତ ସେ ସନରାଇଜର୍ସ ହାଇଦ୍ରାବାଦ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ମୁମ୍ବାଇ ଇଣ୍ଡିଆନ୍ସ ଭଳି ଦଳର ମଧ୍ୟ ଅଂଶ ଥିଲେ। ପାର୍ଥିବ ପଟେଲ ଡିସେମ୍ବର ୨୦୨୦ ରେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଥିଲେ। କିଛି ସମୟ ଧରି ସେ ଜଣେ ସମୀକ୍ଷକ ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି।

# ଇଷ୍ଟ୍ ବେଙ୍ଗଲ୍‌କୁ ହରାଇଲା ଓଡ଼ିଶା ଏଫ୍‌ସି



**ଭୁବନେଶ୍ୱର, ୨୩।୧୦:** ଚଳିତ ଆଇଏସ୍‌ଏଲ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଓଡ଼ିଶା ଏଫ୍‌ସି ମଙ୍ଗଳବାର ଦ୍ୱିତୀୟ ବିଜୟ ପାଇଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଘରୋଇ ଦଳ ୨-୧ ଗୋଲ୍‌ରେ ଇଷ୍ଟ୍‌ବେଙ୍ଗଲ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚ୍‌ର ୨୨ତମ ମିନିଟ୍‌ରେ ଇସାକ୍ ରାଲ୍‌ଟେଙ୍କ ପାସ୍‌କୁ ରୟ କ୍ରିଷ୍ଣ ଗୋଲ୍‌ରେ ପରିଣତ କରି ଓଡ଼ିଶାକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ହେଲେ ପ୍ରଥମାର୍ଦ୍ଧର ଇନ୍‌ଜ୍ୟୁରି ସମୟରେ ଓଡ଼ିଶା ଏଫ୍‌ସିର ପେନାଲ୍‌ଟି ଅଞ୍ଚଳରେ ଥୋଇବା ସିଂହ ହ୍ୟାଣ୍ଡ ବଲ୍ କରିବାରୁ ୟେଲୋ କାର୍ଡ ପାଇଥିଲେ। ଏଥିସହ ଇଷ୍ଟ୍‌ବେଙ୍ଗଲ୍‌କୁ ପେନାଲ୍‌ଟି ସଟ୍ ମିଳିଥିଲା। ଯାହାକୁ ଦିଆମନ୍ତାକୋସ ଦିମିତ୍ରିଓସ୍ (୪୫+୪ ମିନିଟ୍) ସଫଳତାର ସହ ଗୋଲ୍‌ରେ ପରିଣତ କରି ପ୍ରଥମାର୍ଦ୍ଧରେ ସ୍ଥିତି ସମାନ ରଖିଥିଲେ। ମ୍ୟାଚ୍‌ର ୬୯ତମ ମିନିଟ୍‌ରେ ପ୍ରଭାତ ଲାକ୍ରା ଫାଉଲ୍ ମାରି ୟେଲୋ କାର୍ଡ ପାଇଥିଲେ ଏବଂ ଓଡ଼ିଶା ଏଫ୍‌ସିକୁ ଫ୍ରିକିକ୍ ମିଳିଥିଲା।

ଏହାକୁ ଅହମଦ ଜହାଉ ସୁନ୍ଦର ଭାବେ ଇଷ୍ଟ୍‌ବେଙ୍ଗଲ ଗୋଲ୍ ପୋଷ୍ଟର ଡାହାଣ ପଟକୁ ମାରିଥିଲା ବେଳେ ଏହାକୁ ମୌତର୍ଡା ଫଲ୍ (୬୯ତମ ମିନିଟ୍) ହେଡର୍‌ରେ ଗୋଲ୍ ଦେଇ ଓଡ଼ିଶାକୁ ୨-୧ରେ ଆଗୁଆ କରିଥିଲେ। ୭୬ତମ ମିନିଟ୍‌ରେ ପ୍ରବୋଧ ପୁଣି ଫାଉଲ୍ ମାରିବାରୁ ଦ୍ୱିତୀୟ ୟେଲୋ କାର୍ଡ (ରେଡ୍ କାର୍ଡ) ପାଇ ପଡ଼ିଆରୁ ବିଦା ହୋଇଥିଲେ। ଫଳରେ ଶେଷ ପର୍ଯ୍ୟନ୍ତ ଇଷ୍ଟ୍‌ବେଙ୍ଗଲ ୧୦ଜଣଙ୍କୁ ନେଇ ଖେଳିଥିଲା। କିନ୍ତୁ ଏଥିରୁ ଫାଇଦା ଉଠାଇ ନପାରି ଘରୋଇ ଦଳ ୨-୧ ଗୋଲ୍ ବ୍ୟବଧାନରେ ବିଜୟୀ ହୋଇଥିଲା। ଏଥିସହ ଓଡ଼ିଶା ଏଫ୍‌ସି ଚଳିତ ଋତୁରେ ୫ ମ୍ୟାଚ୍ ଖେଳି ୨ ବିଜୟ, ୧ ଅମୀମାଂସିତ ଏବଂ ୨ ପରାଜୟରୁ ୭ ପଏଣ୍ଟ୍ ପାଇ ତାଲିକାର ସପ୍ତମକୁ ଉଠିଛି। ଅନ୍ୟପକ୍ଷରେ ଇଷ୍ଟ୍‌ବେଙ୍ଗଲ ୬ରୁ ୬ ମ୍ୟାଚ୍‌ରେ ପରାଜିତ ହୋଇଛି। ଓଡ଼ିଶା ଏଫ୍‌ସିର ପ୍ରଶଂସକ ଦଳ ଜଗରନଟ୍ସ ମ୍ୟାଚ୍ ବେଳେ ଓଡ଼ିଶାର ହୃତଗୌରବକୁ ଉଜ୍ଜୀବିତ କରିଛି। ପାଇକ ବିଦ୍ରୋହରେ ଅଗ୍ରଣୀ ଭୂମିକା ନେଇଥିବା ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ଏକ ବଡ଼ ବ୍ୟାନର୍ ଦର୍ଶକ ଗ୍ୟାଲେରି ମାରିଥିଲା। ଏଥିରେ 'ପଛ ଘୁଞ୍ଚା ନାହିଁ ବୀରର ଜାତକେ' ଲେଖି ଓଡ଼ିଶା ଏଫ୍‌ସି ଖେଳାଳିଙ୍କୁ ଉତ୍ସାହିତ କରିଥିଲା। ଯେଭଳି ଇତିହାସରେ ରହିଛି ଓଡ଼ିଆ ପାଇକ ବଳିଦାନ ଦେଇ ଇଂରେଜଙ୍କ ବିରୋଧରେ ଲଢ଼ିଥିଲା। ସେଭଳି ତୁମେ ତୁମର ଲଢ଼ୁଆ ଖେଳ ଖେଳି ବିଜୟୀ ହୁଅର ବାର୍ତ୍ତା ଦେଇ ଓଡ଼ିଶା ଏଫ୍‌ସିର ମନୋବଳକୁ ଦୃଢ଼ କରିଥିଲା। ଏଥିସହ ବୀର ପାଇକର ଗାଥାକୁ ପ୍ରଚାର କରିଥିଲା ଏହି ଓଡ଼ିଶା ଏଫ୍‌ସିର ପ୍ରଶଂସକ ଦଳ।

# ଆଇପିଏଲ୍ ୨୦୨୫ରେ ରାହୁଲଙ୍କ ହାତ ଛାଡ଼ିବ ଏଲ୍‌ଏସ୍‌ଜି !



**ନୂଆଦିଲ୍ଲୀ, ୨୩।୧୦:** ଭାରତୀୟ କ୍ରିକେଟର କେ.ଏଲ୍ ରାହୁଲ ଭଲ ପ୍ରଦର୍ଶନ କରି ଟିମରେ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲେ। କିନ୍ତୁ ସେ କିଛି ମାସ ହେଲାଣି ଭଲ ଫର୍ମରେ ନାହାଁନ୍ତି। ବିଭିନ୍ନ ମ୍ୟାଚରେ ତାଙ୍କୁ ସୁଯୋଗ ମିଳୁଥିଲେ ବି ସେ ଭଲ ପ୍ରଦର୍ଶନ କରିପାରୁନାହାନ୍ତି। ଏମଧ୍ୟରେ ରାହୁଲଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖବର ଆସିଛି। ଲକ୍ଷ୍ନୌ ସୁପର ଜିଆଣ୍ଟସ୍(ଏଲଏସଜି) ରାହୁଲଙ୍କୁ ଆଇପିଏଲ ୨୦୨୫ରେ ଆଉ ସୁଯୋଗ ଦେବ ନାହିଁ। ଅର୍ଥାତ୍ ଆଇପିଏଲ ୨୦୨୫ରେ ଏଲଏସଜିରୁ ବାଦ ପଡ଼ିବେ ରାହୁଲ। ଆଇପିଏଲ ୨୦୨୫ର ମେଗା ନିଲାମ ପୂର୍ବରୁ ଦଳଗୁଡିକ 'ରିଲିଜ୍ ଆଣ୍ଡ ରିଟେନ' ତାଲିକା ପ୍ରକାଶ କରନ୍ତି। କୁହାଯାଉଛି ଯେ, ଏଲଏସଜି 'ରିଲିଜ୍ ଆଣ୍ଡ ରିଟେନ' ସୂଚୀ ଜାରି କରି ରାହୁଲଙ୍କୁ ରିଲିଜ୍ କରୁଥିବା ଘୋଷଣା କରିବ। ଜାତୀୟ ଗଣମାଧ୍ୟମ ଅନୁଯାୟୀ, ଏଲଏସଜିର ପରିଚାଳନା କମିଟି କେ.ଏଲ୍ ରାହୁଲଙ୍କ ପ୍ରଦର୍ଶନ ଉପରେ ଖୁସି ନାହାନ୍ତି। ରାହୁଲ ଗତ ତିନି ସିଜିନ ପାଇଁ ଦଳର ଅଧିନାୟକ ଥିଲେ। କିନ୍ତୁ ତାଙ୍କ ଷ୍ଟ୍ରାଇକ୍ ହାର ଭଲ ନଥିବାରୁ ମ୍ୟାନେଜମେଣ୍ଟ ଖୁସି ନଥିବା କୁହାଯାଉଛି। ଏବେ ଏହି ଦଳର ମେଣ୍ଟର ଅଛନ୍ତି ଜହିର ଖାନ ଓ କୋଚ୍ ଅଛନ୍ତି ଜଷ୍ଟିନ୍ ଲେଙ୍ଗର । ରାହୁଲଙ୍କ ପ୍ରଦର୍ଶନକୁ ନେଇ ଉଭୟେ ଅନେକ ଆଲୋଚନା କରିଛନ୍ତି। ଗତ ସିଜିନରେ ଏଲଏସଜିର ପ୍ରଦର୍ଶନ ବିଶେଷ ଭଲ ନଥିଲା। ଏହି ସବୁ କାରଣରୁ ରାହୁଲ ବର୍ତ୍ତମାନ ଦଳରୁ ବାଦ୍ ପଡ଼ିପାରନ୍ତି ବୋଲି କୁହାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶ୍ୱାସ ଓ ଭରସା...

ଲାଗିଛି। ଅପରାହ୍ଣରୁ ପାଗ ବଦଳିଛି ଏବଂ ପାରାଦ୍ୱୀପ, ଏରସମା, ଚନ୍ଦ୍ରଭାଗା, ଅସ୍ତରଙ୍ଗ, ରାଜକନିକା, ଭିତରକନିକା, ଧାମନଗର ଆଦି ଅଞ୍ଚଳରେ ବର୍ଷା ସହିତ ପବନ ବହିବାରେ ଲାଗିଛି। ଭୁବନେଶ୍ୱର, କଟକ, ଯାଜପୁର ଆଦି ସହର ଓ ଏହା ଆଖପାଖ ଅଞ୍ଚଳରେ ପାଗ କୋହଲା ରହିବା ସହିତ ଥଣ୍ଡା ପବନ ବହିଛି। ଦାନା ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇପଡ଼ିଛି। ଉପକୂଳ ଅଞ୍ଚଳରେ ମାଇକ୍ ଯୋଗେ ଲୋକଙ୍କୁ ସତର୍କ କରାଯାଇଛି। କିଛି ଅଞ୍ଚଳରେ ନାଲି ପତାକା ଲଗାଯାଇଛି। ମତ୍ସ୍ୟଜୀବୀମାନେ ସମୁଦ୍ରରୁ ଫେରି ଆସିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯିବା ସଙ୍ଗେସଙ୍ଗେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରାତି ସୁଦ୍ଧା ୧୦ଲକ୍ଷରୁ ଅଧିକ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ନିଆଯାଇଥିବା ସୂଚନା ମିଳିଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ପୁରୀ, ପାରାଦୀପ ଓ ଧାମରାକୁ ୧୦ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି। ସେହିପରି ଗୋପାଳପୁର ବନ୍ଦରକୁ ୮ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି। ବାତ୍ୟା ସଂପର୍କରେ ୨୪ ରାତିରୁ ୨୫ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରତି ୩ ଘଣ୍ଟା ବ୍ୟବଧାନରେ ଅପଡେଟ୍ ଦେବେ ରାଜ୍ୟ ସରକାର। ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଅଗ୍ନିଶମ ସେବାର ସୋସିଆଲ ମିଡିଆ ହ୍ୟାଣ୍ଡେଲଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି।

ଆଇଏମଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ବାତ୍ୟା ଦାନା ବାହ୍ୟ ବଳୟ ସ୍ଥଳ ଭାଗ ଛୁଇଁଛି। ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ଅଞ୍ଚଳରେ ବାତ୍ୟାର ବାହ୍ୟ ବଳୟ ସ୍ପର୍ଶ କରିଛି। ଏହା ବଙ୍ଗୋପସାଗରରେ ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି। ଗୁରୁବାର ରାତିରୁ ୨୫ ସକାଳ ମଧ୍ୟରେ ଉପକୂଳ ଅତିକ୍ରମ କରିବ। ଉପକୂଳ ଅତିକ୍ରମ ବେଳେ ପବନ ବେଗ ୧୦୦ରୁ୧୨୦ କିମି ରହିବାର ସମ୍ଭାବନା ରହିଛି। ସ୍ଥଳଭାଗ ଅତିକ୍ରମ ବେଳେ ଦାନାର ପ୍ରଭାବ ୫ ଘଣ୍ଟା ରହିବ ଏବଂ ୩୦ କିମି ପର୍ଯ୍ୟନ୍ତ ତାଣ୍ଡବ ରଚିବ। ଭିତରକନିକାରୁ ଧାମରା ମଧ୍ୟରେ ଏହା ସ୍ଥଳଭାଗ ଅତିକ୍ରମ କରିବ। ତା'ପୂର୍ବରୁ ଓଡ଼ିଶା ଉପକୂଳ ନିକଟରେ ହାଲୁକା ବର୍ଷା ଆରମ୍ଭ ହୋଇଛି। ଗୁରୁବାର କିଛି ସ୍ଥାନରେ ୨୦ ସେମିରୁ ଅଧିକ ବର୍ଷା ସହ ପବନ ହୋଇପାରେ। କେତେକ ସ୍ଥାନରେ ପବନରେ ଗଛ ଉପୁଡିପାରେ ଓ ଗଛ ଡାଳ ଭାଙ୍ଗିପାରେ। ବାତ୍ୟା ପ୍ରଭାବରେ କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ୧ରୁ୨ ମିଟର ଉଚ୍ଚରେ ଜୁଆର ଆସିପାରେ। କେନ୍ଦ୍ରାପଡ଼ା, ବାଲେଶ୍ୱର, ଜଗତସିଂହପୁର ଓ ଭଦ୍ରକ ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇପାରେ। ପଶ୍ଚିମ ମେଦିନିପୁର ଜିଲ୍ଲା ବି ବାତ୍ୟାରେ ଅଧିକ ପ୍ରଭାବିତ ହେବ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ଦାନା ୧୨ କିମି ବେଗରେ ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି। ୨୪ ତାରିଖ ରାତି କିମ୍ବା ୨୫ ତାରିଖ ସକାଳେ ଭିତରକନିକା-ଧାମରା ମଧ୍ୟରେ ଲ୍ୟାଣ୍ଡଫଲ୍ କରିବାର ସମ୍ଭାବନା ରହିଛି। ବାତ୍ୟା ସ୍ଥଳଭାଗ ଛୁଇଁବା ସମୟରେ ୨ରୁ ୩ ମିଟର ଉଚ୍ଚର ଜୁଆର ମାଡ଼ି ଆସିବାର ସମ୍ଭାବନା ରହିଛି। ୨୪ ଓ ୨୫ ତାରିଖରେ ବାତ୍ୟାର ପ୍ରଭାବ ଅଧିକ ରହିବ। ୨୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଉପକୂଳ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଛି। ଯିବା। ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା,କଟକ, ପୁରୀ, ଗଞ୍ଜାମ ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବ। ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲା ସର୍ବାଧିକ ପ୍ରଭାବିତ ହେବ।

ଶ୍ରୀ ଦାଶ କହିଛନ୍ତି, ଗୁରୁବାର ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ,ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର କିଛି କିଛି ସ୍ଥାନରେ ୭ରୁ ୨୦ ସେମି ବର୍ଷା ହେବାର ସମ୍ଭାବନା ରହିଛି। ଆଉ କିଛି ସ୍ଥାନରେ ୨୦ରୁ ସେମିରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ସବୁ ଜିଲ୍ଲା ଗୁଡ଼ିକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। କେନ୍ଦୁଝର,ଢେଙ୍କାନାଳ, କଟକ ଓ ଖୋର୍ଦ୍ଧା ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଭାରି ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ୨୪ ଓ ୨୫ ତାରିଖରେ ବର୍ଷାର ବସ୍ତୁତି ବଢ଼ିବ। ୨୬ ତାରିଖରୁ ବର୍ଷାର ମାତ୍ରା କମିବ, ହେଲେ ୨୬ ତାରିଖରେ ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଭାରି ବର୍ଷା ହେବାର ସମ୍ଭାବନା ରହିଛି। ଦାଶ କହିଛନ୍ତି, ଆଜି ସନ୍ଧ୍ୟାରେ ଉପକୂଳ ଓଡ଼ିଶାରେ ପବନର ବେଗ ଧୀରେ ଧୀରେ ବୃଦ୍ଧି ପାଇବ। ୨୪ ଓ ୨୫ ତାରିଖରେ ଅଧିକ ପବନ ହେବ। ବାତ୍ୟା ଉପକୂଳ ଅତିକ୍ରମ କରିବା ସମୟରେ ପବନର ବେଗ ଅଧିକ ରହୁଥିବାରୁ ଗଛ ଉପୁଡ଼ିବା ସହ ବିଦ୍ୟୁତ ସେବା ପ୍ରଭାବିତ ହେବାର ସମ୍ଭାବନା ରହିଛି। ମାଟି ଘର ଭାଙ୍ଗିବା ସହ ଧାନ ଚାଷ କ୍ଷତି ହେବାର ସମ୍ଭାବନା ରହିଛି। ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଛି। ଏଥିପାଇଁ ମତ୍ସ୍ୟଜୀବୀଙ୍କୁ ଫେରିବାକୁ ଆସିବାକୁ କୁହାଯାଇଛି। ୨୫ତାରିଖ ଯାଏ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ବାତ୍ୟା 'ଦାନା' ଯୋଗୁ ସବୁଠୁ ଅଧିକ ପ୍ରଭାବିତ ହେବେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା। ସେହିପରି କଟକ, ଖୋର୍ଦ୍ଧା (ଭୁବନେଶ୍ୱର), ପୁରୀ, ଯାଜପୁର, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼ ଓ ମୟୂରଭଞ୍ଜ ଜିଲ୍ଲା ମଧ୍ୟ ପ୍ରଭାବିତ ହେବ।

ବାତ୍ୟା ମୁକାବିଲା ପାଇଁ ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକରେ ୧୮୨ଟି ଅଗ୍ନିଶମ ବାହିନୀ ଟିମ୍ ମୁତୟନ ହୋଇଥିବାବେଳେ ୫୧ ଓଡ୍ରାଫ୍ ଓ ୧୯ ଏନ୍‌ଡିଆର୍‌ଏଫ୍ ଟିମ୍ ଯନ୍ତ୍ରପାତି ସହିତ ସଜାଗ ଅଛନ୍ତି। ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକରେ ବିଧାୟକମାନେ ନିଜ ନିଜ ନିର୍ବାଚନମଣ୍ଡଳୀକୁ ଯାଇଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଏବଂ ପୁରୀ ଜିଲ୍ଲାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଡେରା ପକାଇଛନ୍ତି।

### ମୁକାବିଲା ପାଇଁ ...

ପାନୀୟଜଳ ଓ ଆଲୋକୀକରଣ ପାଇଁ ଡିଜି ବ୍ୟବସ୍ଥା କରାଯାଇଥିବା ନେଇ ମନ୍ତ୍ରୀଙ୍କୁ ସେ ସୂଚନା ଦେଇଥିଲେ। ବାତ୍ୟାଜନିତ ବର୍ଷା ଜଳ ନିଷ୍କାସନ ଓ ନିରବଚ୍ଛିନ୍ନ ଜଳଯୋଗାଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମଧ୍ୟ ଅଧିକାରୀ ମାନଙ୍କୁ ଶ୍ରୀମତୀ ପାଢ଼ୀ କହିଥିଲେ । ବାତ୍ୟା ପରବର୍ତ୍ତୀ ଯୋଗାଯୋଗ, ପରିମଳ ବ୍ୟବସ୍ଥା ଭଳି ଆବଶ୍ୟକୀୟ ସେବା ତ୍ୱରାନ୍ୱିତ କରିବାକୁ ସେ କହିଥିଲେ। ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ରାଜେଶ ପ୍ରଭାକର ପାଟିଲ, ପୌର ନିର୍ଦ୍ଦେଶକ ଦେବାଶିଷ ସିଂ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସରକାର ...

ଆତଙ୍କିତ ନ ହେବାକୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି। 'You are in Safe Hands' ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିପଦ ଟଳିବା ପର୍ଯ୍ୟନ୍ତ ସମସ୍ତେ ସୁରକ୍ଷିତ ଓ ସତର୍କ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ପରିସ୍ଥିତିକୁ ତଦାରଖ କରିବା ପାଇଁ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ସମସ୍ତେ କ୍ୟାବିନେଟ ବୈଠକ ପରେ ଜିଲ୍ଲାଗସ୍ତରେ ଯାଇଛନ୍ତି। ଏହା ସହିତ ଅଭିଜ୍ଞତା ସମ୍ପନ୍ନ ଅଧିକାରୀମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଯେଉଁ ସବୁ ଜିଲ୍ଲାରେ ବାତ୍ୟାର ସମ୍ଭାବନା ଅଛି, ସେ ସବୁ ଜିଲ୍ଲାରେ ବିପଦଶଙ୍କୁଳ ଅଞ୍ଚଳରୁ ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି। ବର୍ତ୍ତମାନ ସୁଦ୍ଧା ବିପଦଶଙ୍କୁଳ ଅଞ୍ଚଳରୁ ୩୦ ପ୍ରତିଶତ ଲୋକଙ୍କୁ ସ୍ଥାନାନ୍ତର କରାଯାଇସାରିଛି। ରାତିସାରା ସ୍ଥାନାନ୍ତର କାର୍ଯ୍ୟ ଚାଲିବ ଏବଂ ଆସନ୍ତା କାଲି ସକାଳ ୧୧ଟା ସୁଦ୍ଧା ୯୦ ପ୍ରତିଶତ ସ୍ଥାନାନ୍ତର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ ସହ ରନ୍ଧା ଖାଦ୍ୟ ଓ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର, କଟକ ଓ ପୁରୀ ଜିଲ୍ଲା ଅଧିକ ପ୍ରଭାବିତ ହେବାର ସମ୍ଭାବନା ଥିବାବେଳେ, ଯଦି ଗତିପଥ ବଦଳେ, ତେବେ ଅନ୍ୟାନ୍ୟ ଜିଲ୍ଲା ମଧ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଛି । ସେଥିପାଇଁ ସରକାର ମଧ୍ୟ ପ୍ରସ୍ତୁତ ରହିଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱତନ୍ତ୍ର ରିଲିଫ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବମାନେ ଉପସ୍ଥିତ ଥିଲେ। ବାତ୍ୟା ସମ୍ଭାବନା ଥିବା ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରି ସେଠାରେ ବିଭିନ୍ନ ସାଟେଲାଇଟ ସୂଚନା ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ଜରୁରୀକାଳୀନ ଯୋଗାଯୋଗ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ।

### ବିଜେପି...

ଅଧିକ ହୋଇପାରେ। ସେହି ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ନିରାପଦ ସ୍ଥାନକୁ ପଳାଇ ଆସନ୍ତୁ। ୫୫୦ରୁ ଅଧିକ ବାତ୍ୟା ଆଶ୍ରୟ ସ୍ଥଳୀ କରାଯାଇଛି। ଆହୁରି ବାତ୍ୟା ଆଶ୍ରୟ ସ୍ଥଳୀ କରାଯିବ। ଆମପାଖରେ ସବୁ ଜିନିଷ ପର୍ଯ୍ୟାପ୍ତ ପରିମାଣରେ ରହିଛି। କୌଣସି ଜିନିଷର ଅଭାବ ନାହିଁ। ଏହି ବାତ୍ୟାରେ କାହାର କିଛି କ୍ଷୟକ୍ଷତି ନ ହଉ। ପଶୁ ହେଲେ ମଧ୍ୟ ତାର ଜୀବନ ନ ଯାଉ। ମନମୋହନ ଆହୁରି କହିଛନ୍ତି, ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଆସିଛି। ଯାହାକୁ ସମସ୍ତେ ଦୃଢତାର ସହ ସାମ୍ନା କରିବା। ବାତ୍ୟା ପାଇଁ ବିଜେପିର ସମସ୍ତ କାର୍ଯ୍ୟକ୍ରମ ବନ୍ଦ ରହିବ। ଲୋକଙ୍କ ସେବା ପାଇଁ ସମସ୍ତ ବିଧାୟକ, ସାଂସଦ ଓ ଦଳୀୟ କାର୍ଯ୍ୟକର୍ତ୍ତା ଦଳ, ମତ ନିର୍ବିଶେଷରେ ଏହି ବିପର୍ଯ୍ୟୟକୁ ମୁକାବିଲା କରିବାକୁ ଆଗେଇ ଆସନ୍ତୁ। ବିଜେପିର ସମସ୍ତ କାର୍ଯ୍ୟକର୍ତ୍ତା ଅନୁରୋଧ ସମସ୍ତେ ସକ୍ରିୟ ରୁହନ୍ତୁ। ନିଜ ନିଜ ଅଞ୍ଚଳରେ ଲୋକଙ୍କ ପାଖରେ ଯାଇ ପହଞ୍ଚନ୍ତୁ। ସମସ୍ତ ଗୁଜବରୁ ଦୂରେଇ ରୁହନ୍ତୁ ବୋଲି ମନମୋହନ କହିଛନ୍ତି।

### ଜାରିହେଲା ...

କଣ୍ଟ୍ରୋଲ୍ ରୁମ୍ -୦୬୭୨୮-୨୨୨୬୪୮, କେନ୍ଦ୍ରାପଡା- କଣ୍ଟ୍ରୋଲ୍ ରୁମ୍ -୦୬୭୨୭ ପାଇଁ ୨୩୨୮୦୩ ଓ କେନ୍ଦୁଝର- କଣ୍ଟ୍ରୋଲ୍ ରୁମ୍ -୦୬୭୬୬-୨୫୫୪୩୭ ଜାରି କରାଯାଇଛି। ସେହିପରି ଜଗତସିଂହପୁର- କଣ୍ଟ୍ରୋଲ୍ ରୁମ୍-୦୬୭୨୪-୨୨୦୩୬୮, କଟକ- କଣ୍ଟ୍ରୋଲ୍ ରୁମ୍ -୦୬୭୧- ୨୫୦୭୮୪୨, ଢେଙ୍କାନାଳ -କଣ୍ଟ୍ରୋଲ୍ ରୁମ୍-୦୬୭୬୨- ୨୨୬୫୦୭, ୦୬୭୬୨- ୨୨୧୩୭୬, ଅନୁଗୁଳ- କଣ୍ଟ୍ରୋଲ୍ ରୁମ୍ -୦୬୭୬୪- ୨୩୦୯୮୦, ପୁରୀ-କଣ୍ଟ୍ରୋଲ୍ ରୁମ୍ -୦୬୭୫୨- ୨୨୩୨୩୭, ଖୋର୍ଦ୍ଧା- କଣ୍ଟ୍ରୋଲ୍ ରୁମ୍ -୦୬୭୫୫-୨୨୦୦୦୨, ଗଞ୍ଜାମ- କଣ୍ଟ୍ରୋଲ୍ ରୁମ୍ -୦୬୮୧୧-୨୬୩୯୭୮, ନୟାଗଡ- କଣ୍ଟ୍ରୋଲ୍ ରୁମ୍ -୦୬୭୫୩- ୨୫୨୯୭୮, ଓ ବିଏମସି (ଭୁବନେଶ୍ୱର)

### ୬ ପ୍ରସ୍ତାବକୁ...

ଯାଏଁ ଧାନ ସଂଗ୍ରହ କରାଯିବ । ୨୦୨୪-୨୫ରେ ୮୦ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯିବ । ଏଥିରୁ ୫୪ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ ହେବ । ଖରିଫ ଋତୁରେ ୬୬ ଓ ରବି ଋତୁରେ ୧୪ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି । ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩ଶହ ଟଙ୍କା ଥିବାବେଳେ ଗ୍ରେଡ-ଏ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ରହିଛି ୨୩୨୦ ଟଙ୍କା । ଏହାବାଦ ସରକାର ସମୃଦ୍ଧ କୃଷକ ଯୋଜନା ବୋନସ ପ୍ରଦାନ କରି ଚାଷୀଙ୍କୁ ୩୧ଶହ ଟଙ୍କା ଲେଖାଏଁ ପ୍ରଦାନ କରିବେ ।

ସେହିପରି ଓଡ଼ିଶା ନୂତନ ବାୟୁ ସଂଯୋଗ ନୀତିକୁ ଅନୁମୋଦନ ଦିଆଯାଇଛି । ଏହି ନୀତି ଅନୁସାରେ ରାଜ୍ୟରେ ବାୟି ସଂଯୋଗୀକରଣକୁ ଉନ୍ନତ କରିବାକୁ ଲକ୍ଷ୍ୟ ରଖାଯାଇଛି । ବିମାନ ସଂସ୍ଥା ଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇଦେଇ ନୂତନ ଘରୋଇ ଓ ଅନ୍ତର୍ଜାତୀୟ ବାୟୁ ମାର୍ଗ ଆରମ୍ଭ କରିବାକୁ ପ୍ରୋତ୍ସାହିତ କରାଯିବ । ଘରୋଇ ମାର୍ଗ ପାଇଁ ପ୍ରତି ଟ୍ରିପରେ ୫ ଲକ୍ଷ ଓ ଆନ୍ତର୍ଜାତିକ ମାର୍ଗ ପାଇଁ ୧୦ ଲକ୍ଷ ସହ ୭୫୦ କିଲୋମିଟର ମାର୍ଗ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ରାଜ୍ୟର ଆର୍ଥିକ ବୃଦ୍ଧି ସହ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବ ବୋଲି ଆଶା କରାଯାଉଛି । ସେହିପରି ଦ୍ରବ୍ୟ ଓ ସେବା କର ପରିଷଦର ସୁପାରିସ କ୍ରମେ କରଦାତାମାନଙ୍କର ଅଧିକ ସୁବିଧା ଲାଗି ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ ୨୦୧୭କୁ ସଂଶୋଧନ କରିବା ପ୍ରସ୍ତାବ ପାରିତ ହୋଇଛି । ସେହିପରି ସୁଭଦ୍ରା ଅନ୍ତର୍ଗତ ନିର୍ଦ୍ଦେଶାବଳୀରେ ପରିବର୍ତ୍ତନକୁ ଅନୁମୋଦନ ମିଳିଛି। ଏହାଛଡ଼ା ଅରୁଣ କୁମାର ଷଡ଼ଙ୍ଗୀଙ୍କୁ ଓଡ଼ିଶା ଲୋକସେବା ଆୟୋଗ ଅଧ୍ୟକ୍ଷ ପଦବୀରେ ନିଯୁକ୍ତି ଦେବା ସମ୍ପର୍କରେ ପ୍ରସ୍ତାବ ପାରିତ ହୋଇଛି ।

### ପାରାଦୀପ...

ବଙ୍ଗୋପସାଗରରେ ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି ବୋଲି ଆଇଏମଡି ଡିଜି ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ବାତ୍ୟା ଆସନ୍ତାକାଲି ରାତିରୁ ୨୫ ସକାଳ ମଧ୍ୟରେ ଉପକୂଳ ଅତିକ୍ରମ କରିବ। ଉପକୂଳ ଅତିକ୍ରମ ବେଳେ ପବନ ବେଗ ୧୦୦ରୁ୧୨୦ କିମି ରହିବାର ସମ୍ଭାବନା ରହିଛି। ଭିତରକନିକା ଧାମରା ମଧ୍ୟରେ ଏହା ସ୍ଥଳଭାଗ ଅତିକ୍ରମ କରିବ। ତା'ପୂର୍ବରୁ ଓଡ଼ିଶା ଉପକୂଳ ନିକଟରେ ହାଲୁକା ବର୍ଷା ଆରମ୍ଭ ହୋଇଛି। ଆଜି ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେବ। ଆସନ୍ତକାଲିଠୁ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ଭୀଷଣ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

ଆଇଏମଡି ଡିଜି, ଆସନ୍ତାକାଲି କିଛି ସ୍ଥାନରେ ୨୦ ସେମିରୁ ଅଧିକ ବର୍ଷା ସହ ପବନ ହୋଇପାରେ। କେତେକ ସ୍ଥାନରେ ପବନରେ ଗଛ ଉପୁଡିପାରେ ଓ ଗଛ ଡାଳ ଭାଙ୍ଗିପାରେ। ବାତ୍ୟା ପ୍ରଭାବରେ କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ୧ରୁ୨ ମିଟର ଉଚ୍ଚରେ ଜୁଆର ଆସିପାରେ। ବାତ୍ୟା ପ୍ରଭାବରେ କେନ୍ଦ୍ରାପଡ଼ା, ବାଲେଶ୍ୱର, ଜଗତସିଂହପୁର ଓ ଭଦ୍ରକ ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇପାରେ। ସେହିପରି ପଶ୍ଚିମ ମେଦିନିପୁର ଜିଲ୍ଲା ବି ବାତ୍ୟାରେ ଅଧିକ ପ୍ରଭାବିତ ହେବ ବୋଲି ଆଇଏମଡି ଡିଜି କହିଛନ୍ତି।

### ସି-ବିଚ୍‌ରେ...

ଜିଲ୍ଲାର ବିଭିନ୍ନ ସି-ବିଚ୍‌ରେ ଲାଗୁ ହୋଇଛି ୧୬୩ ଧାରା। ଏଥିସହ ପାରାଦୀପରୁ ଏରସମା ସିଆଳି ପର୍ଯ୍ୟନ୍ତ ସମୁଦ୍ର ତଟରେ ଲାଗୁ ହେବ କଟକଣା। ପାରାଦୀପରୁ ସିଆଳି ପର୍ଯ୍ୟନ୍ତ ସନ୍ଧ୍ୟାରୁ ୧୬୩ ଲାଗୁ ହେବ କହିଛନ୍ତି ଜଗତସିଂହପୁର ଜିଲ୍ଲାପାଳ। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାରାଦୀପ, ଶିଆଳି, ବାଲିକୁଦା ସି-ବିଚ୍‌ରେ କଟକଣା ଲାଗୁ କରାଯାଇଥିବା କହିଛନ୍ତି ଜିଲ୍ଲାପାଳ।

ଏଥିସହ ସେ କହିଛନ୍ତି, ବାତ୍ୟା 'ଦାନା' ଲ୍ୟାଣ୍ଡଫଲ୍ କରିବା ପୂର୍ବରୁ ବିଭିନ୍ନ ସ୍ଥାନରୁ ଲୋକଙ୍କୁ ସ୍ଥାନାନ୍ତର କରିବା ପ୍ରକ୍ରିୟା ଚାଲିଛି। ତଳିଆ ଅଞ୍ଚଳରେ ରହୁଥିବା ଲୋକ ତଥା ମାଟି ଘରେ ରହୁଥିବା ଲୋକଙ୍କୁ ପ୍ରଥମେ ସ୍ଥାନାନ୍ତର କରାଯାଉଛି। ଏହାବାଦ ସମୁଦ୍ରକୁ ସଂଯୋଗ କରୁଥିବା ନଦୀ ବନ୍ଧରେ ଭାରିଯାନ ଚଳାଚଳକୁ ବାରଣ କରାଯାଇଛି। ଉକ୍ତ ରାସ୍ତା ଦେଇ କେବଳ ରିଲିଫ ସାମଗ୍ରୀ ଗାଡ଼ି ଯାଇପାରିବ ବୋଲି କହିଛନ୍ତି ଜେ. ସୋନାଲ୍।

'ଦାନା' ପ୍ରଭାବରେ ଜଗତସିଂହପୁର ଜିଲ୍ଲାରେ ୮୮ ହଜାର ଲୋକ ପ୍ରଭାବିତ ହେବା ଆଶଙ୍କା ରହିଛି। ସେଥିପାଇଁ ୨୧ଟି ଆଶ୍ରୟସ୍ଥଳୀ ସହ ୪୫ଟି ବହୁମୁଖୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି ବୋଲି କହିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ।

### ଆତଙ୍କିତ...

ରାଜ୍ୟରେ ଧନ ଜୀବନକୁ ସୁରକ୍ଷିତ ରଖିବା ସହିତ ବାତ୍ୟାର ସଫଳ ମୁକାବିଲା କରିବା ନିମନ୍ତେ ଆମ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛନ୍ତି ।

ଏଭଳି ସମୟରେ ଜନସାଧାରଣ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ବାତ୍ୟା ସତର୍କ ସୂଚନା ମାନିବାକୁ ଅନୁରୋଧ କରୁଛି।

ଆମ ଦଳର କାର୍ଯ୍ୟକର୍ତ୍ତାମାନେ ନିଜର ଶକ୍ତି ଓ ସାମର୍ଥ୍ୟ ସହ ବାତ୍ୟା ପ୍ରଭାବିତ ହେବାକୁ ଥିବା ସ୍ଥାନର ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ଅନୁରୋଧ କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ରାଜ୍ୟରେ ଜନସାଧାରଣଙ୍କର କିଛି କ୍ଷତି ନ ହେଉ ବୋଲି ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି।

### ମହିଳା କମିଶନ...

ଅଧ୍ୟକ୍ଷା ଏବଂ ୨୦୨୩ ଏପ୍ରିଲରେ ଅନ୍ୟ ୪ଜଣ ବିଜେଡି ନେତ୍ରୀଙ୍କୁ ଆୟୋଗର ସଦସ୍ୟା ଭାବେ ଅବସ୍ଥାପିତ କରାଯାଇଥିଲା। ଜୁନ୍ ମାସରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ସମସ୍ତ ନିଗମ,ବୋର୍ଡ ଓ ଅନ୍ୟାନ୍ୟ ସରକାରୀ ପଦବୀରେ ଥଇଥାନ ହୋଇଥିବା ବିଜେଡି ନେତାମାନଙ୍କୁ ତତ୍କାଳ ପ୍ରଭାବରୁ ହଟାଇ ଦେଇଥିଲେ ।

କିନ୍ତୁ ରାଜ୍ୟ ମହିଳା ଆୟୋଗ ଓ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗରେ ବିଜେଡି ନେତ୍ରୀମାନଙ୍କୁ ହଟାଯାଇନଥିଲା । ସେମାନେ ନିଜଆଡୁ ଇସ୍ତଫା ନଦେବା ପରେ ରାଜ୍ୟ ସରକାର ଓଡ଼ିଶା ଆକ୍ଟ-୧୯୯୪ର ଧାରା ୩ରେ ପ୍ରଦତ୍ତ କ୍ଷମତାକୁ ଉପଯୋଗ କରି ମହିଳା ଆୟୋଗ ଅଧ୍ୟକ୍ଷା ଓ ସଦସ୍ୟାଙ୍କୁ ବରଖାସ୍ତ କରିଥିବା ଜଣାପଡ଼ିଛି।

## ମୁକାବିଲା ପାଇଁ ଅଗ୍ନିଶମ ବାହିନୀ ସଜାଗ

**ଭୁବନେଶ୍ୱର, ୨୩।୧୦(ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା 'ଦାନା' ମୁକାବିଲା ଦିଗରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଘନ ଘନ ବୈଠକ ସହ ବରିଷ୍ଠ ଅଧିକାରୀମାନଙ୍କୁ ପ୍ରଭାବିତ ହେବାକୁ ଥିବା ଜିଲ୍ଲା ଗୁଡିକୁ ପଠାଯାଇଛି। ବିପଦରେ ଥିବା ସମ୍ବେଦନଶୀଳ ବସ୍ତି ଓ ଲୋକଙ୍କୁ ଚିହ୍ନଟ

- **ବିଭିନ୍ନ ଜିଲ୍ଲାକୁ ଯାଇଛନ୍ତି ୧୭୮ ଟିମ୍**
- **ଭଟିଣ୍ଡାରୁ ଆସିଛନ୍ତି ୫ ଏନଡିଆରଏଫ୍ ଟିମ୍**
- **୨୬ ପର୍ଯ୍ୟନ୍ତ ସମୁଦ୍ର ମନା**

କରିବା ଏବଂ ଆବଶ୍ୟକ ପଡ଼ିଲେ ସେମାନଙ୍କୁ ସୁରକ୍ଷିତ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରିବାକୁ ଜିଲ୍ଲା ଗୁଡ଼ିକୁ କୁହାଯାଇଛି। ୨୦ଟି ଏନ୍‌ଡିଆର୍‌ଏଫ୍ ୧୯ଟି ନିୟୋଜିତ ଓ ଗୋଟିଏ ରିଜର୍ଭ, ୫୧ଟି ଓଡ୍ରାଫ୍ ଓ ୧୭୮ଟି ଅଗ୍ନିଶମ ଟିମ୍ ମୁତୟନ କରିବାକୁ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ ହୋଇଛି। ୪୦ଟି ଅଗ୍ନିଶମ ସେବା ଟିମ୍ ସମ୍ବେଦନଶୀଳ ସ୍ଥାନରେ ନିୟୋଜିତ ହୋଇଛନ୍ତି। ଭଟିଣ୍ଡାରୁ ୫ଟି ଏନ୍‌ଡିଆର୍‌ଏଫ୍ ଟିମ୍ ହେଲିକପ୍ଟର ଯୋଗେ ଆଜି ରାତିରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଜିଲ୍ଲାପାଳମାନେ ନିୟୋଜିତ ଏନଡିଆରଏଫ୍ ଟିମ୍ ପାଇଁ ରହିବାର ବ୍ୟବସ୍ଥା କରିବେ। ସମ୍ବେଦନଶୀଳ ଲୋକଙ୍କୁ ଆଶ୍ରୟ ଦେବା ପାଇଁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ/ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଓ ଅନ୍ୟାନ୍ୟ ସୁରକ୍ଷିତ କୋଠା ଘର ଚିହ୍ନଟ ହୋଇଛି। ଲୋକଙ୍କୁ ଏଭଳି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ସହ ଖାଦ୍ୟ, ପାନୀୟ ଜଳ, ଆଲୋକ, ପରିମଳ ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ଦିଗରେ ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଜି ଏକ ଉଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବାତ୍ୟା ପରେ ରାସ୍ତା ଓ ଯାତାୟାତ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆବଶ୍ୟକ ଆଗୁଆ ବ୍ୟବସ୍ଥା କରିବାକୁ କୁହାଯାଇଛି। ଓଡ଼ିଶା ଉପକୂଳରେ ଚଳାଚଳ କରୁଥିବା ସମସ୍ତ ମାଛଧରା ଡଙ୍ଗାକୁ ସୁରକ୍ଷିତ ଭାବେ କୂଳକୁ ଫେରାଇ ଅଣାଯିବା ସହ ୨୬ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ମାଛଧରା ଡଙ୍ଗା ସମୁଦ୍ର ଭିତରକୁ ଯିବ ନାହିଁ ବୋଲି ସୁନିଶ୍ଚିତ କରାଯାଇଛି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ଗୋଟିଏ ହେଲିକପ୍ଟର ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ୧୪ଟି ଜିଲ୍ଲାର ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ତିନି ବନ୍ଦର ଯଥା ଗୋପାଳପୁର, ପାରାଦୀପ ଓ ଧାମରା କର୍ତ୍ତୃପକ୍ଷକୁ ସତର୍କତାମୂଳକ ସୂଚନା ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



## ଶାନ୍ତି ଶୃଙ୍ଖଳାରେ ସରିଲା ମା'ଙ୍କ ଭସାଣି

**ଫୁଲନଖରା, ୨୩।୧୦ (ସଂଚାର ବ୍ୟୁରୋ) :** କଟକ ସଦର ଥାନା ଅନ୍ତର୍ଗତ ସଇନ୍ଧା ନଛିପୁର ଅଞ୍ଚଳରେ ଦୀର୍ଘ ୭ ଦିନ ଧରି ପୂଜା ପାଉଥିବା ଗଜଲକ୍ଷ୍ମୀ ମେଢ଼ ଗୁଡିକର ଭଷାଣୀ ଉତ୍ସବ ମଙ୍ଗଳବାର ଅପରାହ୍ଣ ୩ଟାରୁ ଆରମ୍ଭ ହୋଇ ରାତି ୧୦ଟାରେ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ପୁଣି ଆସନ୍ତା ବର୍ଷକୁ ଅପେକ୍ଷା। ବ୍ୟାଣ୍ଡପାର୍ଟି, ଘଣ୍ଟ, ଶିଘଂ ବାଜା, ଦୁଲଦୁଲି, ଘୋଡ଼ା, ଷଣ୍ଢ ସାଙ୍ଗକୁ ବିଭିନ୍ନ ପ୍ରକାରର ପାରଂମ୍ପରିକର ତାଳେ ତାଳେ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ନାଚି ନାଚି ଭଷାଣୀର ମଜା ନେଇଥିଲେ । ବିଭିନ୍ନ ସ୍ଥାନରେ ହୋଇଥିବା ମେଢ଼ ଗୁଡିକ ନିଜ ନିଜର ସାହି ପରିକ୍ରମା କରି ସାରି ପଛକୁ ପଛ ମେଢ଼ ଗୁଡିକ ଭଷାଣୀ ଶୋଭାଯାତ୍ରା ଯାଇ ଅସ୍ଥାୟୀ ପୋଖରୀରେ ବିସର୍ଜନ କରା ଯାଇଯାଇଛି ଭଷାଣୀ ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କଟକ ସଦର ଥାନା ପକ୍ଷରୁ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଜୋନ୍ ୪ ଏସିପି , ଆଇଆଇସି ଜଗନ୍ନାଥ ମଲ୍ଲିକ ଏବଂ ସଦର ଥାନାର ସମସ୍ତ ଅଫିସର ପ୍ରତ୍ୟେକ ମେଢ଼ ନିକଟରେ ରହି ଭଷାଣୀ କାର୍ଯ୍ୟ ପରିଚାଳନା କରିଥିଲାବେଳେ ଆଞ୍ଚଳିକ ଶାନ୍ତି କମିଟିର ସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଏହି ଭଷାଣୀ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହେଇଥିଲା ।

ମାଡି ଆସୁଛି ବାତ୍ୟା 'ଦାନା'

## ନେଇଯିବ କି ଚାଷୀଙ୍କ ଦାନା ?

### ଦର ପାଚିଲା ଫସଲ କାଟି ଆଣିଲେ

**ଅସ୍ତରଙ୍ଗ/କାକଟପୁର, ୨୩।୧୦ (ସଂଚାର ବ୍ୟୁରୋ) :** ଦାନା ମାଡି ଆସୁଛି। ଚାଷୀଙ୍କ ବର୍ଷକର ଦାନା ଛଡାଇନେବ। ସମ୍ଭାବ୍ୟ ବାତ୍ୟା ଦାନା ଭୟରେ ଭୟଭୀତ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଂଚଳର ଚାଷୀକୂଳ।



ଦାନା ଉଜାଡିବ ନେବ କି ଶହ ଶହ ହେକ୍ଟର ଜମିର ଫସଲ। ଏବେ ଦାନା ଚିନ୍ତାରେ ଅସ୍ତରଙ୍ଗ ବ୍ଲକ ବେଗୁନିଆବସ୍ତ, ନଈଗୁଆଁ, କେନ୍ଦ୍ରାପଟି, ଛୁରିଆନା, ପାଟଳଦା, ଅନନ୍ତା ଏମିତି କେତେ କେତେ ଗାଁର ଚାଷୀକୁଳ। ମହାବାତ୍ୟା, ଫାଇଲିନି, ହୁଡହୁଡ୍, ତିତିଲ, ଫନି ଆଦି ବାତ୍ୟାରେ ବିପୁଳ କ୍ଷତି ସହିଥିବା ଏବଂ ଏ ଯାଏ ଅଣ୍ଟା ସଳଖି ପାରି ନଥିବା ଅସ୍ତରଙ୍ଗ ବ୍ଲକ ଅଂଚଳର ସଂଖ୍ୟାଧିକ ଚାଷୀଙ୍କୁ ଦାନା ଡରାଇଲାଣି। ଏହି କାରଣରୁ ଦାନା ପାଇଁ ଚାଷୀ ଚିନ୍ତିତ, ଭୟଭୀତ ବି। ଏବେ କେଉଁଠି ଧାନ ଗଛରେ ଥୋଡ଼ ବାହାରିଛି ତ ଆଉ କେଉଁଠି କିଛି ହୋଇନି। କେଉଁଠି ଧାନ କେଣ୍ଡା ବାହାରିଗଲାଣି ଆଉ କେଉଁଠି ଧାନ ଗଛ ଅଧା ପାଚିବା ଅବସ୍ଥାକୁ ଆସିଗଲାଣି। ଯାହା କୃଷକମାନଙ୍କ କହିବା ଅନୁଯାୟୀ ୫% ନୂଆ ଧାନ ଏ ଯାଏ ଅମଳ ବି ହୋଇ ପାରିନାହିଁ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୃଷି ବିଭାଗ ସୂଚନା ଅନୁସାରେ ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକରେ ୯୦୩୨ ହେକ୍ଟର ଜମିରେ ଖରିଫ ଧାନ ଫସଲ ହୋଇଛି। ସେଥି ମଧ୍ୟରୁ ୫୭୬୯ ହେକ୍ଟର ଖାଲୁଆ ଜମି ବୋଲି ରିପୋର୍ଟ ମିଳିଛି। ୧୩୮୨ହେକ୍ଟର ଜମିରେ ବିଭିନ୍ନ ପ୍ରକାର ପନିପରିବା ଚାଷ ହୋଇଛି। ପବନ, ବର୍ଷା ହେଲେ ଏହି ଖାଲୁଆ ଚାଷ ଜମି ଅଧିକ ପ୍ରଭାବିତ ହେବ ବୋଲି ଆକଳନ ହୋଇଛି। ସମ୍ଭାବ୍ୟ ବାତ୍ୟା ଦାନାକୁ ଲକ୍ଷ୍ୟ ରଖି ଅସ୍ତରଙ୍ଗ ବ୍ଲକ ପ୍ରଶାସନ କାର୍ଯ୍ୟ ଆରମ୍ଭ କରିଛି। ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କ ଆଦେଶ ଅନୁଯାୟୀ କୃଷି ଏବଂ ଉଦ୍ୟାନ କୃଷି ବିଭାଗ ଅଧିକାରିମାନେ ଧାନ ଓ ପରିବା ଫସଲ ଚିଠା ପ୍ରସ୍ତୁତ କରିଛନ୍ତି। ଅସ୍ତରଙ୍ଗ ବ୍ଲକ ବେଗୁନିଆବସ୍ତ, ଓସ୍ତପୁର, ଝାରିଆ ଅଂଚଳରେ ବାଇଗଣ, ଭେଣ୍ଡି, ମୂଳା, କାକୁଡି, ପୋଟଳ ଝୁଡ଼ଙ୍ଗ, ବିନ, ଧନିଆ, ବନ୍ଧା ଓ ଫୁଲ କୋବି ଆଦି ପରିବା ଚାଷ ହୋଇଥାଏ। ଏହି ଅଂଚଳର ସବୁଜ ପନିପରିବା ଅସ୍ତରଙ୍ଗ, କୁଣ୍ଢେଇ, ନୟାହାଟ ଅଂଚଳ କୁ ପଠା ଯାଇଥାଏ। ବେଗୁନିଆବସ୍ତ ଗ୍ରାମର ଚାଷୀ ବାବୁରାମ ବରାଳ ଏଥର ୫ ଏକର ରୁ ଉର୍ଦ୍ଧ ଜମିରେ କୋବି, ବାଇଗଣ ସହ ଅନ୍ୟାନ୍ୟ ଫସଲ ଚାଷ କରୁଥିଲେ। ବାତ୍ୟା ନା ଶୁଣିଲେ ଏବେ ଭୟ ଲାଗୁଥିବା କହିଛନ୍ତି।



## ମୁକାବିଲା କରିବାକୁ ଅଗ୍ନିଶମ ବାହିନୀ ସଜାଗ

**ଅସ୍ତରଙ୍ଗ/କାକଟପୁର:** ବଙ୍ଗୋପସାଗର ସୃଷ୍ଟ ଲଘୁଚାପ କ୍ରମଶଃ ଘନୀଭୂତ ହେଉଥିବା ବେଳେ ଦାନା ଉପକୂଳ ଅଂଚଳ ମୁହାଁ। ଯାହାକୁ ନେଇ ଉପକୂଳ ବର୍ତ୍ତୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳ ଲୋକେ ଭୟଭୀତ ଥିବା ବେଳେ ବାତ୍ୟା ପାଇଁ ଅଗ୍ନିଶମ ବାହିନୀ ତରଫରୁ ପ୍ରସ୍ତୁତ ଆରମ୍ଭ ହୋଇଛି। କଳ ତୟାର, ବଳ ବି ତୟାର। ବାତ୍ୟା ଦାନା ନିଜ ଦମ୍ ଦେଖାଇବା ଆଗରୁ ଏହାର ମୁକାବିଲା କରିବାକୁ ବିପର୍ଯ୍ୟୟ ଯୋଦ୍ଧା ତୟାର। ଅଗ୍ନିଶମ ବାହିନୀ ଆଧୁନିକ ସରଞ୍ଜାମ ସହ ଗ୍ରାଉଣ୍ଡରେ ଆରମ୍ଭ କଲେଣି ସମରସଜ୍ଜା। ବାତ୍ୟା ବାଟ ଉଗାଳିବା ସିନା ମୁସ୍କିଲ କିନ୍ତୁ ଏହାର କ୍ଷୟ କ୍ଷତି କମ୍ କରିବା ଅସମ୍ଭବନୁହେଁ। ବାତ୍ୟା ଯିବା ମାତ୍ରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ମଧ୍ୟ ପ୍ରସ୍ତୁତ ହେଲଣି ।ଜୀବନ ଯାତ୍ରା ସ୍ୱାଭାବିକ କରିବାକୁ ସମସ୍ତେ ହୋଇ ସାରିଲେଣି ଭୀଷ୍ମ ପ୍ରତିଜ୍ଞା। ସ୍ଥିତି ମୁକାବିଲା କରିବା ପାଇଁ ପାଓ୍ୱାର ବୋଟ, କଟର, ଲାଇଫ ଜ୍ୟାକେଟ, ଆସ୍କା ଲାଇଟି, ଜେନେରେଟର ପ୍ରଭୃତି ରଖିଛି ଅଗ୍ନିଶମ ବିଭାଗ ।ପୁରୀ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଅସ୍ତରଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ପ୍ରସ୍ତୁତ ଥିବା ବେଳେ ବାତ୍ୟା ପୂର୍ବରୁ ସ୍ଥାନାନ୍ତର ଓ ବାତ୍ୟା ପରେ ଉଦ୍ଧାର ସହ ରିଲିଫ ପରିଚାଳନା ଇତ୍ୟାଦି ରେ ଅଗ୍ନିଶମ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ବାତ୍ୟା ପାଇଁ ୧୬ ପଞ୍ଚାୟତର ୧୪୭୧ ହେବେ ସ୍ଥାନାନ୍ତର

**ନାଉଗାଁ, ୨୩।୧୦ (ସଂଚାର ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ମିଳନୀ କକ୍ଷରେ ଏକ ବୈଠକ କରାଯାଇଛି। ବାତ୍ୟା କିମ୍ବା ବର୍ଷାରେ ଜନସାଧାରଣ ଯେପରି ଅସୁବିଧାରେ ସମ୍ମୁଖୀନ ନହୁଅନ୍ତି ସେଥିପାଇଁ ତିକ୍ଷଣ ଦୃଷ୍ଟି ଦେବାକୁ ବିଡିଓ ତପନ କୁମାର ମହାପାତ୍ର ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ଅଙ୍ଗେଶ୍ୱରପଡ଼ାସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସମେତ ବ୍ଲକରେ ହୋଇଥିବା ଅନ୍ୟ ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡିକୁ ବୁଲି ଦେଖିଛନ୍ତି। ଆଶ୍ରୟସ୍ଥଳୀ ଗୁଡିକରେ ପିଇବା ପାଣି, ଆଲୋକୀକରଣ, ଶୌଚାଳୟ ଆଦି ଠିକ୍ ରହିଛି କି ନାହିଁ ତାହା ମଧ୍ୟ ପରଖିଛନ୍ତି।



ବାତ୍ୟା କିମ୍ବା ବର୍ଷାରେ ଅସୁରକ୍ଷିତ ଭାବେ ରହିଥିବା ପରିବାର ଗୁଡିକର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ସେଥିମଧ୍ୟରେ ଡେରିକି ପଞ୍ଚାୟତର ୫୫ ପରିବାରରୁ ୨୦୦ଜଣ, ତିରୁଣାର ୫୦ ପରିବାରରୁ ୨୨୪ଜଣ, ଅଲଣାର ୧୫ଟି ପରିବାରରୁ ୬୦ଜଣ, ବାଂଶର ୧୦ପରିବାରରୁ ୪୫ଜଣ, ନାଉଗାଁର ୭ ପରିବାରରୁ ୧୬ଜଣ, ଗଳଦାରୀ ୧୫ ପରିବାରରୁ ୬୦ ଜଣ, ଗଜରାଜପୁର ୧୨ ପରିବାରରୁ ୪୩ ଜଣ, ଓଷକଣା ୧୫ ପରିବାରରୁ ୩୫ ଜଣ, ଶିଖର ୧୮ ପରିବାରରୁ ୫୦ ଜଣ, ନୂଆଗାଁ ୫୦ ପରିବାରରୁ ୨୦୦ ଜଣ, କୋରୁଅ ୫ ପରିବାରରୁ ୨୫ ଜଣ, ରୋହିଆ ୪୦ ପରିବାରରୁ ୧୬୦ଜଣ, ବଛାଲୋ ୪ ପରିବାରରୁ ୧୦ଜଣ, ଘୋଡାଂଶ ୪୬ ପରିବାରରୁ ୧୫୩ ଜଣ, ଜାମୁଗାଁ ୪୦ ପରିବାରରୁ ୧୪୦ଜଣ, ଡାବର ପଞ୍ଚାୟତର ୧୦ ପରିବାରରୁ ୫୦ ଜଣ ସମୁଦାୟ ୩୯୨ଟି ପରିବାରରୁ ୧ହଜାର ୪୭୧ ଜଣଙ୍କୁ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖାଯାଇଛି। ଡେରିକି, ଡାବର ଓ ଜାମୁଗାଁ ପଞ୍ଚାୟତର ଜନସାଧାରଣଙ୍କୁ ଗାଡି ମାଧ୍ୟମରେ ସ୍ଥାନାନ୍ତର କରାଯିବ ବୋଲି ଜଣାଯାଇଛି। ବାତ୍ୟାର ଗତିବିଧିକୁ ଦୃଷ୍ଟିରେ ରଖି ଉକ୍ତ ସ୍ଥାନାନ୍ତର କାର୍ଯ୍ୟ କରାଯିବ ବୋଲି ଏବିଡିଓ ଦେବେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

ବାତ୍ୟା ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି

## ଭୟଭୀତ ନ ହୋଇ ସତର୍କ ଓ ସଚେତନ ରହିବାକୁ ନିବେଦନ

**ପୁରୀ, ୨୩।୧୦ (ସଂଚାର ବ୍ୟୁରୋ) :** ବାତ୍ୟା ଦାନାର ମୁକାବିଲା ପାଇଁ ପ୍ରସ୍ତୁତିକୁ ଜୋରଦାର କରିଛି ପ୍ରଶାସନ। ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ବ୍ଲକ ତଦାରଖ ଦାୟିତ୍ୱ ଦିଆଯାଇଛି। ଭୟଭୀତ ନ ହୋଇ ସତର୍କ ଓ ସଚେତନ ରହିବାକୁ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ବାତ୍ୟା ମୁକାବିଲା ପାଇଁ ଦୈନିକ ସମୀକ୍ଷା ସହ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ



କୈଳାସ ଚନ୍ଦ୍ର ନାୟକଙ୍କୁ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ସହ କୋଣାର୍କ ଏନଏସି, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କୁ କଣାସ ଓ ସତ୍ୟବାଦୀ ବ୍ଲକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇଙ୍କୁ ଗୋପ ଓ ନିମାପଡ଼ା ବ୍ଲକ ସହ ନିମାପଡା ଏନ ଏ ସି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଙ୍କୁ ବ୍ରହ୍ମଗିରି ବ୍ଲକ ଓ କୃଷ୍ଣ ପ୍ରସାଦ ବ୍ଲକ ସାତପଡ଼ା ପାର୍ଶ୍ୱର ୭ଟି ପଞ୍ଚାୟତ, ପୁରୀ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରାଙ୍କୁ ପୁରୀ ପୌରପାଳିକା, ଉପ ଜିଲ୍ଲାପାଳ ଗୋପୀନାଥ କୁଅଁରଙ୍କୁ ପୁରୀ ସଦର ବ୍ଲକ,ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀଙ୍କୁ ପିପିଲି ଓ ଡେଲାଙ୍ଗ ବ୍ଲକ ସହ ପିପିଲି ଏନଏସି ଓ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରାଙ୍କୁ କୃଷ୍ଣ ପ୍ରସାଦ ବ୍ଲକ ଜହ୍ନିକୁଦା ପାର୍ଶ୍ୱର ୧୪ଟି ପଞ୍ଚାୟତ ପରିଚାଳନା ଦାୟିତ୍ୱ ଦିଆଯାଇଛି। ସେମାନେ ସଂପୃକ୍ତ ଅଞ୍ଚଳକୁ ଗସ୍ତ ସହ ବିଡ଼ିଓ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ସାଧାରଣ ଲୋକମାନଙ୍କୁ ସହାୟତା ଓ ସୁରକ୍ଷିତ ଭାବେ ରଖିବା ପାଇଁ ପଦକ୍ଷେପ ନେବେ।

ଜିଲ୍ଲାର ୧୭୯ ବହୁମୁଖୀ ଆଶ୍ରୟ ସ୍ଥଳକୁ ପ୍ରସ୍ତୁତ କରାଯାଇଥିବା ବେଳେ ବିକଳ୍ପ ୩୭୦ ଆଶ୍ରୟ ସ୍ଥଳକୁ ମଧ୍ୟ ପ୍ରସ୍ତୁତ କରାଯାଇଛି।ଇତି ମଧ୍ୟରେ ଓଡ୍ରାଫ ଓ ଏନ ଡି ଆର ଏଫ ର ୨ଟି ଲେଖାଏଁ ଟିମ ଜିଲ୍ଲାରେ ପହଞ୍ଚିଛନ୍ତି। ଅଗ୍ନିଶମର ୧୧ଟି ଟିମ୍ ପ୍ରତି ବ୍ଲକରେ ଥିବା ବେଳେ ଅତିରିକ୍ତ ୬ ଟି ଟିମ୍ ଜିଲ୍ଲା ପାଇଁ ରହିଛନ୍ତି।ସମୁଦ୍ର ମଧ୍ୟରେ ଥିବା ସମସ୍ତ ୩୭୧୭ ମାଛଧରା ବୋଟ କୂଳକୁ ଫେରେଇ ଅଣା ଯାଇଛି। ଏସଆରସି ର ୨୯ ଟି ବୋଟ ଜିଲ୍ଲାରେ ଉପଲବ୍ଧ ରହିଛି।୨୦୦ ଆପଦ ମିତ୍ର ସ୍ୱେଚ୍ଛାସେବୀ ମହଜୁଦ ଅଛନ୍ତି। ୮୫୬ ଗର୍ଭବତୀ ମା ଯେଉଁ ମାନଙ୍କ ପ୍ରସବ ସମୟ ଏକ ସପ୍ତାହ ମଧ୍ୟରେ ରହିଛି ସେମାନଙ୍କୁ ଚିହ୍ନଟ କରାଯାଇ ଚିକିତ୍ସାଳୟକୁ ନିଆ ଯାଉଛି। ଜନସାଧାରଣଙ୍କୁ ସୁରକ୍ଷା ଦେବା ଓ ନିରାପଦ ରଖିବାକୁ ପ୍ରଶାସନ ସମସ୍ତ ପଦକ୍ଷେପ ନେବା ସହ ନିୟନ୍ତ୍ରଣ କକ୍ଷ ନମ୍ବର ୦୬୭୫୨-୨୨୩୨୩୭ ସହ ହେଲ୍ପ ଲାଇନ ନମ୍ବର ୧୦୭୭ ମଧ୍ୟ ଜାରି କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି।

**ପୁରୀ:** ଧିରେ ଧିରେ ଉପକୂଳକୁ ମାଡ଼ି ଆସୁଛି ସାମୁଦ୍ରିକ ଝଡ଼ ଦାନା। ତେବେ ବାତ୍ୟାକୁ ଦୃଷ୍ଟିରେ ରଖି ଐତିହ୍ୟ କୀର୍ତ୍ତିରାଜି ଗୁଡିକର ସୁରକ୍ଷା ପାଇଁ ପଦକ୍ଷେପ ନେଇଛି ଏଏସଆଇ। ପୁରୀ, କଟକ, ଜଗତସିଂହପୁର ଏବଂ ଯାଜପୁର ଜିଲ୍ଲାରେ ଥିବା ସମସ୍ତ ଐତିହ୍ୟ କୀର୍ତ୍ତିରାଜିର ଯେଭଳି କୌଣସି ବାତ୍ୟା ଦ୍ୱାରା କ୍ଷତି ନ ଘଟିବ ସେନେଇ ଏଏସଆଇ ପକ୍ଷରୁ ଅଧିକାରୀମାନଙ୍କୁ ଚିଠି ଯୋଗେ ନିର୍ଦ୍ଦେଶ ଦିଆଯାଇଛି। ଐତିହ୍ୟ କୀର୍ତ୍ତିରାଜି ଗୁଡିକରେ ଲାଗିଥିବା ଲୁହା ସ୍କାଫୋଲ୍ଡିଙ୍ଗ ଯେଭଳି ପବନ ଦ୍ୱାରା କୌଣସି ସମସ୍ୟା ସୃଷ୍ଟି ନହୁଏ ସେ ଦିଗରେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଓଭର ହେଡ ପାଣି ଟାଙ୍କି ସମ୍ପୂର୍ଣ୍ଣ ଭାବେ ପୂର୍ଣ୍ଣ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିଜି ସେଟ୍ ଗୁଡିକ ପାଇଁ ପର୍ଯ୍ୟାପ୍ତ ପରିମାଣରେ ତେଲ ମହଜୁଦ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଜଳବନ୍ଦୀ ସମସ୍ୟା ହେବାର ଆଶଙ୍କା ଥିବାରୁ ଜଳ ନିଷ୍କାସନ ପାଇଁ ପମ୍ପସେଟର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନ ଯାଞ୍ଚ କରାଯିବା ସହ ମନ୍ଦିରର ବିଭିନ୍ନ ଅଂଶରେ ପାଣି ନିଷ୍କାସନ ପାଇଁ ଯେଭଳି କୌଣସି ଅସୁବିଧା ନହୁଏ ସେ ଦିଗରେ ମଧ୍ୟ ପଦକ୍ଷେପ ନେବାକୁ କୁହାଯାଇଛି। ୨୪ ଓ ୨୫ ତାରିଖରେ ବାତ୍ୟାର ପ୍ରଭାବ ଆହୁରି ଅଧିକ ରହିବ। ଏଣୁ ଏଏସଆଇ ଅଧିନରେ ଥିବା ସଂଗ୍ରହାଳୟ ଏବଂ ସମସ୍ତ ଐତିହ୍ୟ କୀର୍ତ୍ତିରାଜି ଗୁଡିକୁ ୨୪ ଓ ୨୫ ଦୁଇଦିନ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।



**ପୁରୀ :** ସମ୍ଭାବ୍ୟ ବାତ୍ୟା ନେଇ ଏବେ ପୁରୀ ସହର ସମେତ ସ୍ୱର୍ଣ୍ଣାଭ ବେଳାଭୂମିରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପୁରୀ ସମୁଦ୍ରକୂଳରେ ଡ଼ାକବାଜି ଯନ୍ତ୍ର ସହାୟତାରେ ସମୁଦ୍ର ଭିତରକୁ ନଯିବା ଲାଗି ପରାମର୍ଶ ଦିଆଯାଉଛି । ସମୁଦ୍ର କୂଳରେ ନାଲି ପତାକା ମରାଯାଇଛି । ବାତ୍ୟା ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ପୁରୀ ଆସିଥିବା ପର୍ଯ୍ୟଟକ ମାନେ ପୁରୀ ଛାଡ଼ିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ପୁରୀ ଆସିଥିବା ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଆତଙ୍କିତ ଅବସ୍ଥାରେ ଥିଲେ ମଧ୍ୟ ଟ୍ରେନ ବାତିଲ ଜନିତ ସମସ୍ୟା ଯୋଗୁଁ ସେମାନଙ୍କ ମଧ୍ୟରୁ ଅନେକ ପୁରୀ ଛାଡ଼ି ପାରିନାହାଁନ୍ତି । ସମୁଦ୍ରର ଜୁଆର ବୃଦ୍ଧି ପାଇଛି । ଉଠା ଦୋକାନୀମାନେ ନିଜ ନିଜର ସରଞ୍ଜାମକୁ ସୁରକ୍ଷିତ ରଖିବାକୁ ଉଦ୍ୟମ ଚଳାଇଛନ୍ତି ।

## ଜଳିଗଲା ୪ବଖରା ଘର

**କେନ୍ଦ୍ରାପଡ଼ା, ୨୩।୧୦ (ସଂଚାର ବ୍ୟୁରୋ) :** ମାର୍ଶାଘାଇ ବ୍ଲକ ପରକୁଳା ପଞ୍ଚାୟତ ନାରାୟଣପୁରରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଧ୍ରୁବ ସାହୁଙ୍କ ୨ବଖରା ଏବଂ ପ୍ରହ୍ଲାଦ ସାହୁଙ୍କ ୨ ବଖରା ସମୁଦାୟ ୪ବଖରା ସମ୍ପୂର୍ଣ୍ଣ ଜଳିଯାଇଛି । ଅଗ୍ନିକାଣ୍ଡର ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କୌଣସି କାରଣ ଜଣାପଡ଼ିନାହିଁ । ପ୍ରଥମରେ ପ୍ରହ୍ଲାଦଙ୍କ ଘରେ ଅଗ୍ନିକାଣ୍ଡ ଘଟିବାରୁ ସ୍ଥାନୀୟ ଗ୍ରାମବାସୀ ଖବର ପାଇ ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଥିଲେ। ଏହି ନିଆଁ ଲିଭାକାର୍ଯ୍ୟ ସମୟରେ ପ୍ରହ୍ଲାଦଙ୍କ ଘରେ ରଖାଯାଇଥିବା ରନ୍ଧନଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟିଥିଲା । ଯାହାଫଳରେ ଅଗ୍ନିକାଣ୍ଡ ଭୟାବହ ରୂପ ଧାରଣ କରିଥିଲା । ସିଲିଣ୍ଡର ଫାଟିବାରୁ ସ୍ଥାନୀୟ ଗ୍ରାମର ସୁରଥ ରାଉତ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି। ଅଗ୍ନିକାଣ୍ଡରେ ଉଭୟ ପରିବାରର ସବୁକିଛି ଜଳିପୋଡ଼ି ପାଉଁଶ ହୋଇଯାଇଛି। ମାର୍ଶାଘାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲା। ବିପନ୍ନ ପରିବାରକୁ ସହାୟତା ଯୋଗେଇ ଦେବାକୁ ଦାବି ହେଉଛି।

## ଦାଦନ ପ୍ରଥାର ନିରାକରଣ ପାଇଁ ବୈଠକ



**ନୂଆପଡା, ୨୩।୧୦ (ସଂଚାର ବ୍ୟୁରୋ) :** ଆଜି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ କକ୍ଷରେ ପ୍ରବାସୀ ଶ୍ରମିକ ପ୍ରଥାର ନିରାକରଣ ପାଇଁ ବିଭିନ୍ନ ବିଭାଗର ସମ୍ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବୈଠକକୁ ଉଦ୍ବୋଧନ ଦେଇ ଜିଲ୍ଲାପାଳ କହିଲେଯେ ଜିଲ୍ଲାରେ ସମସ୍ତ ବିଭାଗର ସମ୍ମିଳିତ ଉଦ୍ୟମ ହେଲେ ଯାଇ ପ୍ରବାସୀ ଶ୍ରମିକ ପ୍ରଥାର ନିରାକରଣ ହୋଇ ପାରିବ । ବିଭିନ୍ନ ବିଭାଗର ବିଗତ ଦିନର କାର୍ଯ୍ୟାବଳୀର ସମୀକ୍ଷାରୁ ଜଣାଗଲା ଯେ ବନବିଭାଗ ପକ୍ଷରୁ ୨,୩୭,୬୦୧, ପଞ୍ଚାୟତିରାଜ ବିଭାଗରୁ ୨୩,୮୨,୭୧୦, ଜଳ ବିଭାଜକା ବିଭାଗରୁ ୧,୧୪,୩୬୫ଟି ଶ୍ରମ ଦିବସ କାମ ଜିଲ୍ଲାରେ ଯୋଗାଇ ଦିଆଯାଇଛି। ମିଶନ ଶକ୍ତି ତରଫରୁ ୪କୋଟି ୨ଲକ୍ଷ ୫୬ ହଜାର ୪୮୦ ଟଙ୍କା ବ୍ୟାଙ୍କ ସହାୟତା ବିଭିନ୍ନ ଶ୍ରମିକ ପରିବାରକୁ ଯୋଗାଇ ଦିଆଯାଇଛି । କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପଶୁ ପାଳନ, ଏଲ୍ ଡି ଏମ ଇତ୍ୟାଦି ବିଭିନ୍ନ ବିଭାଗରୁ ମଧ୍ୟ କୃଷକ ଓ ଶ୍ରମିକ ପରିବାର ମାନଙ୍କୁ ବିଭିନ୍ନ ସରକାରୀ ସହାୟତା ଓ ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି। ଜିଲ୍ଲା ଶ୍ରମ ବିଭାଗ ତରଫରୁ ଆହୁତ ଆଜିର ଏହି ବୈଠକ ରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, ମହାଦେବ ବଡାଇକ, ସମସ୍ତ ବିଡିଓ , ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଲାଇନ୍ ବିଭାଗ ଅଧିକାରି ଯୋଗଦେଇଥିଲ । ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପ୍ରଥାର ମୂଳୋତ୍ପାଟନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇ ସହଯୋଗ କାମନା କରିଥିଲେ ।

## ଯୁବ ରେଡ୍‌କ୍ରସ ସେବା ଶିବିର ଉଦ୍‌ଯାପିତ




**ଚୌଦ୍ୱାର, ୨୩।୧୦ (ସଂଚାର ବ୍ୟୁରୋ) :** ଚୌଦ୍ୱାର କଲେଜ ଯୁବ ରେଡକ୍ରସ ପକ୍ଷରୁ ଚୌଦ୍ୱାର ରୁପଯାତ୍ରା ପଡ଼ିଆରେ ଚାଲିଥିବା ୩ଦିନିଆ ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି କେନ୍ଦ୍ରକୁ କଟକ ସହର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ସତ୍ୟବ୍ରତ ମହାପାତ୍ର ଓ ଚୌଦ୍ୱାର ମହାବିଦ୍ୟାଳୟ ଅଧ୍ୟକ୍ଷା ରଶ୍ମୀ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ପୌରପାଳିକା ୧୭ନଂ ୱାର୍ଡ କାଉନସିଲର ଆଶୁତୋଷ ଦାସ, ଚୌଦ୍ୱାର ବିଜୁ ଜନତା ଦଳ ନଗର କାର୍ଯ୍ୟକାରୀ ସଭାପତି ବିମଲ କୁମାର ବେଉରା ଓ ଯୁବ ସମାଜସେବୀ ରାଜ କିଶୋର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଯାପିତ କରିଥିଲେ। ସ୍ଥାନୀୟ ଅଞ୍ଚଳର ୫ଟି ମହାବିଦ୍ୟାଳୟର ୨୫ଜଣ ସ୍ୱେଚ୍ଛାସେବିଙ୍କ ସମେତ କାଉନସିଲର ଅଧ୍ୟାପକ ଓ ଅଧ୍ୟାପିକା ଚୌଦ୍ୱାର ମହାବିଦ୍ୟାଳୟର ବସନ୍ତ କୁମାର ବିଶ୍ୱାଳ ଓ ଡ. ମମତା ସାହୁ, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଅବିନାଶ ନାୟକ, ବିଲକେଶ ପର୍ବୀନ, ଆଲୋକ ମହାରଣା, ମମତା ସାହୁ, ଦୀଲ୍ଲୀପ କୁମାର ନାୟକ ପ୍ରମୁଖ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେନ୍ଦ୍ରରେ ଲୋକମାନଙ୍କୁ ମାଗଣାରେ ଔଷଧ ବିତରଣ ସହିତ ପ୍ଲାଷ୍ଟିକ ବ୍ୟବହାରକୁ କିପରି ପ୍ରତିରୋଧ କରି ପରିବେଶ ସୁରକ୍ଷା କରାଯାଇପାରିବ ସେ ଦିଗରେ ସଚେତନତା କରାଇଥିଲେ। ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରସଂଶା କରିଥିଲେ।

ନୟାଗଡ଼ ପୌରପରିଷଦ

## ତାଲା ପକାଇ ଠିକାଦାରଙ୍କ ଧାରଣା

- ବିଲ୍ ନପାଇ କଲବଲ ଠିକାଦାର
- ହୋଇପାରିଲାନି ପୌର ପରିଷଦ ବୈଠକ
- ନିର୍ବାହୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

**ନୟାଗଡ଼, ୨୩।୧୦ (ସଂଚାର ବ୍ୟୁରୋ) :** ନୟାଗଡ଼ ପୌର ପରିଷଦରେ ନୂତନ ବିକାଶ ମୂଳକ କାର୍ଯ୍ୟ ଆରମ୍ଭ କରୁନଥିବା ଏବଂ ପୁରୁଣା କାମ ଶେଷ କରିବା ଉପରେ ନିର୍ବାହୀ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି । ନିର୍ବାଚନ ପରଠାରୁ ନୟାଗଡ଼ ପୌର ପରିଷଦ କାର୍ଯ୍ୟାଳୟ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଥିବା ଅଭିଯୋଗ ହୋଇଛି। କାମ ସରିଥିବା ଅନେକ ପ୍ରକଳ୍ପର ବିଲ୍ ଠିକାଦାରଙ୍କ ପୈଠ ହୋଇପାରୁନଥିବା ନେଇ ଦୀର୍ଘଦିନରୁ କୁହୁଳୁଥିବା ଅସନ୍ତୋଷ ଆଜି ଉଗ୍ରରୂପ ଧାରଣ କରିଛି । ଆଜି ୧୫ରୁ ଉର୍ଦ୍ଧ୍ୱ ଠିକାଦାର ପୌର ପରିଷଦ କାର୍ଯ୍ୟାଳୟରେ ସମୟ ପୂର୍ବରୁ ପହଞ୍ଚି ଅପେକ୍ଷା କରି ରହିଥିଲେ। ନିର୍ବାହୀ ଅଧିକାରୀ କାର୍ଯ୍ୟାଳୟରେ ପହଞ୍ଚି ଚାମ୍ବରକୁ ଯିବା ପରେ ଠିକାଦାରମାନେ ମୁଖ୍ୟ ଫାଟକରେ ତାଲା ଝୁଲାଇ ଦେବା ସହ କାର୍ଯ୍ୟାଳୟ ତଳମହଲାରେ ଧାରଣା ଦେଇଥିଲେ । ଫଳରେ ଦିନ ତମାମ ପୌର ପରିଷଦ କାର୍ଯ୍ୟାଳୟ ଅଚଳ ହୋଇଯାଇଛି ।

ଏହି ଠିକାଦାରମାନେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିର୍ବାଚନ ପୂର୍ବରୁ କରିଥିଲେ । ବିଭିନ୍ନ ଆଳ ଦେଖାଇ ସେମାନଙ୍କ ବିଲ ଅଟକା ଯାଇଥିବା ଜଣାଯାଇଛି । ତାହା ମଧ୍ୟରୁ ନୟାଗଡ଼ ବିଭିନ୍ନ ଗଳିକନ୍ଦିରେ ନିର୍ମାଣ କରାଯାଇଥିବା ଫେବର ବ୍ଲକ ରାସ୍ତା କାମର ବିଲ ସର୍ବାଧିକ ବକେୟା ରହିଛି । ଫଳରେ ଉକ୍ତ ରାସ୍ତାକାମ ଅଧା ଅଧୁରା ଅବସ୍ଥାରେ ରହିଛି । କାମ ପାଇଥିବା ଠିକାଦାର ବିଲ ପାଇନଥିବାରୁ କାମକୁ ତ୍ୱରାନ୍ୱିତ କରି ପାରୁନାହାନ୍ତି । ଦୀର୍ଘ ସମୟ ଧରି ଠିକାଦାରମାନେ ଧାରଣା ଦେବା ପରେ ନିର୍ବାହୀ ଅଧିକାରୀ ଆସି ଆଲୋଚନା କରିଥିଲେ । କିନ୍ତୁ କୌଣସି ସୁଫଳ ମିଳିନଥିଲା । ଠିକାଦାରମାନେ ନିଜ ଆଡୁ ଧାରଣା ପ୍ରତ୍ୟାହୃତ କରିଥିବା ବେଳେ ବାତ୍ୟା ପରେ ପୁଣି ଆନ୍ଦୋଳନ ଆରମ୍ଭ କରିବେ ବୋଲି ଚେତାବନୀ ଦେଇଛନ୍ତି ।



ଠିକାଦାରଙ୍କ ଆନ୍ଦୋଳନ ଓ ଧାରଣା ପାଇଁ ଆଜି ପୌର ପରିଷଦ ବୈଠକ ହୋଇପାରିନଥିଲା । ଅଧ୍ୟକ୍ଷା ଓ କାଉନସିଲରମାନେ ଆଜି କାର୍ଯ୍ୟାଳୟରେ ପହଞ୍ଚି ଥିଲେ ମଧ୍ୟ ନିର୍ବାହୀ ଅଧିକାରୀ କାଉନସିଲର ମାନଙ୍କୁ ଅଣଦେଖା କରିଥିଲେ । ନିର୍ବାହୀ ନିର୍ବାହୀ ଅଧିକାରୀଙ୍କୁ ଠିକାଦାରଙ୍କ ସହ ଆଲୋଚନା ପାଇଁ ଡାକିଥିଲେ ଅଧ୍ୟକ୍ଷା କିନ୍ତୁ ନିର୍ବାହୀ ଅଧିକାରୀ ସେ ଆସି ନଥିଲେ । ଯାହାକୁ ନେଇ ଆଜି ଅଧ୍ୟକ୍ଷା ନିରୂପମା ଖଟେଇ ନିର୍ବାହୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । କାଉନସିଲ ବୈଠକ ଆହ୍ୱାନ କରି ବୈଠକ ନକରିବାର କାରଣ କଣ ବୋଲି ତୁରନ୍ତ ରିପୋର୍ଟ ଦେବାକୁ ପରାମର୍ଶ ଦେଇଛନ୍ତି ।

## ମାର୍କଣ୍ଡୀ ମୁହାଣରେ ମତ୍ସ୍ୟଜୀବୀ ବାନ୍ଧିଲେ ଅସ୍ଥାୟୀ ବନ୍ଧ

**ବ୍ରହ୍ମପୁର, ୨୩।୧୦ (ସଂଚାର ବ୍ୟୁରୋ):** ବାତ୍ୟା ପ୍ରଭାବରେ ଗଞ୍ଜାମ ଉପକୂଳରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏଭଳି ସ୍ଥିତିରେ ବର୍ଷାଜଳକୁ ଆଖି ଆଗରେ ରଖି ଶତାଧିକ ମତ୍ସ୍ୟଜୀବୀ ଗଞ୍ଜାମ ଜିଲ୍ଲା ମାର୍କଣ୍ଡୀ ସମୁଦ୍ର ଉପକୂଳ ମୁହାଣରେ ବାଲିବସ୍ତା ପକାଇ ବାନ୍ଧିଛନ୍ତି ବନ୍ଧ। ହଜାର ହଜାର ମତ୍ସ୍ୟଜୀବୀଙ୍କ ପାଇଁ ଜେଟି ନଥିବା ଯୋଗୁଁ ଜଳର ସଂରକ୍ଷଣ ପାଇଁ ଏଭଳି ଅସ୍ଥାୟୀ ବନ୍ଧ ବାନ୍ଧିଥିବା ଗ୍ରାମବାସୀ କହିଛନ୍ତି । ବାତ୍ୟା ପ୍ରଭାବରେ ଆଗକୁ ବଡ଼ ବର୍ଷା ସମ୍ଭାବନା ରହିଥିବାରୁ ବର୍ଷା ଜଳକୁ ଉପକୂଳରୁ ସମୁଦ୍ରରେ ନ ଛାଡିବା ପାଇଁ ଏଭଳି ବନ୍ଧ ବନ୍ଧା ଯାଇଥିବା ସୂଚନା ମିଳିଛି । ଯାହା ଦ୍ୱାରା ମୁହାଣରେ ବର୍ଷା ଜଳ ଅଧିକ ହେଲେ ସମୁଦ୍ରକୁ ଡଙ୍ଗା ନେବା ଆଣିବା ଓ ମାଛ ମାରିବାରେ ସୁବିଧା ହେବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି। ଆଖପାଖର ପ୍ରାୟ ୧୦ ଖଣ୍ଡର ଗ୍ରାମର ହଜାର ହଜାର



ମତ୍ସ୍ୟଜୀବୀ ପରିବାର ଏହି ସମୁଦ୍ର ଉପରେ ନିର୍ଭର କରୁଛନ୍ତି। ସମୁଦ୍ରରୁ ମାଛ ଧରି ନିଜ ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ହେଲେ ବର୍ଷର ସବୁ ସମୟରେ ମୁହାଣରେ ପାଣିର ଅଭାବ କାରଣରୁ ଡଙ୍ଗୀ ସମୁଦ୍ରକୁ ଯିବା ଆସିବାରେ ସମସ୍ୟା ସହ ମତ୍ସ୍ୟଜୀବୀମାନେ କାମ ନ ପାଇ ଅନ୍ୟ ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି। ତେଣୁ ମାର୍କଣ୍ଡୀ ସମୁଦ୍ର ଉପକୂଳରେ ସବୁବେଳେ ପାଣି ରହିଲେ ସେମାନେ ନିଜ ଜୀବିକାକୁ ସୁରକ୍ଷିତ କରିପାରିବେ । ମାର୍କଣ୍ଡୀ ମୁହାଣରେ ଜେଟି ନିର୍ମାଣ ପାଇଁ ସ୍ଥାନୀୟ ଗ୍ରାମବାସୀ ପୂର୍ବରୁ ବର୍ଷ ବର୍ଷ ଧରି ସରକାରକୁ ଗୁହାରି କରିବା ସତ୍ତ୍ୱେ କୌଣସି ସୁଫଳ ମିଳିଲାନି । ସରକାରଙ୍କ ଦ୍ୱାରା ନିରାଶ ହେବା ପରେ ଶେଷରେ ଆଜି ନିଜେ ନିଜ ଖର୍ଚ୍ଚରେ ବାଲିବସ୍ତା ସହ ଜେସିବି ସାହାର୍ଯ୍ୟରେ ବନ୍ଧ ବାନ୍ଧିଥିବା ସୂଚନା ଦେଇଛନ୍ତି ଗ୍ରାମବାସୀ ।

ଓଡ଼ିଶାରେ ପ୍ରଥମ

### ରାଜ୍ୟ ସରକାରଙ୍କ ଐତିହାସିକ ପଦକ୍ଷେପ

# ଏସ୍‌ସିବିରେ ହେବ ହୃତ୍‌ପିଣ୍ଡ ପ୍ରତିରୋପଣ

**ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି । ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ପ୍ରତିରୋପଣ ଆରମ୍ଭ କରିବା ପାଇଁ ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଏବଂ ଚେନ୍ନାଇସ୍ଥିତ ଏମ୍‌ଜିଏମ୍ ହେଲଥ୍‌କେୟାର ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷଠାରେ ସ୍ୱାକ୍ଷରିତ ହୋଇଛି ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଲୋକହିତୈଷୀ ସରକାର ଓଡ଼ିଶାବାସୀଙ୍କୁ ଗୁଣାତ୍ମକ ଓ ସୁଲଭ ଚିକିତ୍ସାସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ। ଆଜିର ବୁଝାମଣାପତ୍ର ତା'ର ଏକ ଜ୍ୱଳନ୍ତ ଉଦାହରଣ । ଏହି ଐତିହାସିକ ପଦକ୍ଷେପ ଦ୍ୱାରା ଓଡ଼ିଶାବାସୀ, ବିଶେଷ କରି ଗରିବ ରୋଗୀମାନେ ଉପକୃତ ହେବେ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ ଉଲ୍ଲେଖ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲ୍‌ରେ ଅଦ୍ୟାବଧି ବୃକକ୍, ଅସ୍ଥିମଜ୍ଜା ଓ ଯକୃତ ପ୍ରତିରୋପଣ ହେବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଥିବାରୁ ଏମ୍‌ଜିଏମ୍ ହେଲଥ୍ କେୟାର ଏସ୍‌ସିବିରେ ହୃତପିଣ୍ଡ ପ୍ରତିରୋପଣ କରିବା ପାଇଁ ସମ୍ମତି ପ୍ରକାଶ କରିଛି । ଏସ୍‌ସିବିରେ ପ୍ରଥମ ଦଶଜଣଙ୍କ ହୃତପିଣ୍ଡ ପ୍ରତିରୋପଣ ସଂପୂର୍ଣ୍ଣ ମାଗଣାରେ କରାଯିବ। ଏହା ମଧ୍ୟରେ ଏମ୍‌ଜିଏମ୍ ହେଲଥ୍ କେୟାର ଓଡ଼ିଶାର ଦୁଇଟି ଡାକ୍ତରୀ ଦଳକୁ ବିନାଦେୟରେ ତାଲିମ ଦେଇଛି । ପ୍ରଥମେ ଏସ୍‌ସିବିରେ ଏମ୍‌ଜିଏମ୍ ହେଲଥ୍ କେୟାରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୃତପିଣ୍ଡ ପ୍ରତିରୋପଣ କରାଯିବ । ଏସ୍‌ସିବିର ଡାକ୍ତରମାନେ ଏହି କାର୍ଯ୍ୟରେ ପାରଙ୍ଗମ ହେଲା ପରେ ନିଜ ଦଳ ନେଇ ହୃତପିଣ୍ଡ ପ୍ରତିରୋପଣ କରିବେ । ଏହା ଦ୍ୱାରା ଓଡ଼ିଶା ଲୋକଙ୍କୁ ଏହି ଚିକିତ୍ସା ପାଇଁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ ।



ମନ୍ତ୍ରୀ ଡ. ମହାଲିଙ୍ଗ, କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍‌ଙ୍କ ଉପସ୍ଥିତିରେ ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡା. ସନ୍ତୋଷ ମିଶ୍ର ଏବଂ ଏମ୍‌ଜିଏମ୍ ହେଲଥ୍ କେୟାର ପକ୍ଷରୁ ଡା. ସୁରେଶ ରାଓ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ସିବିର ପ୍ରଫେସର ଡା. ମନୋଜ କୁମାର ପଟ୍ଟନାୟକ, ପ୍ରଫେସର ଡା. ସୁର କିଶୋର ମିଶ୍ର ଓ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

### ଆକ୍ସନ ମୋଡ଼୍‌ରେ ସ୍ୱାସ୍ଥ୍ୟ ପ୍ରତିଶ୍ରୁତି ସମିତି

# ଚଳିତ ମାସରେ ୫ ପ୍ରାଇଭେଟ ହସ୍ପିଟାଲ ତାଲିକାରୁ ବାଦ

**ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ):** ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଉଦ୍ଦିଷ୍ଟ ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଶ୍ରୁତି ସମିତି (ସାସ୍)ର ଅଭିଯୋଗ-ପ୍ରଶମନ ଏବଂ ଅନ୍ତଃ-ଜାଗରୁକତା ବ୍ୟବସ୍ଥା ନିଜର କାର୍ଯ୍ୟ ପଦ୍ଧତିକୁ ଅଧିକ ଶାଣିତ ଓ ଲୋକାଭିମୁଖୀ କରିଛି । ଦେୟମୁକ୍ତ ଉଚ୍ଚମାନର ଚିକିତ୍ସା ପ୍ରଦାନ ବିଷୟରେ ସମସ୍ତ ଅଭିଯୋଗ ଏବଂ ଅନିୟମିତତା ଉପରେ ତୁରନ୍ତ ଅନୁସନ୍ଧାନ ସହ ଦୃଢ଼ ପଦକ୍ଷେପ ନିଆଯାଉଛି ।

ଚଳିତ ମାସରେ ଆଜି ପର୍ଯ୍ୟନ୍ତ ୫ଟି ଘରୋଇ ହସ୍ପିଟାଲକୁ ପଞ୍ଜୀକୃତ ତାଲିକାରୁ ବାଦ ଦିଆଯାଇଛି । ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଗରିବ ଲୋକମାନଙ୍କୁ ସରକାରୀ ଖର୍ଚ୍ଚରେ ଦେୟମୁକ୍ତ ଚିକିତ୍ସା ଯୋଗାଇବା ପାଇଁ ଏହି ହସ୍ପିଟାଲମାନେ ପଞ୍ଜୀକୃତ ହୋଇଥିଲେ । ବାଦ୍ ଦିଆଯାଇଥିବା ହସ୍ପିଟାଲ ମଧ୍ୟରୁ ୪ଟି ଛତିଶଗଡ଼ ଏବଂ ଗୋଟିଏ ଓଡ଼ିଶାର । ଛତିଶଗଡ଼ ରାୟପୁର ସ୍ଥିତ ମିତ୍ତଲ ହସ୍ପିଟାଲ, ବଂଥିଆ ହସ୍ପିଟାଲ, ସୋନି ହସ୍ପିଟାଲ ଏବଂ ବାବୁଜୀ ହସ୍ପିଟାଲକୁ ତାଲିକାରୁ ବାଦ୍ ଦିଆଯାଇଛି। ସେହିପରି ଓଡ଼ିଶାର ଦେଓଗଡ ଜିଲ୍ଲା ସ୍ଥିତ ସମଲେଶ୍ୱରୀ ନର୍ସିଂହୋମକୁ ମଧ୍ୟ ବାଦ୍ ଦିଆଯାଇଛି ।

'ସାସ୍'ର ଅଭିଯୋଗ-ପ୍ରଶମନ ଏବଂ ଅନ୍ତଃ-ଜାଗରୁକତା ବ୍ୟବସ୍ଥା ଏହି ହସ୍ପିଟାଲଗୁଡ଼ିକର କେତେକ ଅନିୟମିତତା ଲକ୍ଷ୍ୟକରି ତାହାର ଅନୁସନ୍ଧାନ କରିଥିଲେ । ସବିଶେଷ ଅନୁଧ୍ୟାନରୁ ସରକାରୀ ଡାକ୍ତରଖାନା ନାମରେ ମିଥ୍ୟା ରେଫରାଲ୍ ସ୍ଲିପ୍ ନେଇ ରେଫରାଲ୍ ପ୍ୟାକେଜରେ ରୋଗୀମାନଙ୍କୁ ଆଡମିଶନ କରିବା, ଚିକିତ୍ସା ବାବଦ ବିଲରେ ଜାଲ କାଗଜପତ୍ର ଦେବା, ଗରିବ ଓ ନିରୀହ ଲୋକଙ୍କଠାରୁ ଟଙ୍କା ନେବା, ହିତାଧିକାରୀମାନଙ୍କୁ ପ୍ରରୋଚିତ କରି ନିଜ ହସ୍ପିଟାଲରେ ଆଡମିଶନ କରାଇବା ଆଦି ଅନିୟମିତତା ଭିତ୍ତିରେ ଏହି ହସ୍ପିଟାଲଗୁଡ଼ିକୁ ତାଲିକାରୁ ବାଦ ଦିଆଯାଇଛି ।




ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଭୁକ୍ତ ଗରିବ ଲୋକମାନଙ୍କୁ ଉଚ୍ଚମାନର ଦେୟମୁକ୍ତ ଚିକିତ୍ସା ଯୋଗାଇବା ନିମନ୍ତେ ଓଡ଼ିଶାର ଭିନ୍ନ ଜିଲ୍ଲା ଏବଂ ବାହାର ରାଜ୍ୟର ବିଭିନ୍ନ ସ୍ପେସାଲିଷ୍ଟ ଘରୋଇ ହସ୍ପିଟାଲମାନଙ୍କୁ ତାଲିକାଭୁକ୍ତ କରାଯାଇଛି। ଏହିସବୁ ପଞ୍ଜୀକୃତ ହସ୍ପିଟାଲରେ ହିତାଧିକାରୀମାନଙ୍କ ଚିକିତ୍ସା ବାବଦ ଖର୍ଚ୍ଚ ସରକାର ଭରଣା କରିଥାନ୍ତି। ଏହି ଯୋଜନାରୁ ପ୍ରତାରଣାମୂଳକ ଭାବେ ଫାଇଦା ନେବାକୁ ଚେଷ୍ଟା କରୁଥିବା ବ୍ୟକ୍ତି/ହସ୍ପିଟାଲଗୁଡ଼ିକ ଉପରେ 'ସାସ'ର ଜାଗରୁକତା ବ୍ୟବସ୍ଥା ସତର୍କ ଦୃଷ୍ଟି ରଖି ଯଥାବିଧି କାର୍ଯ୍ୟାନୁଷ୍ଠାନ କରନ୍ତି । ଏପରି ଅନିୟମିତତା କାର୍‌ଯ୍ୟକଲେ ଆଗାମୀ ଦିନରେ ଆହୁରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସତର୍କ କରାଇ ଦିଆଯାଇଛି।

## ଦୁଇଦିନ ନନ୍ଦନକାନନ ବନ୍ଦ

**ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ):** ଗୁରୁବାର ଓ ଶୁକ୍ରବାର ଭୁବନେଶ୍ୱରରେ ଥିବା ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବନ୍ଦ ରହିବ। ଏହି ସମୟରେ କୌଣସି ପର୍ଯ୍ୟଟକ ନଆସିବା ପାଇଁ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି। ବାତ୍ୟା 'ଦାନା' ପ୍ରଶାସନ ଏପରି ନିଷ୍ପତ୍ତି ନେଇଛି। ବାତ୍ୟା ସମୟରେ ଜୀବ ଯନ୍ତୁମାନଙ୍କୁ ଖୁଆଡ଼ରେ ଭର୍ତ୍ତି କରାଯିବ। ସେମାନଙ୍କ ପାଇଁ ପର୍ଯ୍ୟପ୍ତ ପରିମାଣର ଖାଦ୍ୟ ମହଜୁଦ୍ ରଖାଯାଇଛି। ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯିବ। ଯଦି କୌଣସି ସ୍ଥାନରେ ପାଚେରୀ ଭାଙ୍ଗିଯାଏ, ତାହାହେଲେ ଶୀଘ୍ର ମରାମତି କରିବା ପାଇଁ ଟିମ୍ ଗଠନ କରାଯାଇଛି ବୋଲି ପିସିସିଏଫ୍ କହିଛନ୍ତି। ସେ ଆହୁରି କହିଛନ୍ତି, ବାତ୍ୟା 'ଦାନା' ପାଇଁ ବନ ବିଭାଗ ଅଧୀନରେ ଥିବା ସବୁ ଇକୋ ଟୋରିଜିମ୍ ସାଇଟ୍‌କୁ ପରିସ୍ଥିତିକୁ ଦେଖି ଡିଏଫ୍‌ଓମାନେ ବନ୍ଦ କରି ପାରନ୍ତି। ଯଦି କେହି ଆଗୁଆ ବୁକିଂ କରିଥିବେ, ତାହାହେଲେ ସେହି ଅର୍ଥ ସେମାନେ ଫେରି ପାଇବେ ବୋଲି ପିସିସିଏଫ୍ କହିଛନ୍ତି।

# ଲୁଣା ଜଙ୍ଗଲ କ୍ଷତିଗ୍ରସ୍ତ ହେବ

**ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ):** ଅନ୍ୟପକ୍ଷରେ ଲ୍ୟାଣ୍ଡଫଲ ପଏଣ୍ଟ ପ୍ରାୟତଃ ସ୍ପଷ୍ଟ ହେବା ପରେ କେନ୍ଦ୍ରାପଡା ଓ ଭଦ୍ରକ ଜିଲ୍ଲା ପ୍ରତି ବିପଦ ବଢ଼ିଛି । ଉଭୟ ଜିଲ୍ଲାରେ ପୂର୍ବ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଯଦି ବାତ୍ୟାର ଗତିପଥ ପରିବର୍ତ୍ତିତ ନ ହୋଇ ଏହି ଦିଗରେ ଗତିକରେ, ତେବେ ଭିତରକନିକା ଲୁଣା ଜଙ୍ଗଲ ସର୍ବାଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି । ଲ୍ୟାଣ୍ଡଫଲ୍ ବେଳେ ପବନର ବେଗ ଘଣ୍ଟାପ୍ରତି ପ୍ରାୟ ୧୦୦ ରୁ ୧୧୦ କି.ମି ରହିବ ଓ ଝଟକା ପବନର ବେଗ ପ୍ରାୟ ୧୨୦ କି.ମି ପର୍ଯ୍ୟନ୍ତ ହୋଇପାରେ ବୋଲି ପୂର୍ବାନୁମାନ ପ୍ରକାଶ ପାଇଛି ।

ଏହା ସହ ଆସନ୍ତାକାଲିଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ୨୫ ତାରିଖ ପର୍ଯ୍ୟନ୍ତ ଉପକୂଳ, ଉତ୍ତର ଓ କିଛି ଆଭ୍ୟନ୍ତରୀଣ ଜିଲ୍ଲାକୁ ମିଶାଇ ମୋଟ ୧୪ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ । ଏହି ସବୁ ଜିଲ୍ଲା ପାଇଁ ରେଡ ଓ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଧାମରା ସମେତ ରାଜ୍ୟର ସମସ୍ତ ବନ୍ଦରରେ ଫିସିଂ ଓ ସିପିଂ ପୂରା ବନ୍ଦ ରଖାଯାଇଛି । ୨୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି।

ଉପକୂଳ ଓଡ଼ିଶାର ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ୬୨୪୪ ରିଲିଫ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ମୁକାବିଲାରେ ପ୍ରଶାସନକୁ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ଓସିଏସ୍ ପ୍ରିଲିମ୍ ସ୍ଥଗିତ

**ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ):** ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ଆସନ୍ତା ୨୭ ତାରିଖରେ ହେବାକୁ ଓଡ଼ିଶା ସିଭିଲ ସର୍ଭିସେସ (ଓସିଏସ୍) ପ୍ରିଲିମ ପରୀକ୍ଷା-୨୦୨୩କୁ ସ୍ଥଗିତ ରଖିଛି ଓଡ଼ିଶା ଲୋକ ସେବା ଆୟୋଗ। ଓପିଏସ୍‌ସି ପକ୍ଷରୁ ଏନେଇ ଆଜି ନୋଟିସ ଜାରି କରାଯାଇ ପରବର୍ତ୍ତୀ ତାରିଖ ନେଇ ୭ ଦିନ ପରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଉଲ୍ଲେଖ କରାଯାଇଛି। ପରୀକ୍ଷାର୍ଥୀମାନେ ଏ ସଂପର୍କରେ ଅଧିକ ସୂଚନା ଜାଣିବାକୁ ଚାହୁଁଥିଲେ ଓପିଏସ୍‌ସି ୱେବସାଇଟ୍ http://opsc.gov.in କୁ ଯାଇପାରିବେ ବୋଲି କୁହାଯାଇଛି। ବାତ୍ୟା ଦାନା ଭୀଷଣ ବାତ୍ୟାର ରୂପ ନେଇ ୨୪ ତାରିଖ ରାତିରୁ ୨୫ ତାରିଖ ସକାଳ ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ଓ ଭଦ୍ରକ ଜିଲ୍ଲାର ଧାମରା ମଧ୍ୟରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

# ଆଜି ବିମାନ ଉଡ଼ାଣ ବନ୍ଦ

**ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ):** ବାତ୍ୟା ପାଇଁ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ(ଏଏଆଇ) ଆଗୁଆ ବ୍ୟବସ୍ଥା କରିଛନ୍ତି। ୨୪ ତାରିଖରେ ଅତିଭୀଷଣ ବାତ୍ୟା ଆଶଙ୍କା ରହିଛି। ଏଥିପାଇଁ ଗୁରୁବାର ଅପରାହ୍ଣ ୫ଟାରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ କୌଣସି ବିମାନ ଉଡି ପାରିବ ନାହିଁ କିମ୍ବା ଆସି ପାରିବ ନାହିଁ। ଏହି ନିର୍ଦ୍ଦେଶନାମା ୨୫ ତାରିଖ ସକାଳ ୯ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ(ଏଏଆଇ) ପକ୍ଷରୁ ଏନେଇ ସୂଚନା ଦିଆଯାଇଛି।

ବାତ୍ୟା ଦାନା କ୍ରମଶଃ ଉଗ୍ର ରୂପ ଧାରଣ କରୁଛି। ଗୁରୁବାର ରାତିରୁ ଶୁକ୍ରବାର ସକାଳ ଭିତରେ ବାତ୍ୟା ଧାମରାରୁ ଭିତରକନିକା ଦେଇ ଅତିକ୍ରମ କରିବ। ଏହି ସମୟରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ବୋହିବାର ସମ୍ଭାବନା ରହିଛି। ପବନ ହେଲେ ବିମାନ ଚଳାଚଳ ପ୍ରଭାବିତ ହେବା ଆଶଙ୍କା ରହିଛି।

### ବାତ୍ୟା ପୂର୍ବରୁ କମିଶନରେଟ ପୁଲିସର ପ୍ରସ୍ତୁତି

# ନିଜ ନିଜ ଦାୟିତ୍ୱ ତ୍ୱରିତ କରିବାକୁ ସିପିଙ୍କ କଡ଼ା ନିର୍ଦ୍ଦେଶ

**ଭୁବନେଶ୍ୱର, ୨୩।୧୦ (ସଂଚାର ବ୍ୟୁରୋ) :** ବାତ୍ୟା ଦାନକୁ ନେଇ ରାଜ୍ୟ ସରକାର ତତ୍ପରତା ଦେଖାଇଥିବା ବେଳେ, ଏଥିରୁ ବାଦ୍ ପଡ଼ି ନାହିଁ କମିଶନରେଟ ପୁଲିସ। ବାତ୍ୟା ସମୟରେ ପୁଲିସର ଉପସ୍ଥିତି ଏକାନ୍ତ ଜରୁରୀ। ଅସୁବିଧାରେ ପଡ଼ିଥିବା ଲୋକଟି ପ୍ରଥମେ ପୁଲିସକୁ ସବୁ ସମୟରେ ଖୋଜିଥାଏ। ତେଣୁ ଏହି ବାତ୍ୟା ସମୟରେ ସମସ୍ତ ପୁଲିସ କର୍ମଚାରୀ ଖାସ୍ କରି ଦ୍ୱୈତନଗରୀ କଟକ ଭୁବନେଶ୍ୱରର ଖାକି କର୍ମଚାରୀମାନେ ନିଜ ନିଜର ଦାୟିତ୍ୱ ତ୍ୱରିତ ଭାବେ କରିବାକୁ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ ବୁଧବାର ଭୁବନେଶ୍ୱର ରିଜର୍ଭ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ବୈଠକରେ ଉପସ୍ଥିତି କର୍ମଚାରୀଙ୍କୁ କହିଛନ୍ତି। ଖାସ କରି ବାତ୍ୟା ପରବର୍ତ୍ତୀ ସମୟରେ ରାସ୍ତା ଉପରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିବାରୁ ଲୋକମାନଙ୍କର ଯାତାୟତରେ ବାଧା ଉପୁଜିଥାଏ। ସେହିଭଳି କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟି ଉପୁଡ଼ି ପଡ଼ିଥିବା ଏବଂ ଇଲେକ୍ଟ୍ରି ତାର ଛିଡ଼ି ଯାଇଥିବାରୁ ଏହା ଲୋକଙ୍କ ପାଇଁ ବିପଦ ଆଣିପାରେ। ତେଣୁ ଏହି ସମୟରେ ଲୋକମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ କମିଶନର ଶ୍ରୀ ସିଂ ଉପସ୍ଥିତ ବିଭାଗୀୟ କର୍ମଚାରୀମାନଙ୍କୁ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବାତ୍ୟା ସମୟରେ ୨୪ ଘଣ୍ଟା ପୁଲିସ କର୍ମଚାରୀମାନେ ଆଲର୍ଟ ରହିବା ନିହାତି ଆବଶ୍ୟକ। ଲୋକଙ୍କ ସମସ୍ୟା ସଂକ୍ରାନ୍ତରେ ଯଦି କିଛି ସୂଚନା ପାଉଛନ୍ତି ତେବେ ତୁରନ୍ତ ଉକ୍ତ ସ୍ଥାନକୁ ଯାଇ ତାହାର ସମାଧାନ କରିବାକୁ ଯଥା ସମ୍ଭବ ଚେଷ୍ଟା କରିବା ନିମନ୍ତେ କମିଶନର ପରାମର୍ଶ ଦେଇଛନ୍ତି। ବାତ୍ୟା ସମୟରେ ଯାହାକୁ ଯେଉଁ ଦାୟିତ୍ୱ ଦିଆଯାଇଛି ସମ୍ପୃକ୍ତ କର୍ମଚାରୀମାନେ ସେହି କାର୍ଯ୍ୟକୁ ସଠିକ୍ ଭାବେ ନିର୍ବାହ କରିବା ନିମନ୍ତେ କମିଶନର ଉପଦେଶ ଦେଇଛନ୍ତି।

# ୱାଲ୍‌ମି ପକ୍ଷରୁ ଜଳମିତ୍ରଙ୍କୁ ପ୍ରଶିକ୍ଷଣ

**ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ପ୍ରତାପନଗରୀ ସ୍ଥିତଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ(ୱାଲମି) ତରଫରୁ ଜଳମିତ୍ରମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଭିନ୍ନ ଜିଲ୍ଲାରେ ଆୟୋଜନ କରାଯାଉଛି। ଏହାର ନିର୍ଦ୍ଦେଶକ ଇଂ ରାଜକିଶୋର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲୁରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ମୟୂରଭଞ୍ଜ ଜିଲ୍ଲାର ରରୁଆଁ ବ୍ଲକର ୩୪ ଜଣ ଜଳମିତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନକରାଯାଇଛି ।ମୟୂରଭଞ୍ଜ ଜିଲ୍ଲାରେ ୨୦୦୦ ରୁ ଊର୍ଦ୍ଧ୍ୱ ଜଳମିତ୍ରମାନଙ୍କ ପାଇଁ ପ୍ରଶିକ୍ଷଣ ଡିସେମ୍ବର ସୁଦ୍ଧା ଆୟୋଜନ କରିବା ପାଇଁ ୱାଲମୀ ତରଫରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।



ୱାଲମି ଦ୍ୱାରା ଜଳମିତ୍ରମାନଙ୍କ ପାଇଁ ଦୁଇ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଗତ ସୋମବାର ଦିନ ମୟୂରଭଞ୍ଜ ଜିଲ୍ଲାର ବଡସାହି ଓ ରରୁଆଁ ବ୍ଲକର ପଞ୍ଚାୟତ ସମିତି ସଭାଗୃହଠାରେ ଆୟୋଜନ କରାଯାଇଥିଲା। ରରୁଆଁ ବିଡିଓ ପ୍ରେମାନନ୍ଦ ବେହେରା ଏବଂ ବଡସାହି ବିଡିଓ ବନଜା ଦାସ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସେମାନଙ୍କୁ ଉତ୍ସାହିତ କରିଥିଲେ ।

ପ୍ରାଧ୍ୟାପକ (ଯାନ୍ତ୍ରିକ)ମନିଷା ମନସ୍ୱିନୀ ରାଉତ,ପ୍ରଧାନ ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ସୁଧନ୍ୱାପାତ୍ର, ସହଯୋଗୀ ପ୍ରାଧ୍ୟାପକ (ଯାନ୍ତ୍ରିକ)ଇଂ ଇତିଶ୍ରୀ ମିଶ୍ର, ,ଉପନିର୍ଦ୍ଦେଶିକାଇଂ ସୁପ୍ରିୟା ସାହୁ, ଶ୍ରୀମତୀ ରୋଜି ତ୍ରିପାଠୀ ଓ ଇଂ ମାନସ ସ୍ୱାଇଁ ଆଦି କର୍ମକର୍ତ୍ତାମାନେବିଭିନ୍ନ ଦାୟିତ୍ୱ ନିର୍ବାହ କରି ରାଜ୍ୟରେ ଜଳମିତ୍ରମାନଙ୍କ ପ୍ରଶିକ୍ଷଣଏବଂ ସବୁଜ ଜଳବାୟୁ ପାଣ୍ଠି ପ୍ରକଳ୍ପ ଅନ୍ତର୍ଗତ ଗ୍ରାମମାନଙ୍କରେ ବସବାସ କରୁଥିବା କୃଷକମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟର ସଂପାଦନାକରୁଛନ୍ତି। ସେହିପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ବଲପୁର ଜିଲ୍ଲାର ଯୁଜୁମୋରା, ଜମନକିରା ଓ ମାନେଶ୍ୱର ବ୍ଲକର ପଞ୍ଚାୟତ ସମିତି ସଭାଗୃହ ଠାରେଆୟୋଜନ କରାଯାଉଛି।

# 'ପୂର୍ବରୁ ସାମ୍ନା କରିଛେ, ଏବେ ବି ଡରିବାନି'

**ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ):** 'ଦାନା'କୁ ନେଇ ସମଗ୍ର ଉପକୂଳରେ ହାଇ ଆଲର୍ଟ। ଏପରି ସ୍ଥିତିରେ ସାମ୍ନାକୁ ଆସିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବାତ୍ୟା ପରିପ୍ରେକ୍ଷୀରେ ଲୋକଙ୍କୁ ବିରୋଧୀ ଦଳ ନେତା ନିବେଦନ କରିଛନ୍ତି ଓ ପରାମର୍ଶ ମଧ୍ୟ ଦେଇଛନ୍ତି । ଭୟ ନକରି ସଜାଗ ରହିବାକୁ ନବୀନ ଦେଇଛନ୍ତି ପରାମର୍ଶ। ଜୀବନ ଅମୂଲ୍ୟ ତେଣୁ ପ୍ରଶାସନକୁ ପୁରା ସହଯୋଗ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି ।



ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି, ବାତ୍ୟା ଆସୁଥିବା ଖବର ପାଇ ସମସ୍ତେ ଚିନ୍ତିତ। ପୂର୍ବରୁ ଆମେ ସମସ୍ତେ ମିଶି ସଫଳତା ସହ ଅନେକ ବାତ୍ୟାର ମୁକାବିଲା କରିଛେ। ଆମର ଏକ ବହୁତ ସଫଳ ବିପର୍ଯ୍ୟୟ ପରିଚାଳନା ରଣନୀତି ରହିଛି । ତେଣୁ ଆପଣମାନେ ଭୟଭୀତ ହୁଅନ୍ତୁ ନାହିଁ । ସଜାଗ ରୁହନ୍ତୁ, ଜୀବନ ଅମୂଲ୍ୟ, ନିରାପଦ ରୁହନ୍ତୁ । ବାତ୍ୟା ମୁକାବିଲାରେ ପ୍ରଶାସନକୁ ପୂରା ସହଯୋଗ ଦିଅନ୍ତୁ । ନବୀନ ଆହୁରି ମଧ୍ୟ କହିଛନ୍ତି, ନିର୍ବାଚିତ ପ୍ରତିନିଧିମାନଙ୍କୁ ମୋର ଅନୁରୋଧ ଆପଣମାନେ ଏ ବିପଦ ସମୟରେ ଲୋକଙ୍କ ସହ ରୁହନ୍ତୁ। ଲୋକଙ୍କୁ ସାହାଯ୍ୟ କରନ୍ତୁ । ମୋର ଦୃଢ଼ ବିଶ୍ୱାସ ଆମେ ସମସ୍ତେ ଏକାଠି ପୂର୍ବ ପରି ବାତ୍ୟା ଦାନାର ସଫଳ ମୁକାବିଲା କରିପାରିବା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବୃଷ୍ଟିପାତ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ସହିତ ସମନ୍ୱିତ ଭାବେ ବାତ୍ୟା ମୁକାବିଲା କରିବା ପାଇଁ ବିଧାୟକ ଓ ବିଧାୟିକାଙ୍କୁ ପରାମର୍ଶ ଦେଇଛନ୍ତି । ଏହା ସହିତ ରିଲିଫ ଓ ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଧାୟକ ଓ ବିଧାୟିକାମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ଉପସ୍ଥିତ ରହିବା ଆବଶ୍ୟକ । ସମସ୍ତ ବିଧାୟକ ଓ ବିଧାୟିକା ନିଜ ନିଜ ଅଞ୍ଚଳବାସୀଙ୍କ ସହିତ ରହି ସେମାନଙ୍କୁ ଆବଶ୍ୟକୀୟ ସହାୟତା ଦେବା ପାଇଁ ଯଥା ସମ୍ଭବ ଚେଷ୍ଟିତ ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଟ୍ୱିଟ କରି ନିବେଦନ କରିଥିଲେ।

### ବିପର୍ଯ୍ୟୟ ମୁକାବିଲାରେ ନବୀନଙ୍କର ଲମ୍ବା ଅଭିଜ୍ଞତା

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଦୀର୍ଘ ବର୍ଷ ଶାସନରେ ରାଜ୍ୟ ଏକାଧିକ ସାମୁଦ୍ରିକ ବାତ୍ୟାର ସମ୍ନା କରିଛି । ୧୯୯୯ ମହାବାତ୍ୟା ପରେ ନବୀନ ରାଜ୍ୟରେ ଗାଦି ସମ୍ଭାଳିଥିଲେ। ମହାବାତ୍ୟା ପରବର୍ତ୍ତୀ ଆର୍ଥନୈତିକ ସ୍ଥିତି ଓ ପରେ ଏକାଧିକ ବାତ୍ୟାର ସାମ୍ନା କରିଥିଲା ଓଡ଼ିଶା । ଏହା ମଧ୍ୟରେ 'ଫନି' ଓ 'ଫାଇଲିନ' ପରି ବଡ ବାତ୍ୟା ମଧ୍ୟ ରହିଛି । କେନ୍ଦ୍ର-ରାଜ୍ୟ ସହଯୋଗରେ ନବୀନଙ୍କ ନେତୃତ୍ୱରେ ଏକାଧିକ ବାତ୍ୟାର ସଫଳ ମୁକାବିଲା ମଧ୍ୟ କରିବାରେ ଓଡ଼ିଶା ସଫଳ ମଧ୍ୟ ହୋଇଛି।

## ବୁଡ଼ିଗଲେ ମା' ପୁଅ ଓ ଝିଅ



**କେନ୍ଦୁଝର,୨୩।୧୦ (ସଂଚାର ବ୍ୟୁରୋ):** ବାତ୍ୟା ପାଇଁ ପ୍ରଶାସନ ବ୍ୟସ୍ତ ଥିବା ବେଳେ ପୋଖରୀରେ ବୁଡ଼ିଗଲେ ମା' ପୁଅ ଓ ଝିଅ। କେନ୍ଦୁଝର ଜିଲ୍ଲାଘଟଗାଁ ଥାନା ପାଣୁପଶି ଗାଁର ପବନା ମହାକୁଡ଼ଙ୍କ ପତ୍ନୀ କାମିନୀ ବୁଧବାର ପୂର୍ବାହ୍ନରେ ଦୁଇ ପୁଅ ଓ ଝିଅଙ୍କୁ ଧରି ଗାଧୋଇବା ପାଇଁ ପୋଖରୀକୁ ଯାଇଥିଲେ। ପୋଖରୀ ତୁଠରେ କାମିନୀ ଲୁଗା ସଫା କରୁଥିଲେ। ଠିକ୍ ସେତିକି ବେଳେ ୨ ଭାଇ ଓ ଝିଅ ପୋଖରୀ ତୁଠରେ ଅଳ୍ପ ପାଣିରେ ଖେଳୁଥିଲେ। ତେବେ ଖେଳ ଭିତରେ କେତେବେଳେ କେମିତି କାମିନୀଙ୍କ ୭ ବର୍ଷର ପୁଅ ମିଥୁନ ଓ ୫ ବର୍ଷର ଝିଅ ସୁନୁକା ପୋଖରୀ ଭିତରକୁ ଚାଲି ଯାଇଥିଲେ। ଆଉ ବାହାରି ପାରିଲେ ନାହିଁ। ଗଭୀର ପାଣିରେ ଦୁଇ ପିଲା ବୁଡି ଯାଉଥିବା ଦେଖି ମାଆ କାମିନୀ ଉଦ୍ଧାର କରିବା ପାଇଁ ଯାଇଥିଲେ। ହେଲେ ସେ ଗଭୀର ପୋଖରୀରେ ବୁଡ଼ି ଯାଉଥିଲେ। ମାଆ ଓ ଦୁଇ ଭାଇ ଭଉଣୀ ପାଣିରେ ବୁଡି ଯାଉଥିବା ଦେଖି ପୋଖରୀ ତୁଠରେ ଖେଳୁଥିବା ଅନ୍ୟ ଜଣେ ପୁଅ ଉଦ୍ଧାର କରିବା ପାଇଁ ଚିତ୍କାର କରିଥିଲେ। ହେଲେ ସେତେବେଳେ ସେଠାରେ କେହି ନ ଥିଲେ। ପରେ ଘରେ ପହଞ୍ଚି ଜେଜେ ମାଆଙ୍କୁ ସବୁ କଥା କହିଥିଲେ। ପ୍ରାୟ ଅଧ ଘଣ୍ଟାଏରୁ ଅଧିକ ସମୟ ପରେ ଗାଁ ଲୋକେ ପାଣି ଭିତରୁ କାମିନୀ, ଦୁଇ ପିଲା ମିଥୁନ୍ ଓ ସୁନୁକାଙ୍କୁ ଉଦ୍ଧାର କରି ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଆଳୁ ବେପାରୀଙ୍କ ଲୁଚକାଳି ଖେଳ

**ଭୁବନେଶ୍ୱର, ୨୩।୧୦:** ବାତ୍ୟା ବିପଦ ବେଳେ ଉଭୟ ଗ୍ରାହକ ଓ ସରକାରଙ୍କ ସହିତ ଲୁଚକାଳି ଖେଳିଛନ୍ତି ଆଳୁ ବ୍ୟବସାୟୀ। କୃତ୍ରିମ ଅଭାବ ସୃଷ୍ଟିକରି ପ୍ରତି ଘଣ୍ଟାରେ ଦର ବଢ଼ାଇ ଚାଲିଛି। ବାତ୍ୟା ପ୍ରବଣ ସ୍ଥାନ ତ ଦୂରରକଥା ଖୋଦ ରାଜଧାନୀରେ ଦୁଇ ଘଣ୍ଟା ମଧ୍ୟରେ ବେପାରୀମାନେ ଆଳୁ କିଲୋ ପ୍ରତି ଦର ୨୦ ଟଙ୍କା ବଢ଼ାଇ ଦେଇଛନ୍ତି।

ସୋମବାର ଦିନ ରାଜଧାନୀ ବଜାରରେ ଆଳୁ କିଲୋ ୩୦ ଟଙ୍କାରେ ବିକ୍ରି ହେଉଥିଲା। କାଁ ଭାଁ ବ୍ୟବସାୟୀମାନେ କିଲୋପ୍ରତି ୩୫ ଟଙ୍କା ଏବଂ ୧୦୦ ଟଙ୍କାରେ ତିନି କିଲୋ ବିକ୍ରି କରୁଥିଲେ। ତେବେ ସୋମବାର ଠାରୁ ବିଭିନ୍ନ ଗଣମାଧ୍ୟମରେ ବାତ୍ୟା ସଂକ୍ରାନ୍ତରେ ପ୍ରଚାର ପ୍ରସାର ଆରମ୍ଭ ହେବାପରେ ଆଳୁ ବ୍ୟବସାୟୀମାନେ ସେମାନଙ୍କର ଖେଳ ଆରମ୍ଭ କରିଥିଲେ। ରାଜଧାନୀ ସମେତ ବାତ୍ୟା ପ୍ରଭାବିତ ଅନେକ ସ୍ଥାନରେ ଆଳୁର କୃତ୍ରିମ ଅଭାବ ସୃଷ୍ଟି ହୋଇଥିଲା।



ବଜାରରେ ଆଳୁ ଅଭାବ ଖବର ପାଇବାପରେ ଲୋକେ ବି ଆଳୁ କିଣିବାକୁ ପ୍ରତିଯୋଗିତା କରିଥିଲେ। ଆଉ ଏହି ମଉକାର ଫାଇଦା ଉଠାଇଥିଲେ ବ୍ୟବସାୟୀ। କିଲୋପିଛା ୩୦ ଟଙ୍କାରେ ବିକ୍ରି ହେଉଥିବା ଆଳୁ ହଠାତ୍ ୪୦ ଟଙ୍କା ଓ ପରେ ୫୦ ଟଙ୍କାରେ ପହଞ୍ଚିଥିଲା। ଆଳୁ କିଲୋ ୫୦ ଟଙ୍କାରେ ପହଞ୍ଚିବା ପରେ ବହୁ ସ୍ଥାନରୁ ଛୋଟ ଛୋଟ ଆଳୁ ବେପାରୀଙ୍କ ଦୋକାନରୁ ଆଳୁ ସରିଯାଇଥିଲା। ଏହାପରେ କେତେକ କେତେକ ସ୍ଥାନରେ ଆଳୁ କିଲୋ ୫୫ ରୁ ୬୦ ଟଙ୍କାରେ ବିକ୍ରି ହୋଇଥିଲା।

ରାଜଧାନୀର ଆଇଗିଣିଆ ସ୍ଥିତ ଆଳୁ ଗୋଦାମରେ ପର୍ଯ୍ୟାପ୍ତ ଆଳୁ ମହଜୁଦ ଥିବାବେଳେ ସହର ଭିତରେ ହଠାତ୍ ଏଭଳି ଦରବୃଦ୍ଧି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଆଶ୍ଚର୍ଯ୍ୟର କଥା ହେଉଛି ଯେ ଯେଉଁ ସମୟରେ ଯୋଗାଣ ମନ୍ତ୍ରୀ ବାତ୍ୟା ସମୀକ୍ଷା କରି ଚଢ଼ା ଦର ନେଉଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି କହୁଥିଲେ ଠିକ୍ ସେହି ସମୟରେ ସଚିବାଳୟ ଆଖପାଖରେ ଥିବା ହାଟରେ ଆଳୁ କିଲୋ ୫୦ ଟଙ୍କାରେ ବିକ୍ରି ହେଉଥିବା ଓ ବହୁ ସରକାରୀ କର୍ମଚାରୀ ଏହି ଦରରେ ଆଳୁ କିଣୁଥିଲେ।

କେବଳ ଆଳୁ ନୁହେଁ ମଉକାର ଫାଇଦା ଉଠାଇ ବ୍ୟବସାୟୀମାନେ ପିଆଜ ଦରକୁ ମଧ୍ୟ ୮୦ ଟଙ୍କାରେ ପହଞ୍ଚାଇ ଦେଇଛନ୍ତି। ବାତ୍ୟା ବିପଦ ପ୍ରଚାର ପୂର୍ବରୁ ପିଆଜ କିଲୋ ୫୦ ରୁ ୫୫ ଟଙ୍କାରେ ବିକ୍ରି ହେଉଥିବାବେଳେ ହଠାତ୍ ଏହା କେତେକ ସ୍ଥାନରେ ୮୦ ଟଙ୍କାରେ ପହଞ୍ଚି ଯାଇଛି। ଆଳୁ ଭଳି ବ୍ୟବସାୟୀମାନେ ଏହାର ମଧ୍ୟ କୃତ୍ରିମ ଅଭାବ ସୃଷ୍ଟିକରି ମୁନାଫା ଉଠାଇଛନ୍ତି।

ତେବେ ଖୋଦ୍ ରାଜଧାନୀରେ ବ୍ୟବସାୟୀମାନେ ଏଭଳି ଲୁଚକାଳି ଖେଳୁଥିବାବେଳେ ଯୋଗାଣ ବିଭାଗ ସେମାନଙ୍କ ବିରୁଦ୍ଧରେ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରି ନାହିଁ କି ପରିସ୍ଥିତିକୁ ନିୟନ୍ତ୍ରଣ କରିନାହିଁ। କାର୍ଯ୍ୟାନୁଷ୍ଠାନ କେବଳ ବିଭାଗୀୟ ମନ୍ତ୍ରୀଙ୍କ ତାଗିଦାରେ ରହିଯାଇଥିବାବେଳେ ବାତ୍ୟା ବିପଦ ସମୟରେ କିଛି ବ୍ୟବସାୟୀ ମାଲେମାଲ ହୋଇଯାଇଛନ୍ତି। ଏହା ପୂର୍ବରୁ ଆଳୁର ତିରୋଟ ସମୟରେ ମଧ୍ୟ ରାଜ୍ୟର କିଛି ବ୍ୟବସାୟୀ ଏଭଳି ପରିସ୍ଥିତି ସୃଷ୍ଟି କରିଥିଲେ ଏବଂ ସେତେବେଳେ ବି ମନ୍ତ୍ରୀଙ୍କ ତାଗିଦାକୁ କର୍ଣ୍ଣପାତ କରିନଥିଲେ। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ବୋମା ଧମକ ନେଇ ସୋସିଆଲ୍ ମିଡିଆ ସାଇଟ୍ 'ଏକ୍ସ' ଉପରେ ବର୍ଷିଲେ କେନ୍ଦ୍ର

**ମୁମ୍ବାଇ, ୨୩।୧୦:** ଗତ କିଛି ଦିନ ହେବ ଅନେକ ଭାରତୀୟ ଘରୋଇ ତଥା ଆନ୍ତର୍ଜାତୀୟ ବିମାନଗୁଡ଼ିକୁ ବୋମା ଧମକ ମିଳି ସାରିଲାଣି। ଏହି କାରଣରୁ କେନ୍ଦ୍ର ସରକାର ବୁଧବାର ସୋସିଆଲ ମିଡିଆ ସହ ଏକ ବୈଠକ କରି ସମାଧାନର ବାଟ ଖୋଜିଛନ୍ତି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଦ୍ୱାରା ଏୟାରଲାଇନ୍ସ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ଓ ମେଟାର ଅଧିକାରୀମାନଙ୍କ ସହ ଏକ ବୈଠକ ଡକା ଯାଇଥିଲା। ସେଥିରେ କେନ୍ଦ୍ର ସରକାର ସୋସିଆଲ ମିଡିଆ ପ୍ଲାଟଫର୍ମର ଅଧିକାରୀମାନଙ୍କ ଉପରେ ବର୍ଷି ଯାଇଛନ୍ତି। ଦିଲ୍ଲୀ ପୁଲିସ୍ ଅଭିଯୁକ୍ତ ବ୍ୟବହାରକାରୀଙ୍କ ସୋସିଆଲ୍ ମିଡିଆ ଆଇଡି କିମ୍ବା କିଛି ଡୋମେନର ସବିଶେଷ ତଥ୍ୟ ପାଇବାରେ ବିଫଳ ହେବା ପରେ କେନ୍ଦ୍ର ମାଇକ୍ରୋବ୍ଲଗିଂ ସାଇଟକୁ ଏବେ ଏହି ଦାୟିତ୍ୱ



ଦେଇଛନ୍ତି। ଗତ ଆଠ ଦିନ ମଧ୍ୟରେ ୯୫ ରୁ ଅଧିକ ଘରୋଇ ଏବଂ ଆନ୍ତର୍ଜାତୀୟ ବିମାନକୁ ବୋମା ଧମକ ମିଳିବା ପରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ପ୍ରଭାବିତ ବିମାନଗୁଡ଼ିକରେ ଆକାସା, ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ଭିସ୍ତାରା ଆଦି ରହିଛି। ଏହି ବିମାନଗୁଡ଼ିକ ଦିଲ୍ଲୀରୁ ବିଭିନ୍ନ ଘରୋଇ ତଥା ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ସେବା ଯୋଗାଇଥାନ୍ତି। ବୋମା ଧମକ ସଂପର୍କରେ ଦିଲ୍ଲୀ ପୁଲିସ ଆଠଟି ମାମଲା ଦାୟର କରିଛି। ଯେଉଁ ଏକ୍ସ ପୋଷ୍ଟଗୁଡ଼ିକରେ ଧମକ ମିଳିଥିଲା ସେହି ଆକାଉଣ୍ଟଧାରୀଙ୍କ ସଂପର୍କରେ ସୂଚନା ପାଇଁ କେନ୍ଦ୍ର ସରକାର ଏକ୍ସକୁ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବେଙ୍ଗାଲୁରୁ ଅଭିମୁଖେ ଆକାସା ଏୟାର ବିମାନକୁ ଟାର୍ଗେଟ କରି ଏକ୍ସ ମାଧ୍ୟମରେ ମିଳିଥିବା ବୋମା ଧମକ ପରେ ଅକ୍ଟୋବର ୧୬ ତାରିଖରେ ପ୍ରଥମ ମାମଲା ପଞ୍ଜିକୃତ ହୋଇଥିଲା।

# ପ୍ରିମିୟମ ବ୍ରାଣ୍ଡ୍ ଉପରେ ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୨୩।୧୦: ଚଳିତ ପାର୍ବଣ ଋତୁରେ ପ୍ରତ୍ୟେକ ଅବସରକୁ ସ୍ୱତନ୍ତ୍ର କରିବା ପାଇଁ ଗ୍ରାହକମାନେ ଆମାଜନ ଡଟ୍ ଇନ୍‌ର ଫେଷ୍ଟିଭ ଗିଫ୍ଟିଙ୍ଗ ଷ୍ଟୋରକୁ ଅନ୍ୱେଷଣ କରିପାରିବେ। ଏପରିକି ପ୍ରତି କ୍ରୟ ଉପରେ ୨୦୦ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ସହ ଫେଷ୍ଟିଭ ଗିଫ୍ଟିଙ୍ଗରେ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ସେହିଭଳି ଜଣେ ଗ୍ରାହକ ସିଜନର ସମସ୍ତ ଟପ୍ ଫେଷ୍ଟିଭ ଗିଫ୍ଟିଂ ଉପରେ କୁପନ ସବ୍‌ସ୍କ୍ରିପଶନ ସହ ଅତିରିକ୍ତ ୧୦%ର ରିହାତି ପାଇବେ। ବିଶେଷକରି ଫୁଲ୍, ୪୭୦୦ବିସି, ଇଟ୍ ବେଟର କୋ, ଗେଣ୍ଡା ଫୁଲ୍, ଗୋ ଦେଶୀ ଭଳି ପ୍ରିମିୟମ ବ୍ରାଣ୍ଡଗୁଡିକର ବିସ୍ତୃତ ଚୟନ ଉପରେ ଏହି ଅଫରଗୁଡିକ ଉପଲବ୍ଧ ରହିଛି, ଫେଷ୍ଟିଭ ଗିଫ୍ଟିଂ ଷ୍ଟୋର ସହ ଗ୍ରାହକମାନେ ଦ୍ରୁତ ଓ ନିର୍ଭରଯୋଗ୍ୟ ଡେଲିଭରି ମଧ୍ୟ ଉପଭୋଗ କରିପାରିବେ। ସେହିପରି ପାର୍ବଣ ସମୟରେ ଆମାଜନର ଫେଷ୍ଟିଭ ଗିଫ୍ଟିଂ ଷ୍ଟୋରରେ ଆନନ୍ଦ ରୟାଲ ଆସର୍ଟେଡ ସ୍ୱିଟ୍‌ସ ଫେଷ୍ଟିଭ ଗିଫ୍ଟ ପ୍ୟାକ୍, କ୍ୟାଡ୍‌ବରି ସେଲିବ୍ରେଶନ୍ସ ପ୍ରିମିୟମ ସିଲେକ୍ସନ ଚକୋଲେଟ୍‌ସ ଗିଫ୍ଟ ପ୍ୟାକ୍, ବ୍ଲୁ ଟୋକାଇ କଫି ରୋଷ୍ଟର୍ସ ଫେଷ୍ଟିଭ ବକ୍ସ ଅଫ୍ ଜୟ ଗିଫ୍ଟ ହାମ୍ପର, ନଟ୍‌ରାଜ ଦିୱାଲି ଡ୍ରାଏଫ୍ରୁଟ୍ସ ଗିଫ୍ଟ ବକ୍ସ ଭଳି ଉପହାର ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି।

ଉଲ୍ଲେଖଯୋଗ୍ୟ, ପର୍ସନାଲ ଓ ବେବି କେୟାର ଏସେନ୍ସିଆଲ୍ସ ବର୍ଗରେ ହିମାଳୟା ବେବି ବାସ୍କେଟ ଗିଫ୍ଟ ପ୍ୟାକ୍, ଜିଲେଟ ଫ୍ଲେକ୍ସବଲ ପ୍ରୋ ଗ୍ଲାଇଡ ଗିଫ୍ଟ ପ୍ୟାକ୍, ବମ୍ବେ ସେଭିଙ୍ଗ କମ୍ପାନୀ ଆଣ୍ଡ ଗ୍ରୁମିଂ କିଟ୍ ଫର୍ ମେନ୍, ସେଟାଫିଲ ବେବି ଗିଫ୍ଟ ପ୍ୟାକ୍‌ସ ୱିଥ ସଫ୍ଟ ଟୟ ଭଳି ଗିଫ୍ଟ ଆକର୍ଷଣୀୟ ରିହାତି ସହ ଉପଲବ୍ଧ ରହିଛି।




## ଆଇଡେଷ୍ଟିନିର ଏକ୍ସକ୍ଲୁସିଭ ଆଉଟଲେଟ

ଭୁବନେଶ୍ୱର,୨୩।୧୦: ଆଇଡେଷ୍ଟିନି (ଆପଲ୍ ଅଥରାଇଜଡ ରିସେଲର ଷ୍ଟୋର) ର ଏକ୍ସକ୍ଲୁସିଭ ଆଉଟଲେଟ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଓଡ଼ିଶାରେ କେବଳ ଗୋଟିଏ ନୁହେଁ, ଦୁଇଟି ଆପଲ୍ ଅଥରାଇଜ୍‌ଡ ରିସେଲର ଷ୍ଟୋର କାଭାକା କମ୍ପ୍ଲେକ୍ସ, ଅଇଁଠାପାଲି ମେନରୋଡ ସମ୍ବଲପୁର ଏବଂ ଧର୍ମ ନଗର ବ୍ରହ୍ମପୁରଠାରେ ଶୁଭାରମ୍ଭ କରାଯାଇଛି। ସେହିଭଳି ଏହି ନୂଆ ସ୍ଥଳ ଓଡ଼ିଶାର ଟେକ୍ ପ୍ରେମୀଙ୍କୁ ଆପଲ୍‌ର ସର୍ବୋତ୍ତମ ଉତ୍ପାଦ ଯୋଗାଇ ଦେବା ନିମନ୍ତେ ଏବଂ ବ୍ରାଣ୍ଡ୍ ଲକ୍ଷ୍ୟରେ ଏକ ଉଲ୍ଲେଖନୀୟ ସମ୍ପ୍ରସାରଣ ହୋଇଛି। ପୂର୍ବ ଭାରତର ଏକମାତ୍ର ଆପଲ ପ୍ରିମିୟମ ସହଭାଗୀ ଭାବେ ଆଇଡେଷ୍ଟିନି ବର୍ତ୍ତମାନ ସମସ୍ତ ଆପଲ୍ ସାମଗ୍ରୀର ଲକ୍ଷ୍ୟସ୍ଥଳ ଯିବାକୁ ଅଧିକ ନିକଟତର ହୋଇଯାଇଛି।

ଏ ସମ୍ପର୍କରେ ଆଇଡେଷ୍ଟିନି (ଆପଲ୍ ଅଥରାଇଜ୍‌ଡ ରିସେଲର) ର ଡାଇରେକ୍ଟର ବିଜୟ ଡୁଗର କହିଥିଲେ,ଓଡ଼ିଶା ବଜାରରେ ଆମେ ଆମର ଦୁଇଟି ନୂଆ ଷ୍ଟୋର ଖୋଲିଥିବାବେଳେ ଏହା ଆଇଡେଷ୍ଟିନି ନିମନ୍ତେ ଏକ ଆକର୍ଷଣୀୟ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ବିଶେଷ କରି ବ୍ରାଣ୍ଡର ଉପଲବ୍ଧତା, ସେବା ଯୋଗାଣ, ନିର୍ଭରଯୋଗ୍ୟତା, ସୁଲଭତା ଏବଂ ସହଜ ଉପକରଣ ବିନିମୟ ବିକଳ୍ପ ଯୋଗାଇ ଦେଇ ଗ୍ରାହକଙ୍କ ଅନୁଭୂତି ଉପର ସ୍ଥାନକୁ ନେବା ଉପରେ ଆମର ଦୃଷ୍ଟିନିବଦ୍ଧ ରହିଛି। ଏପରିକି ଆମେ ପୂର୍ଣ୍ଣ ନିଶ୍ଚିତଯେ ଏହି ଷ୍ଟୋରଗୁଡିକ ସମ୍ବଲପୁର ଏବଂ ବ୍ରହ୍ମପୁରର ଟେକ୍ ପ୍ରେମୀ ନାଗରିକମାନଙ୍କ ନିମନ୍ତେ ପ୍ରିୟ ଆପଲ୍ ସ୍ଥଳ ହେବ ବୋଲି ଡୁଗର କହିଛନ୍ତି।

# ୭% ରହିବ ଜିଡିପି ଅଭିବୃଦ୍ଧି ହାର

**ଭୁବନେଶ୍ୱର,୨୩।୧୦:** ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର(ଜିଡିପି) ଆକଳନକୁ ୭% ସ୍ଥିର ରଖିଛି। ଏହା ଜୁଲାଇ ଆକଳନ ସହିତ ମେଳ ଖାଉଥିବାବେଳେ ଆଇଏମ୍ଏଫ୍ କହିଛି , ମହାମାରୀ ସମୟରେ ଚାହିଦା ହ୍ରାସ ପାଉଛି। ଅନ୍ୟପଟେ ୨୦୨୪-୨୫ରେ ଭାରତରେ ମୁଦ୍ରାସ୍ଫୀତି ହାର ୪.୪% ବୋଲି ଆଇଏମ୍ଏଫ୍ ଆକଳନ କରିଛି। ଆସନ୍ତା ବର୍ଷ ଏହା ୪.୧%କୁ ଖସିଯାଇପାରେ। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ମୁଣ୍ଡ ପିଛା ଉତ୍ପାଦନ ୬% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏହା ବ୍ରାଜିଲ (୨.୬%), ରୁଷିଆ (୩.୮%), ଚାଇନା (୪.୯%) ଏବଂ ଆମେରିକା (୨.୩%) ଠାରୁ ଅଧିକ ବୋଲି ଦର୍ଶାଯାଇଛି। ଆଇଏମ୍ଏଫ୍‌ର ଏହି ଆକଳନ ଏପ୍ରିଲ ଆକଳନଠାରୁ ୦.୨ ପ୍ରତିଶତ ଅଧିକ ରହିଛି। ୨୦୨୫-୨୬ ପାଇଁ ୬.୫% ବିକଶିତ ଏବଂ ଉଦୀୟମାନ ଅର୍ଥନୀତି ତୁଳନାରେ ଏହି ଆକଳନ ଅଧିକ। ୨୦୨୪ରେ ବିଶ୍ୱ ଅର୍ଥନୀତି ୩.୨% କୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି, ଯାହାକି ପୂର୍ବ ବର୍ଷ ୩.୩% ଥିଲା। ମଙ୍ଗଳବାର ପ୍ରକାଶିତ ବିଶ୍ୱ ଅର୍ଥନୈତିକ ଦୃଷ୍ଟିକୋଣ ଅନୁଯାୟୀ, ଭାରତରେ ଜିଡିପି ଅଭିବୃଦ୍ଧି ହାର ୨୦୨୩ରେ ୮.୨% ଥିବାବେଳେ ୨୦୨୪ରେ ୭% ଏବଂ ୨୦୨୫ରେ ୬.୫%କୁ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଘରୋଇ ଚାହିଦା ଯୋଗୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ମାସ ଆରମ୍ଭରେ ୭.୨% ଅଭିବୃଦ୍ଧି ହାର ଧାର୍ଯ୍ୟ କରିଥିଲା। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଶ୍ୱବ୍ୟାଙ୍କ ମଧ୍ୟ ଭାରତରେ ୭% ଅଭିବୃଦ୍ଧିର ଆକଳନ କରିଛି। ଆଇଏମ୍ଏଫ୍ ରିପୋର୍ଟରେ ଚାଇନାର ଅଭିବୃଦ୍ଧି ୪.୮% କୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଅନ୍ୟପଟେ ୨୦୨୪ ପାଇଁ ବ୍ରାଜିଲ ଏବଂ ଅର୍ଥନୈତିକ ଉତ୍ପାଦନ ଆକଳନକୁ ୩% ଏବଂ ୩.୬% ପର୍ଯ୍ୟନ୍ତ ସଂଶୋଧନ କରାଯାଇଛି। ଆମେରିକା ପାଇଁ ମଧ୍ୟ ଏହି ଆକଳନ ୨.୮% କୁ ବୃଦ୍ଧି ପାଇଛି।




# ଖସିଲା ଶେୟାର ବଜାର



**ମୁମ୍ବାଇ,୨୩।୧୦:** କ୍ରମାଗତ ଭାବେ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ପ୍ରାୟ ୯୩୧ (୯୩୦.୫୫) ପଏଣ୍ଟ କମି ୮୦,୨୨୧ (୮୦,୨୨୦.୭୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୦୯ (୩୦୯.୦୦) ପଏଣ୍ଟ ହ୍ରାସ ଘଟି ୨୪,୪୭୨(୨୪,୪୭୨.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

ଜିଓର ଦୀପାବଳି ଅଫର

## ମିଳିବ ଅନଲିମିଟେଡ ୫ଜି ଡାଟା

**ନୂଆଦିଲ୍ଲୀ,୨୩।୧୦:** ଦେଶର ଲୋକପ୍ରିୟ ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ଦୀପାବଳି ଅଫର ଭାବରେ ମାଗଣା ଇଣ୍ଟରନେଟ ସୁବିଧା ଯୋଗାଉଛି। ଏହାପୂର୍ବରୁ ସେପ୍ଟେମ୍ବରରେ କମ୍ପାନୀ ଏୟାରଫାଇବର ସହିତ ୧ ବର୍ଷ ପାଇଁ ଏକ ମାଗଣା ଇଣ୍ଟରନେଟ ଯୋଜନା ପ୍ରବର୍ତ୍ତନ କରିଥିଲା। ଏଥି ସହିତ ଦୀପାବଳି ପୂର୍ବରୁ, ଜିଓ ଦ୍ୱାରା ଅନେକ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରାଯାଇଛି। ଏଥିମଧ୍ୟରୁ ଏକ ଯୋଜନା ମଧ୍ୟ ଅଛି ଯାହା ଗ୍ରାହକଙ୍କୁ ଅସୀମିତ ଡାଟା ପ୍ଲାନ ପ୍ରଦାନ କରୁଛି। ଏଭଳି ପରିସ୍ଥିତିରେ ଗ୍ରାହକଙ୍କୁ ଯଥାସମ୍ଭବ ଇଣ୍ଟରନେଟ ବ୍ୟବହାର କରିବାର ସୁଯୋଗ ରହିଛି।

ରିଲାଏନ୍ସ ଜିଓର ୧୦୧ ଟଙ୍କା ଯୋଜନା ଏୟାରଟେଲ ଏବଂ ଭୋଡାଫୋନ ଆଇଡିଆ ପରି ଟେଲିକମ କମ୍ପାନୀଗୁଡିକୁ ପ୍ରତିଯୋଗିତା ଦେଇପାରେ। ଏହି ୧୦୧ ଟଙ୍କା ଯୋଜନା ଅନୁଯାୟୀ, ଉପଭୋକ୍ତାମାନେ ଅସୀମିତ ୫ଜି ଡାଟା ପାଇପାରିବେ। ତଥାପି, ଏହାର ଅସୀମିତ ୫ଜି ତଥ୍ୟର ଲାଭ କେବଳ ସେହି ଉପଭୋକ୍ତାମାନଙ୍କ ଦ୍ୱାରା ମିଳିପାରିବ ଯେଉଁ ଅଞ୍ଚଳରେ ୫ଜି ନେଟୱର୍କ ସଂଯୋଗ ଉପଲବ୍ଧ। ଏହି ଯୋଜନା ସହିତ ୪ଜି ସଂଯୋଗ ସହିତ ୬ଜିବି ଡାଟା ଦିଆଯାଉଛି।

## ଲାଇଫ୍ ଷ୍ଟାଇଲର ଅଲ୍ ନ୍ୟୁ କଲେକ୍ସନ

ନୂଆଦିଲ୍ଲୀ,୨୩।୧୦: ଲାଇଫ୍‌ଷ୍ଟାଇଲ୍'ର ଅଲ ନ୍ୟୁ କଲେକ୍ସନର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଚଳିତ ପାର୍ବଣ ଋତୁର ସ୍ୱତନ୍ତ୍ର ଫେଷ୍ଟିଭ କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଲାଇଫ୍ ଷ୍ଟାଇଲର ଫେଷ୍ଟିଭ୍ କଲେକ୍ସନରେ ପାରମ୍ପରିକ ଏବଂ ଫ୍ୟୁଜନ୍ ସ୍ୱଦେଶୀ ପରିଧାନର କାଳାତୀତ ଆକର୍ଷଣରୁ ଆରମ୍ଭ କରି ସମସାମୟିକ ପାଶ୍ଚାତ୍ୟ ଶୈଳୀର ଚମକପ୍ରଦ ଗ୍ଲାମର ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ କିଛି ନା କିଛି ସାମିଲ ରହିଛି। ଏହିସବୁ କଲେକ୍ସନରେ ଲାଳିତ୍ୟ ଓ ଆଭିଜାତ୍ୟର ଚମତ୍କାର ମିଶ୍ରଣ ସାମିଲ ରହିଛି। ବିଶେଷକରି ମହିଳାମାନଙ୍କ ଫେଷ୍ଟିଭ୍ କଲେକ୍ସନରେ ଜଟିଳ ପାଟର୍ନ ଏବଂ ଅସଲୀ ରଙ୍ଗରେ ସୁସଜ୍ଜିତ ବିଭିନ୍ନ ପ୍ରକାରର ଚମତ୍କାର ସ୍ୱଦେଶୀ ପରିଧାନର ଅନେକ ବିକଳ୍ପ ସାମିଲ ରହିଛି, ପୁରୁଷଙ୍କ ପୋଷାକ କଲେକ୍ସନରେ କ୍ଲାସିକ୍ ପରମ୍ପରା ଏବଂ ଆଧୁନିକତାର ସ୍ପର୍ଶ ସହିତ ରହିଥିବା କୁର୍ତା ଏବଂ ଜ୍ୟାକେଟର ଏକ ସୁନ୍ଦର ରେଞ୍ଜ ପ୍ରଦାନ କରିଥାଏ।

ଏ ସମ୍ପର୍କରେ ଲାଇଫ୍‌ଷ୍ଟାଇଲର ଏଭିପି ଏବଂ ହେଡ୍ ଅଫ୍ ମାର୍କେଟିଂ ସୁଶ୍ରୀ ରୋହିଣୀ ହାଲାଦିଆ କହିଛନ୍ତି, ଆମେ ଆମର ବହୁ ପ୍ରତୀକ୍ଷିତ ଫେଷ୍ଟିଭ୍ କଲେକ୍ସନର ଅନାବରଣ କରି ବେଶ୍ ଉତ୍ସାହିତ ଅଛୁ। ଏହି କଲେକ୍ସନରେ ସମସ୍ତଙ୍କ ପାଇଁ କିଛି ନା କିଛି ରହିଛି, ଷ୍ଟୋର୍ ଏବଂ ଅନ୍‌ଲାଇନ ଉଭୟ ସ୍ଥାନରେ ଏହାକୁ ଦେଖିବା ଲାଗି ଆମ ଗ୍ରାହକମାନଙ୍କୁ ଆମେ ଆମନ୍ତ୍ରଣ କରୁଛୁ। ଏପରିକି ସେମାନେ ନିଜ ପାଇଁ ଏପରି ଏକ ପରିଧାନ ବାଛି ପାରିବେ, ଯାହା ସେମାନଙ୍କ ପାର୍ବଣର ଆନନ୍ଦକୁ ଆହୁରି ସ୍ୱତନ୍ତ୍ର କରି ଦେବ।

ସେହିଭଳି ଚଳିତ ପାର୍ବଣ ଋତୁରେ ଗ୍ରାହକମାନେ ଆକର୍ଷଣୀୟ ଅଫର ମଧ୍ୟ ଉପଭୋଗ କରିପାରିବେ। ଏପରିକି ୫୦୦୦ଟଙ୍କାରେ କିଣାକିଣି କଲେ ୧୦୦୦ ଟଙ୍କାର ଆକର୍ଷଣୀୟ ଭାଉଚର ଓ ଏସ୍‌ବିଆଇ କ୍ରେଡିଟ୍ କାର୍ଡ ସହ ୧୦% ତୁରନ୍ତ ରିହାତି ଯୋଗାଇ ଦିଆଯାଉଛି।



ପାକିସ୍ତାନ-ଚୀନ୍-ଇରାନର କ୍ଷେପଣାସ୍ତ୍ର ଡ୍ରୋନ୍ କାର୍ଯ୍ୟକ୍ରମ ଉପରେ ଆମେରିକାର କଟକଣା



# ୨୬ କମ୍ପାନି କଳା ତାଲିକାଭୁକ୍ତ

**ୱାଶିଂଟନ, ୨୩।୧୦:** ପାକିସ୍ତାନ ଏବଂ ଚୀନ୍‌ର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ କାର୍ଯ୍ୟକ୍ରମକୁ ବଡ଼ ଝଟକା ଲାଗିଛି। ଆମେରିକା ୨୬ଟି କମ୍ପାନୀକୁ କଳା ତାଲିକାଭୁକ୍ତ କରିଛି। ଏସବୁ କମ୍ପାନି ପାକିସ୍ତାନ ଏବଂ ଇରାନର ଅସ୍ତ୍ରଶସ୍ତ୍ର ଏବଂ ଡ୍ରୋନ୍ କାର୍ଯ୍ୟକ୍ରମକୁ ସମର୍ଥନ କରୁଥିବା ଅଭିଯୋଗ ହୋଇଛି। ୨୬ଟି କମ୍ପାନି ମଧ୍ୟରୁ ଅଧିକାଂଶ ପାକିସ୍ତାନ, ଚୀନ୍ ଏବଂ ୟୁଏଇର ବୋଲି କୁହାଯାଉଛି।

ସେସବୁ କମ୍ପାନି ରପ୍ତାନି ପ୍ରତିବନ୍ଧକ ନିୟମ ଉଲ୍ଲଂଘନ କରିଛନ୍ତି। ସେମାନେ ଅସ୍ତ୍ର କାର୍ଯ୍ୟକ୍ରମରେ ଜଡିତ ଅଛନ୍ତି। ସେମାନେ ରୁଷିଆ ଏବଂ ଇରାନ ବିରୁଦ୍ଧରେ ଆମେରିକାର ପ୍ରତିବନ୍ଧକ ତଥା ରପ୍ତାନି ପ୍ରତିବନ୍ଧକରୁ ବଞ୍ଚିତ ହୋଇଥିଲେ। ଆମେରିକାର ବାଣିଜ୍ୟ ବିଭାଗ ଏହି ସୂଚନା ଦେଇଛି। ଏହି ପ୍ରତିବନ୍ଧକ ପରେ କଳା ତାଲିକାଭୁକ୍ତ କମ୍ପାନିଗୁଡିକ ସରକାରଙ୍କ ଅନୁମୋଦନ ବିନା ଆମେରିକୀୟ ସାମଗ୍ରୀ ଏବଂ ପ୍ରଯୁକ୍ତିବିଦ୍ୟା କିଣି ପାରିବେ ନାହିଁ।

ଆମେରିକା ଏକ ବିବୃତିରେ କହିଛି ଯେ ଆମେରିକା ନିଜର ଜାତୀୟ ସୁରକ୍ଷା ପ୍ରତି ସଜାଗ ରହିଛି। ଆମର କଟକଣାକୁ ଉଲ୍ଲଂଘନ କଲେ ଏଭଳି କାର୍ଯ୍ୟାନୁଷ୍ଠାନ କରାଯିବ। ସେଥିମଧ୍ୟରେ ପାକିସ୍ତାନର ୯ ଟି କମ୍ପାନୀ ଅନ୍ତର୍ଭୁକ୍ତ। ସେସବୁ କଳା ତାଲିକାଭୁକ୍ତ କମ୍ପାନୀ ଆଡଭାନ୍ସ ଇଞ୍ଜିନିୟରିଂ ରିସର୍ଚ୍ଚ ଅର୍ଗାନାଇଜେସନ୍ ପାଇଁ ଯୋଗାଣକାରୀ କମ୍ପାନୀ ଭାବରେ କାର୍ଯ୍ୟ କରିସାରିଥିଲା। ୨୦୧୦ ପରଠାରୁ, ଏହି ପାକିସ୍ତାନୀ ସଂଗଠନ ଆମେରିକାର ଯନ୍ତ୍ରପାତି ସାହାଯ୍ୟରେ ପାକିସ୍ତାନର କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ରଣନୈତିକ ଡ୍ରୋନ୍ କାର୍ଯ୍ୟକ୍ରମକୁ ସମର୍ଥନ କରୁଥିଲା।

ଆମେରିକା କହିଛି ଯେ ଏହି କାର୍ଯ୍ୟକଳାପ ଆମେରିକାର ବୈଦେଶିକ ଏବଂ ଜାତୀୟ ସୁରକ୍ଷା ନୀତି ବିରୁଦ୍ଧ ଅଟେ। ଆମେରିକା ମଧ୍ୟ ୬ଟି ଚାଇନିଜ୍ କମ୍ପାନୀକୁ କଳା ତାଲିକାଭୁକ୍ତ କରିଛି ଯାହା ଚୀନ୍‌ର ସୈନ୍ୟବାହିନୀକୁ ଆମେରିକାର ମୂଳ ଉପକରଣ ସାହାଯ୍ୟରେ ଆଧୁନିକୀକରଣ କରିବାରେ ସାହାଯ୍ୟ କରୁଛି କିମ୍ବା ଇରାନର ଅସ୍ତ୍ରଶସ୍ତ୍ର ଏବଂ ଡ୍ରୋନ୍ କାର୍ଯ୍ୟକ୍ରମକୁ ସମର୍ଥନ କରୁଛି।

ୟୁଏଇର ୩ ଟି କମ୍ପାନୀ ବିରୋଧରେ ଆମେରିକା ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହା ପୂର୍ବରୁ ପ୍ରକାଶ ପାଇଥିଲା ଯେ ଇରାନର ପ୍ରସିଦ୍ଧ ଘାତକ ଡ୍ରୋନରେ ପାଶ୍ଚାତ୍ୟ ଦେଶଗୁଡିକର ପ୍ରଯୁକ୍ତିବିଦ୍ୟା ବହୁଳ ଭାବରେ ବ୍ୟବହୃତ ହୋଇଛି।

ଇରାନ ଏହାର ହଜାରେ ଡ୍ରୋନକୁ ରୁଷିଆକୁ ବିକ୍ରି କରିଛି ଯାହା ୟୁକ୍ରେନ ଯୁଦ୍ଧରେ ବ୍ୟବହୃତ ହୋଇଛି। ଏହାପୂର୍ବରୁ ମଧ୍ୟ ଆମେରିକା ପାକିସ୍ତାନ ଏବଂ ଚୀନ୍‌ର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ଟାର୍ଗେଟ କରି ଅନେକ କମ୍ପାନି ଉପରେ ପ୍ରତିବନ୍ଧକ ଲଗାଇଥିଲା।

ଚୀନ୍ ଏବଂ ଆମେରିକୀୟ ଟେକ୍ନୋଲୋଜି ସାହାଯ୍ୟରେ ପାକିସ୍ତାନ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ତିଆରି କରିବାକୁ ଚେଷ୍ଟା କରୁଛି ଯାହା ଦ୍ୱାରା ସେଗୁଡିକ ଭାରତ ବିରୁଦ୍ଧରେ ବ୍ୟବହାର କରାଯାଇପାରିବ। ଏଥି ସହିତ ଆମେରିକା ମଧ୍ୟ ଦୂରଗାମୀ କ୍ଷେପଣାସ୍ତ୍ର ବିଷୟରେ ପାକିସ୍ତାନକୁ ଚେତାବନୀ ଦେଇଛି। ଆମେରିକା ଭୟ କରୁଛି ଯେ ଏହି କାରଣରୁ ଇସ୍ରାଏଲ ମଧ୍ୟ ବିପଦରେ ପଡିପାରେ।

# ଓଡ଼ିଶା ବଜାରରେ ଜିନ୍ଦଲ ପାନ୍ଥର ସିମେଣ୍ଟ

**ଭୁବନେଶ୍ୱର,୨୩।୧୦:** ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାଓ୍ୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ସହାୟକ କମ୍ପାନୀ ଜିନ୍ଦଲ ପାନ୍ଥର ସିମେଣ୍ଟ (ଜେପିସି) ବର୍ତ୍ତମାନ ଓଡ଼ିଶା ବଜାରରେ ଉପଲବ୍ଧ ବୋଲି ଜିନ୍ଦଲ ଗ୍ରୁପ୍ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏପରିକି ଓଡ଼ିଶାର ଅନୁଗୋଳଠାରେ ବ୍ରାଣ୍ଡ୍‌ର ପ୍ରଥମ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ନିକଟରେ କାର୍ଯ୍ୟକ୍ଷମ ହୋଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏବଂ ବାର୍ଷିକ ୧.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍‌ରେ ସିମେଣ୍ଟ ପ୍ରସ୍ତୁତି ପାଇଁ କମ୍ପାନୀ (ବ୍ରାଣ୍ଡ୍)ର ଅନୁଗୋଳସ୍ଥିତ ଜେଏସ୍‌ପିଏଲ୍ ସମନ୍ୱିତ ଇସ୍ପାତ କାରଖାନାରୁ ନିର୍ଗତ ବାର୍ଷିକ ପ୍ରାୟ ୧ମିଲିୟନ ଟନ୍ ବ୍ଲାଷ୍ଟ ଫର୍ନେସ ସ୍ଲାଗ୍ ବ୍ୟବହାର ହେବ,ଯାହା ସିମେଣ୍ଟ ଉତ୍ପାଦନ ପାଇଁ ସର୍ବନିମ୍ନ ପରିମାଣର କ୍ଲିଙ୍କର ବ୍ୟବହାର ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନ ଉଲ୍ଲେଖନୀୟ ଭାବେ କମ୍ କରିବ। ଗ୍ରୁପ୍‌ର ଏହି ପଦକ୍ଷେପ ମାଧ୍ୟମରେ କମ୍ କାର୍ବନ ସିମେଣ୍ଟ ଉତ୍ପାଦନରେ ଅଗ୍ରଣୀ ହେବାକୁ ଜେପିସି ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଜେପିସିର ସିଇଓ ରୋହିତ ଭୋରା କହିଛନ୍ତି, ଆମର ଅନୁଗୋଳ ଗ୍ରାଇଣ୍ଡିଂ ୟୁନିଟ୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି, ଆମର ଲୋ-କାର୍ବନ ସିମେଣ୍ଟ ଓ ଅଭିନବ ବିପଣନ ବ୍ୟବସ୍ଥା ପୂର୍ବଭାରତର ଭିତ୍ତିଭୂମି ବିକାଶକୁ ସମର୍ଥନ କରିବା ଦିଗରେ ଆମକୁ ସହଯୋଗ କରିବା ସହିତ ଏକ ସବୁଜ ପରିବେଶ ପାଇଁ ଯୋଗଦାନ କରିବ।

ସେହିଭଳି ସର୍ବନିମ୍ନ କାର୍ବନ ଓ ଉଚ୍ଚଗୁଣବତ୍ତା ବିଶିଷ୍ଟ ପୋର୍ଟଲାଣ୍ଡ ସ୍ଲାଗ୍ ଏବଂ କମ୍ପୋଜିଟ ସିମେଣ୍ଟକୁ କେନ୍ଦ୍ରୀୟ ଓ ପୂର୍ବ ଭାରତର ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବା ପାଇଁ ଜେପିସିର ମିଶନ ରହିଛି। ଏପରିକି ବ୍ରାଣ୍ଡ୍‌ର ଅନୁଗୋଳ ଗ୍ରାଇଣ୍ଡିଂ ୟୁନିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଜେଏସ୍‌ପିଏଲ୍‌ର ଇସ୍ପାତ ଉତ୍ପାଦନ ପ୍ରକ୍ରିୟାରୁ ଉତ୍ପନ୍ନ ବର୍ଜ୍ୟବସ୍ତୁକୁ ବ୍ୟବହାରକରି ସିମେଣ୍ଟ ଡିଭିଜନ କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସ କରିବା ସହିତ ଚିରସ୍ଥାୟୀ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବ। ଅପରପକ୍ଷରେ ଜେପିସି ୨୧୬୦କୋଟି ଟଙ୍କା ବିନିଯୋଗକରି ଅନୁଗୋଳ ଓ ରାୟଗଡ଼ାଠାରେ ବ୍ରାଣ୍ଡ୍‌ର ଉତ୍ପାଦନ କ୍ଷମତା ବାର୍ଷିକ ୭ ମିଲିୟନ ଟନ୍‌କୁ ବୃଦ୍ଧି କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଏହି ସମ୍ପ୍ରସାରଣ ଦ୍ୱାରା ବଜାରରେ ଜେପିସିର ଉପସ୍ଥିତି ସୁଦୃଢ଼ ହେବା ସହିତ ବଢୁଥିବା ଭିତ୍ତିଭୂମି ଆବଶ୍ୟକତାକୁ ସମର୍ଥନ କରିବା ପାଇଁ ସଷ୍ଟେନେବଲ୍ ନିର୍ମାଣ ସାମଗ୍ରୀ ଉପଲବ୍ଧ ହୋଇପାରିବ। ଏପରିକି ପୂର୍ବ ଭାରତର ଗୃହ ନିର୍ମାତା ପାଇଁ ପ୍ରଥମ ୱାନ୍ ଷ୍ଟପ୍ ସଲ୍ୟୁସନ ପ୍ରତିଷ୍ଠା କରିବାକୁ ଜେପିସି ସିମେଣ୍ଟ ଓ ଜେଏସ୍‌ପିଏଲ୍‌ର ରେବାର (ଛଡ଼) ସଂଯୁକ୍ତ ବିପଣନ ବ୍ୟବସ୍ଥା (କମନ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ) ଦ୍ୱାରା ବଜାରରେ ଉପଲବ୍ଧ ହେବ। ଜିନ୍ଦଲ ପାନ୍ଥର ବ୍ରାଣ୍ଡ୍‌ରେ ଏସବୁ ନିର୍ମାଣ ସାମଗ୍ରୀ ବିକ୍ରିହେବ,ସିମେଣ୍ଟ ଓ ରଡ୍ ଗୋଟିଏ ସ୍ଥାନରୁ ସୁବିଧା ଓ ଉଚିତ ଦରରେ ଗ୍ରାହକ ପାଇପାରିବେ।



# ଲତାଙ୍କ ପରିବାର ପାଇଁ ଆବାସ ଅପହଞ୍ଚ

**ପାଟଣାଗଡ,୨୩।୧୦ ( ସଂଚାର ବ୍ୟୁରୋ ):** ଖପ୍ରାଖୋଲ ବ୍ଲକ ଅଧିନସ୍ଥ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ପାଟିମାଲ ଗ୍ରାମର ଦାମୋଦର କାଲସାଇ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇବାରୁ ବଞ୍ଚିତ । ଦାମୋଦର କାଲସାଇ ଜଣେ ଦୈନିକ ମଜୁରିଆ । ଦାମୋଦର ଙ୍କ ପତ୍ନୀ ଲତା କାଲସାଇ, ଦୁଇଟି ପୁଅ ଓ ଦୁଇଟି ଝିଅ । ଖାଦ୍ୟ ସୁରକ୍ଷା ଯୋଜନାରେ ମାସରେ ୩୦ କେ.ଜି ଚାଉଳ ମିଳୁଛି । ୨୦ ରୁ ୨୫ ବର୍ଷ ହେଲାଣି ଏହି ଭଙ୍ଗା ଦଦରା ମାଟିକୁ ଡିଆରେ ପଡ଼ିରହି ଆସୁଅଛି । ରାଜନେତା ଠୁ ଆରମ୍ଭ କରିକି ଖପ୍ରାଖୋଲ ପଞ୍ଚାୟତ ସମିତିକୁ ଦଉଡି ଦଉଡି ଥକି ଗଲିଣି । ତାଙ୍କ କଥା କେହି ଶୁଣୁନାହାନ୍ତି । ଖପ୍ରାଖୋଲ ବ୍ଲକ ଠାରୁ ପାଟିମାଲ ଗ୍ରାମ ପାଖାପାଖି ଦୂରତା ୫ ରୁ ୭ କିଲୋମିଟର ତଥାବି ବ୍ଲକ କତୃପକ୍ଷ ଓ ରାଜନେତା ଙ୍କ ଦୃଷ୍ଟି ପଡ଼ି ପାରୁନାହିଁ । ଲତା ଙ୍କ ନାମ ରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ମଞ୍ଜୁର ହେଲେ ସୁରୁଖୁରୁ ରେ ଚଳିପାରିବ ବୋଲି କହିଛନ୍ତି । ଲତା ଙ୍କୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ସରକାର ଙ୍କ ପ୍ରଧାନମନ୍ତ୍ରୀ ଆବାସ ଗୃହ ରେ ସାମିଲ କଲେ ପରିବାର ଉପକୃତ ହୋଇ ପାରିବେ ।



# ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାବୁଡ଼ରେ ଏଆରଆଇ

**ସୁବର୍ଣ୍ଣପୁର,୨୩।୧୦ (ସଂଚାର ବ୍ୟୁରୋ):** ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି ଏଆରଆଇ। ସୁବର୍ଣ୍ଣପୁର ଜିଲ୍ଲା ବିନିକା ତହସିଲ ଅଧୀନ ସିନ୍ଦୁରପୁର ରେଭିନ୍ୟୁ ସର୍କଲରେ ରାଜସ୍ୱ ନିରୀକ୍ଷକ ଦାୟିତ୍ୱରେ ଥିବା ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ) ବିବେକାନନ୍ଦ ତ୍ରିପାଠୀ। ଭିଜିଲାନ୍ସ ପକ୍ଷରୁ ସୂଚନା ଅନୁସାରେ ଜଣେ ବ୍ୟକ୍ତିଙ୍କ ଜମିର କିସମ ପରିବର୍ତ୍ତନ କରିଦେବା ପାଇଁ ସହକାରୀ ରାଜସ୍ୱ ନିରୀକ୍ଷକ ବିବେକାନନ୍ଦ ତ୍ରିପାଠୀ ୬୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂପର୍କରେ ସଂପୃକ୍ତ ବ୍ୟକ୍ତି ଭିଜିଲାନ୍ସରେ ଅଭିଯୋଗ କରିଥିବା ବେଳେ ଯୋଜନା ପ୍ରକାରେ ଆଜି ସହକାରୀ ରାଜସ୍ୱ ନିରୀକ୍ଷକ ବିବେକାନନ୍ଦ ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତାଙ୍କଠାରୁ ଲାଞ୍ଚ ବାବଦକୁ ଦିଆଯାଇଥିବା ସମସ୍ତ ୨୦ ହଜାର ଟଙ୍କା ମିଳିଥିଲା।ସହକାରୀ ରାଜସ୍ୱ ନିରୀକ୍ଷକ ବିବେକାନନ୍ଦ ତ୍ରିପାଠୀ ଲାଞ୍ଚ ନେଇ ଧରାପଡ଼ିବା ପରେ ତାଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।



# ବନବିଭାଗ ଯାଞ୍ଚ୍ ବେଳେ କୋଇଲା ବୋଝେଇ ଗାଡି ଜବତ

**ସମ୍ବଲପୁର,୨୩।୧୦ (ସଂଚାର ବ୍ୟୁରୋ):** ମୁଖ୍ୟ ରାସ୍ତାର ଉଲୁଣ୍ଡା ଉଦେପଦର ଛକ ଠାରେ ବନବିଭାଗ ଚଢାଉ କରି ପିକପକ୍ ଓ କୋଇଲା ବୋଝେଇ ଗାଡ଼ି ଜବତ ସହ କରି ତିନି ଜଣ ଅଭିଯୁକ୍ତକୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ଚାପଧାରି ତାଣ୍ଡି , ନବୀନ ଗଡତିଆ ଏବଂ ଗୋପାଳ ଚନ୍ଦ୍ର ସାହୁ । ସୂଚନା ଅନୁସାରେ ସମ୍ବଲପୁର ପଟରୁ ଏକ ଗାଡ଼ିରେ କୋଇଲା ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଉଦେପଦର ଛକ ଠାରେ ଚଢାଉ କରି ପିକପ ସହ ୫୦ବସ୍ତା କୋଇଲା ଜବତ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ।



## ୯ ଜଣ ଗିରଫ

ସେହିପରି ଝାରବାହାଲି ଛକରେ ବନବିଭାଗ ଚଢାଉ କରି ଶାଳ କାଠ ବୋଝେଇ ଗାଡ଼ି ସହ ଏସକଟରେ ଆସୁଥିବା ଗୋଟିଏ ବାଇକ ମଧ୍ୟ ଜବତ କରିଛି । ଏହି ଘଟଣାରେ ଚାରିଜଣ ଅଭିଯୁକ୍ତକୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ପ୍ରଦୀପ ଦେବତା, ମଙ୍ଗଳ ସେଠୀ, ମିଥୁନ ମୁଣ୍ଡା ଏବଂ ଯୁଗିନ୍ଦ୍ର ମେହେର । ସୂଚନା ଅନୁସାରେ ଶାଳ କାଠ ଚୋରା ଚାଳନା ହେଉଥିବା ଖବର ପାଇଁ ଝାରବାହାଲି ଛକ ଠାରେ ବନବିଭାଗ ଟିମ ଚଢ଼ଉ କରିଥିଲେ । ଚଢାଉ ସମୟରେ ସେଠାରୁ ୩୫ଖଣ୍ଡ ସାଳ କାଠ ଏବଂ ଗୋଟିଏ ବାଇକ୍ ଜବତ କରି ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ସେହିପରି ବଘାରମୁଣ୍ଡା ଦଳ ଟାଙ୍ଗର ସଂରକ୍ଷିତ ଜଙ୍ଗଲରେ ବନବିଭାଗ ଚଢାଉ କରି ୧୫ଖଣ୍ଡ ସାଇଜ କାଠ, ୫ଖଣ୍ଡ ଶାଳ ଗଣ୍ଡୀ, ଗୋଟିଏ କରତ ଏବଂ ଗୋଟିଏ ବାଇକ୍ ଜବତ ସହ ଦୁଇଜଣ ଅଭିଯୁକ୍ତକୁ ଗିରଫ କରିଥିଲେ । ଗିରଫ ଅଭିଯୁକ୍ତ ମାନେ ପିତାମ୍ବର ମୁଣ୍ଡା ଏବଂ ମିଞ୍ଜୁ ଲବଣୀ । ଏହି ଚଢ଼ାଉରେ ରେଞ୍ଜର ସଞ୍ଜୀବ ରାଉତ , ବନପାଳ କୃତିବାସ ଶେଠ, ବନପାଳ ଗୋପାଳ ପଣ୍ଡା , ବନରକ୍ଷୀ ଚୌଦୁରୀ ଦଳପତି, ପ୍ରଜ୍ଞା ମହଲା, ପ୍ରବୀଣ ରଥଙ୍କ ସମେତ ସ୍କାର୍ଡ ଟିମ ସାମିଲ ହୋଇଥିଲେ। ଏନେଇ ବନବିଭାଗ ପକ୍ଷରୁ ତିନୋଟି ମାମଲା ରୁଜୁ କରି ସଂପୃକ୍ତ ନଅ ଜଣ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଛି।

ଇସ୍ୱିତାଙ୍କ ନିଆରା ଚିତ୍ରକଳା

# ବିନା ପ୍ରଶିକ୍ଷଣରେ ଆଙ୍କୁଛନ୍ତି ଜୀବନ୍ତ ଚିତ୍ର

**ବ୍ରହ୍ମପୁର, ୨୩।୧୦ (ସଂଚାର ବ୍ୟୁରୋ) :** ଚିତ୍ର କଳା ଜଣେ ବ୍ୟକ୍ତିଙ୍କୁ ଭିନ୍ନ ପରିଚୟ ଦେଇଥାଏ। ନିଜ ହାତ ତିଆରି ଚିତ୍ରକଳା ଜରିଆରେ କଳାକାର ଟିଏ ଖୁବ୍ ପ୍ରଶଂସା ବି ସାଉଁଟିଥାଏ। ଖୁବ୍ କମ୍ ବୟସରେ ଚିତ୍ର ଆଙ୍କିବା ପ୍ରତି ଥିବା ଦୃଢ଼ ଇଚ୍ଛା ହିଁ ଆଜି ତାଙ୍କୁ ପରିଚୟ ଦେଇଛି। ମନକୁ ବାନ୍ଧି ରଖିଲା ଭଳି ଚିତ୍ର କଳା ସହ ଆମେ ବ୍ୟବହାର କରୁଥିବା ବିଭିନ୍ନ ପ୍ରକାର ପ୍ଲାଷ୍ଟିକର ବର୍ଜ୍ୟ ବସ୍ତୁରୁ ପ୍ରସ୍ତୁତ କରୁଛନ୍ତି ଘର ସଜା ଉପକରଣ। ଶ୍ରୀମନ୍ଦୀର, ପ୍ରଭୁ ଜଗନ୍ନାଥ, ଦେବୀ କାଳୀ, ପ୍ରଭୁ ଗଣେଶଙ୍କ ଜୀବନ୍ତ କରିଦେଲା ଭଳି ଚିତ୍ର ଆଙ୍କୁଛନ୍ତି ଏହି ଚିତ୍ରଶିଳ୍ପୀ ଜଣକ । କ୍ରିକେଟର ମହେନ୍ଦ୍ର ସିଂ ଧୋନୀଙ୍କର ହେଉ କିମ୍ବା ଅନ୍ୟ କାହାର ଫଟୋ ଚିତ୍ର, ଯେ କେହିବି ଯାକୁ ଦେଖିବ ଘଡ଼ିଏ ଅଟକି ଯିବ। ଆଉ ଏହି ଶିଳ୍ପୀଙ୍କ ହାତରେ ତିଆରି ଏହି ଅଦ୍ଭୁତ କଳାକୃତିକୁ ଘଡ଼ିଏ ବର୍ଣ୍ଣନା କରିବ ।

ଗଞ୍ଜାମ ଜିଲ୍ଲା ସୋରଡ଼ା ନେତାଜୀ ସାହିର ଇସ୍ୱିତା ପଟ୍ଟନାୟକ । ବୟସ ମାତ୍ର ୧୯ ବର୍ଷ। କିନ୍ତୁ ବିନା ପ୍ରଶିକ୍ଷଣରେ ସେ ଏପରି ଚିତ୍ର ଆଙ୍କି ପାରନ୍ତି। ପିଲାଟି ଦିନରୁ ଚିତ୍ର ଆଙ୍କିବା ପ୍ରତି ଦୁର୍ବଳତା ରହି ଆସିଥିଲା। କାଷ୍ଠ ବାଡ଼ରେ ମଧ୍ୟ ପେନସିଲ୍ ଧରି ଚିତ୍ର ଅଙ୍କନ କରିନ୍ତି ଏହି ଚିତ୍ରଶିଳ୍ପୀ। ମାଆ ଆଉ ତାର ମାତୃତ୍ୱ ଏ ପୃଥିବୀର ସବୁ ଠାରୁ ସୁନ୍ଦର ଆଉ ଆନନ୍ଦମୟ ଅନୁଭବ। ପିଲାଟିଏ ଜନ୍ମ ନେବା ପୂର୍ବରୁ ମାଆ ପେଟରେ ଥିବା ସେହି ଦୃଶ୍ୟକୁ ନିଜ ପେନସିଲ୍ ମୁନରେ ଅତି ନିଖୁଣ ଭାବେ ଆଙ୍କିଛନ୍ତି ଇସ୍ୱିତା। ଯେଉଁ ଦୃଶ୍ୟକୁ ଦେଖିବା ଆଉ ବୁଝିବା ପାଇଁ କିଛି ସମୟ ଅଟକିବାକୁ ପଡିବ । ତା ସହ ଆମେ ବ୍ୟବହାର କରୁଥିବା ପ୍ଲାଷ୍ଟିକ ଚାମଚ ଏବଂ ପେପର କପ୍ ରେ ମଧ୍ୟ ପ୍ରସ୍ତୁତ କରନ୍ତି ବିଭିନ୍ନ ଘର ସଜ୍ଜା ଉପକରଣ।

ଇସ୍ୱିତା ବର୍ତ୍ତମାନ ଯୁକ୍ତ ୩ ବାଣିଜ୍ୟରେ ପାଠ ପଢୁଛନ୍ତି। ଘରେ ମଧ୍ୟ ତାଙ୍କ ବାପା ମାଆ ଏହି ଚିତ୍ର ଅଙ୍କନ କରିବାରେ ସହଯୋଗ କରନ୍ତି। ଇସ୍ୱିତା ଆଗକୁ ଫ୍ୟାସନ ଡିଜାଇନ୍ ରେ ପାଠ ପଢିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।





# ସମଲେଶ୍ୱରୀଙ୍କ ଛତର ଯାତ୍ରା

**ସିନାପାଲି,୨୩।୧୦ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋର୍ଲା ଗ୍ରାମରେ ମାଁ ସମଲେଶ୍ୱରୀ ଦେବୀଙ୍କ ଛତର ଯାତ୍ରା ଶ୍ରୀ ଯୁକ୍ତ ତେଜୁରାମ ଦଣ୍ଡସେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଅମାବାସ୍ୟା ଦିନଠାରୁ ୯ ଦିନଧରି ଦୀପଜାଳି ମାଁ ଙ୍କୁ ପୂଜା କରିଥାନ୍ତି ଓ ଏକାଦଶୀ ଠାରୁ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି ମାଁ ।ସେହିପରି ଏ ବର୍ଷ ମଧ୍ୟ ପ୍ରଥମେ ବୈଜଲପୁର ଠାରେ ଥିବା ମାଁ ସମଲେଶ୍ୱରୀ ଦେବୀଙ୍କ ଐତିହାସିକ ଦେବି ପୀଠରୁ ଛତର ଯାତ୍ରା ବାହାରି ଗୋର୍ଲା ଗ୍ରାମର ସମସ୍ତଙ୍କ ଘର ପରିକ୍ରମା କରି ପୂଜା ପାଉଛନ୍ତି ମାଁ ସମଲେଶ୍ୱରୀ । ଏ ଅବସରରେ ମାଁ ସମଲେଶ୍ୱ୍ୱରୀ ଦେବୀ ପୀଠର ପୁଝାରୀ ବୈଜଲପୁର ଗ୍ରାମର ନାରାୟଣ ସିଂ ମାଝି, କେଶବ ଚିନ୍ଦା, ଭୁବନେଶ୍ୱର ମାଝି,ଅଙ୍ଗଲ ପଟେଲ, ନକୁଳ ନୀଆଲ୍, ଭରତ ଜଗତ, ଗୋବିନ୍ଦ ଚିନ୍ଦା,ହରିହର ଚିନ୍ଦା, ପ୍ରହଲ୍ଲାଦ ନୀଆଳ, ଅନ୍ତରାମ ଚିନ୍ଦା, ନିଜ ନିଜ କାର୍ଯ୍ୟ ତୁଲାଇଥିବା ବେଳେ ଉକ୍ତ ଗ୍ରାମର ଡୋଲାମଣି ଘୀଭେଲା, ଦିନେଶ ମେହେର, ନୀଳମଣି ଦଣ୍ଡସେନା,ଗଙ୍ଗାରାମ ଦଣ୍ଡସେନା, ଡମ୍ବରୁଧର ମାଝି, ଉଜ୍ଜଳ ପ୍ରସାଦ ହଂସ ମନୋଜ କୁମାର ଦଣ୍ଡସେନା ପ୍ରମୁଖ ବିଶେଷ ସହଯୋଗ କରିଥିଲେ। ଏହି ଛତର ଯାତ୍ରା ଦେଖିବା ପାଇଁ ଗୋର୍ଲା ଗ୍ରାମ ତଥା ଆଖ ପାଖ ଅଞ୍ଚଳର ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଛି ।



# ଜିଲ୍ଲାସ୍ତରୀୟ କନ୍ୟା ସନ୍ତାନ ଦିବସ ପାଳନ

**ସୁବର୍ଣ୍ଣପୁର,୨୩।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଆୟୋଜି ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ ଅତିଥି କେକ୍ କାଟି ବାଳିକା ମାନଙ୍କୁ ଖୁଆଇଥିଲେ ।ବାଳିକାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ମଙ୍ଗଳ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ନ୍ୟାୟାଳୟ ଆଇନ୍ ସହାୟତା କେନ୍ଦ୍ର ସମ୍ପାଦିକା କୁମୁଦିନୀ ମୁଦୁଲି , ଡି. ଏସ୍. ପି ଏଚ୍. ଆର୍ ପି ସି ପ୍ରତାପ ରଣା,ଭିଭିଡି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ,କାର୍ଯ୍ୟକ୍ରମ ଅଧିକାରୀ ଅନିତା ଗୁରୁ ପ୍ରମୁଖ ଯୋଗଦେଇ ଶିଶୁକନ୍ୟା ମାନଙ୍କର ସୁରକ୍ଷା ,ଆତ୍ମରକ୍ଷା, ଶିକ୍ଷା ଓ ପାରଦର୍ଶିତା ଉପରେ ମତାମତ ରଖିଥିଲେ । ବାଲ୍ୟବିବାହ ପରାମର୍ଶ ଦାତା ଅକ୍ଷୟ କୁମାର ସିଂ ଜୀବନ କୌଶଳ ଏବଂ ଆଶିଷ ଅଗ୍ରୱାଲ ସାଇବର କ୍ରାଇମ୍ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଏନ୍ .ସି. ସି ବିଭାଗ ,ବାଳିକା ଉଚ୍ଚ ବିଦ୍ୟାଳୟ , ମହିଳା ମହାବିଦ୍ୟାଳୟ,ପଦ୍ମିନୀ କଲେଜ୍, ଅଦ୍ୱିକା ବାଳିକା ସୋନପୁର ଆଦିର ୨୩୦ ବାଳିକା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଶେଷ ପାରଦର୍ଶୀତା ଲାଭକରିଥିବା ଯଥା ଅସୁରମୁଣ୍ଡାର ତିଲୋତ୍ତମା ସାହୁ ଆର୍ଟ ଓ ପେଣ୍ଟିଂ ପାଇଁ, ଫେସନ୍ ସୋ ପାଇଁ ଅଂଶିକା ମିଶ୍ର ,ବାଲ୍ୟବିବାହ ସଚେତନତା ପାଇଁ ପଦ୍ମିନୀ ବେହେରା ଏବଂ କୀର୍ତ୍ତନ ଗାୟିକା କୁନି କଳାକାର ଶୁଭଶ୍ରୀ ସାହୁଙ୍କୁ ପ୍ରଂଶସା ପତ୍ର ଓ ଫଳକ ଦେଇ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସେହିପରି ସୁକନ୍ୟା ସମୃଦ୍ଧି ଯୋଜନା ରେ ଦୁଇ ଜଣକୁ ୨୦୦୦/- ଟଙ୍କା ର ଚେକ୍ ଓ ବୈଷୟିକ ଶିକ୍ଷା ପାଇଁ ଯୋଷଦା ଯୋଜନା ରେ ଦୁଇ ଜଣ ବାଳିକାଙ୍କୁ ୧୦୦୦୦/- ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସଭା ସଂଯୋଜନା କରିଥିଲେ । ଉତ୍କଳ ବଳସ୍ରମ ର ଶିଶୁ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।



# ଡ୍ରାଇଭରଙ୍କୁ ଛୁରା ମାଡ଼, ଅବସ୍ଥା ଗୁରୁତର

**ନବରଙ୍ଗପୁର,୨୩।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ଉମରକୋଟରେ ଜଣେ ଘରୋଇ ବସ୍ ଡ୍ରାଇଭରଙ୍କୁ ହୋଇଛି ଛୁରାମାଡ଼ । ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଡ୍ରାଇଭରଜଣକ ହେଲେ ଫୁପଲୀନ ଚନ୍ଦ୍ର ନାୟକ । ଫୁପଲୀନ ଚନ୍ଦ୍ର ନାୟକ ଏକ ଘରୋଇ ବସ୍‌ରେ ଡ୍ରାଇଭର ଭାବେ କାମ କରୁଥିଲେ। ଗତ ରାତିରେ ଉମରକୋଟ ବସ୍ ଷ୍ଟାଣ୍ଡରେ ବସ୍ ଥିବା ବେଳେ ଆଜି ସାଢେ ୫ଟାରେ ଜୟପୁର ଅଭିମୁଖେ ଯାଇଥାନ୍ତା। ଏହାପୂର୍ବରୁ ଫୁପଲୀନ ନିତ୍ୟକର୍ମ ସାରିବାକୁ ଯାଇଥିଲେ। ରାତି ପ୍ରାୟ ସାଢେ ୪ଟା ବେଳେ ଡ୍ରାଇଭର ଶୌଚ ହେବାକୁ ନିଛାଟିଆ ସ୍ଥାନକୁ ଯାଇଥିଲେ। ଉକ୍ତ ସମୟରେ କେହି ଦୁର୍ବୃତ୍ତ ଅତର୍କିତ ଭାବେ ତାଙ୍କ ଉପରକୁ ଛୁରା ମାଡ଼ କରିଥିଲେ।

ଫଳରେ ସେ ତଳେ ପଡ଼ି ଛଟପଟ ହେଉଥିବା ବେଳେ ଚିତ୍କାର ଶୁଣି ଆଖପାଖ ଲୋକେ ତୁରନ୍ତ ତାଙ୍କୁ ଉମରକୋଟ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେଠାରୁ ତାଙ୍କୁ କୋରାପୁଟ ମେଡିକାଲକୁ ପଠାଇ ଦିଆଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। କିଏ ଆକ୍ରମଣ କରିଥିଲା ସ୍ପଷ୍ଟ ହୋଇ ନ ଥିବା ବେଳେ ପୂର୍ବ ଶତ୍ରୁତାରୁ ଏହି ଛୁରା ମାଡ଼ ହୋଇପାରିଥାଏ ବୋଲି ଫୁପଲୀନ ସନ୍ଦେହ ପ୍ରକାଶ କରିଛନ୍ତି।



# ନିଜ ପଦ ବଜାୟ ରଖିଲେ କୋରକୋଣ୍ଡା ବ୍ଲକ ଅଧ୍ୟକ୍ଷ

**ମାଲକାନଗିରି,୨୩।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ଅନ୍ତର୍ଗତ କୋରକୋଣ୍ଡା ବ୍ଲକର ଅଧ୍ୟକ୍ଷ ଜିତୁ ବୁରୁଡି ନାମରେ ସମସ୍ତ ସମିତି ସଭ୍ୟ ଓ ସଭ୍ୟା ଉପଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ପାଇଁ ଆବେଦନ ପତ୍ର ଦାଖଲ କରିଥିଲେ। ଆବେଦନ ପତ୍ରରେ ଉଲ୍ଲେଖ କରାଯାଇଥିଲା ଯେ ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି ସରକାରଙ୍କ ନିୟମ କାନୁନକୁ ନମାନି ନିଜର ନିୟମ ବ୍ଲକରେ ଚଳାଇବା ସହ ସମସ୍ତଙ୍କୁ ଅଣଦେଖା କରୁଥିଲେ। ସମତି ସଭ୍ୟ ଓ ସଭ୍ୟା ପଞ୍ଚାୟତ ସମିତିର ଯୋଜନାଗୁଡିକ ସଂପର୍କରେ ପଚାରିଲେ କୌଣସି ସୂଚନା ଦେଉନଥିଲେ ଏବଂ ମନଇଛା ବ୍ୟବହାର କରୁଥିଲେ। ଅନସ୍ଥା ପ୍ରସ୍ତାବ ପାଇଁ ଆବେଦନ କରିବା ପରେ ଆଜି ଥିଲା ଭୋଟ ଗ୍ରହଣ କାର୍ଯ୍ୟକ୍ରମ ଦିନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ସମସ୍ତ ସମିତି ସଭ୍ୟ, ସରପଞ୍ଚ, ସାଂସଦ ଏବଂ ବିଧାୟକଙ୍କ ଉପସ୍ଥିତି ସମୟ ଧାର୍ଯ୍ୟ ହୋଇଥିଲା। ଏହି ସମୟ ପରେ ଆସିଲେ କୌଣସି ପ୍ରକାରେ ନିର୍ବାଚନରେ ସାମିଲ ହୋଇପାରିବେ ନାହିଁ ବୋଲି ସଫା ସଫା କୁହାଯାଇଥିଲା। ଦିନ ୧୧ଟା ବାଜିଥିଲେ ମଧ୍ୟ କେହି ଲୋକ ପ୍ରତିନିଧି ଭୋଟ ଗ୍ରହଣ କେନ୍ଦ୍ର ଭିତରେ ପଶିନଥିଲେ।ଯାହାଫଳରେ ଏହି ନିର୍ବାଚନକୁ ରଦ୍ଦ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି ପୁଣି ନିଜର ପଦବିକୁ ବଜାୟ ରଖିଲେ ବୋଲି ଘୋଷଣା କରାଯାଇଥିଲା।



# ଦାନା ବାନ୍ଧୁଛି ବାତ୍ୟା 'ଦାନା'

## ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ ପଂଚାୟତର ଦାୟିତ୍ୱ

**ଅସ୍ତରଙ୍ଗ,୨୩।୧୦ (ସଂଚାର ବ୍ୟୁରୋ):** ଦାନା ବାନ୍ଧୁଛି ବାତ୍ୟା ଦାନା। ଏହାର ରୂପରେଖ କଣ ହେବ, କେଉଁଠି ସ୍ଥଳଭାଗ ଛୁଇଁବ ତାହା ସ୍ପଷ୍ଟ ହୋଇନାହିଁ। ତେବେ ଯେ କୌଣସି ପରିସ୍ଥିତି ରେ ମୁକାବିଲା ପାଇଁ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ଯୁଦ୍ଧ କାଳୀନ ଭିତ୍ତିରେ ପ୍ରସ୍ତୁତି କରିଛି। ବୁଧବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମ୍ମୀଳନୀ କକ୍ଷରେ ବ୍ଲକର ବିଭିନ୍ନ ବିଭାଗ ବରିଷ୍ଠ ଅଧିକାରୀ ମାନଙ୍କ ସହ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ଓ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯୋଗେନ୍ଦ୍ର ମହାକୁଡ଼ ସମୀକ୍ଷା ବୈଠକ କରିଥିଲେ। ଅସ୍ତରଙ୍ଗ ବ୍ଲକ ପ୍ରଶାସନ ତରଫରୁ ବ୍ଲକର ୧୫ଗୋଟି ପଂଚାୟତ ମଧ୍ୟରୁ ଉପକୂଳ ବର୍ତ୍ତୀ ପଂଚାୟତ ସଂଲଗ୍ନ ଗାଁ ଗୁଡିକ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ସୁବ୍ୟବସ୍ଥିତ କରାଯାଇଛି। ସର୍ବାଧିକ ପ୍ରଭାବିତ ହେବାର ଆଶଙ୍କା ଥିବା ଅଞ୍ଚଳକୁ ଚିହ୍ନଟ କରାଯାଇଛି। ଆବଶ୍ୟକ ପଡିଲେ ସେହି ଅଂଚଳରୁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଲାଗି ବ୍ୟବସ୍ଥା ହୋଇଛି। ଯୁଦ୍ଧ କାଳୀନ ଭିତ୍ତିରେ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ପ୍ରଭାବିତ ହେବାକୁ ଥିବା ଅଂଚଳ ଗୁଡିକ କୁ ନିଜେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ, ନୂଆଗଡ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା ଗ୍ରସ୍ତ କରି ସ୍ଥିତି ଉପରେ ନଜର ରଖିଛନ୍ତି ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ଖୋଲିଥିବା ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ବାତ୍ୟାର ଗତିପଥ ଉପରେ ତୀକ୍ଷ୍ଣ ନଜର ରଖିବ କଣ୍ଟ୍ରୋଲ ରୁମ୍।ବାତ୍ୟା ଆଶ୍ରୟସ୍ଥଳୀ ରେ ପାନୀୟ ଜଳ ଯୋଗାଣ, ଶୌଚାଳୟ, ଜେନେରେଟର, ଆସ୍କା ଲାଇଟ, ଯାନ୍ତ୍ରିକ କଟର, ପରିଷ୍କାର ପରିଛନ୍ନତା ଓ ଆନୁଷାଙ୍ଗିକ ସମସ୍ତ ଉପକରଣ ସଚଳ ଅବସ୍ଥାରେ ରଖିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହା ସହ ବୁଧବାର ସକାଳୁ ପାଗ ରେ ପରିବର୍ତ୍ତନ ଦେଖା ଯିବାରୁ ଡ଼ାଲୁଅକଣି, ଅଣକଣା ଅଂଚଳ ମତ୍ସ୍ୟଜୀବି ନିଜ ଜୀବିକା ନିର୍ବାହ କରୁଥିବା ଜାଲ, ଡ଼ଙ୍ଗା, ଯାନ୍ତ୍ରିକ ସରଞ୍ଜାମ ସୁରକ୍ଷିତ ସ୍ଥାନକୁ ଆଣିବା ସହ ଚାଳ ଛପର ଘରେ କିମ୍ବା କଚା ଘରେ ରହୁଥିବା ଲୋକ ଜାଲ, ବାଲି ବସ୍ତା ଥୋଇଥିଲେ। ତଣ୍ଡାହାର ସମୁଦ୍ର ନିକଟବର୍ତ୍ତୀ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।





# ୬ଶହ ବର୍ଷର ପୁରୁଣା ହିରୋଷ୍ଟୋନ୍

**ଭବାନୀପାଟଣା,୨୩।୧୦ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ପୁରାତନ ରାଜଧାନୀ ଐତିହାସିକ ଜୁନାଗଡ଼ ସହରର ହୀରାସାଗରଠାରେ ମିଳିଥିବା ୩.୫ ଫୁଟ୍‌ର ଚଉଡ଼ା ଓ ୫ ଫୁଟ୍ ଉଚ୍ଚତାର ଏକ ହିରୋଷ୍ଟୋନ୍‌ରେ ପ୍ରତ୍ନ ଓଡ଼ିଆ ଲିପିରେ ଲେଖାଯାଇଥିବା ନେଇ ଲିପିତତ୍ତ୍ୱବିଦ୍ ବିଷ୍ଣୁମୋହନ ଅଧିକାରୀ ସ୍ପଷ୍ଟ କରିବା ପରେ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରକାଶ ଯେ, ୨୦୨୨ ମସିହା ଫେବୃଆରି ମାସରେ ଖରିଆର ସ୍ୱୟଂଶାସିତ କଲେଜ ଇତିହାସ ବିଭାଗ ଅଧ୍ୟାପକ ରାଜକୁମାର ରତେ ଜୁନାଗଡ଼ ସହରରେ କ୍ଷେତ୍ର ଅନୁସନ୍ଧାନ ବେଳେ ୩ଟି ହିରୋଷ୍ଟୋନ୍ (ବୀରଶିଳା) ମୂର୍ତ୍ତି ଉଦ୍ଧାର କରିଥିଲେ। ଏନେଇ ସେ ଗବେଷଣା ମଧ୍ୟ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ପାରଳାଖେମୁଣ୍ଡିର ଲିପିତତ୍ତ୍ୱବିଦ୍ ତଥା ଯୁବ ଗବେଷକ ବିଷ୍ଣୁ ମୋହନ ଅଧିକାରୀ ଏହି ମୂର୍ତ୍ତିରେ ଥିବା ଶିଳାଲିପିକୁ ଅଧ୍ୟୟନ କରିଥିଲେ। ଏହି ଶିଳାଲିପିରେ ୩ ଧାଡ଼ିର ଲେଖାଥିବା ସେ ଜାଣିବାକୁ ପାଇଛନ୍ତି। ଏଥିରେ ଏ ପୁଅକ, ମର୍ଦ୍ଦନ/ମଦନ, ଦମନ ବୋଲି ଲେଖାଯାଇଛି। ଏହା ମଦନ ନାମକ ବୀର ଯୋଦ୍ଧାଙ୍କ ବୋଲି ଅନୁମାନ କରାଯାଉଛି। ଏହି ଲିପି ପ୍ରାୟ ଦ୍ୱାଦଶ ଶତାବ୍ଦୀରୁ ଚତୁର୍ଦ୍ଦଶ ଶତାବ୍ଦୀର ଓଡ଼ିଆ ଲିପି ସହିତ ସାମଞ୍ଜସ୍ୟ ଥିବା ଅନୁମାନ କରିଛନ୍ତି। ଏହି ସମୟରେ କଳାହାଣ୍ଡି ଅଞ୍ଚଳରୁ ୨ଟି ଶିଳାଲେଖ ମିଳି ସାରିଛି। ଯାହା ପୂର୍ବ ଗଙ୍ଗବଂଶୀ ରାଜା ଭାନୁଦେବଙ୍କ ସମୟର ବୋଲି ଜଣାପଡ଼ିଛି। ନର୍ଲା ଓ ଭବାନୀପାଟଣା ଠାରେ ଏହି ସମୟର ଗଙ୍ଗବଂଶୀ ଶିଳାଲେଖ ମିଳିଛି।

## ବିବାହ ପ୍ରସ୍ତାବ ଦେଇ ଯୁବକଙ୍କୁ କରିଦେଲେ ଖୋଳ

# ସାବଧାନ: ମାତିଛନ୍ତି ମିଛ କନିଆ ଗ୍ୟାଙ୍ଗ୍

**ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ):** ସାବଧାନ ରାଜଧାନୀରେ ଏଭଳି ବୁଲୁଛନ୍ତି ମିଛ କନିଆଁ ଠକ ଗ୍ୟାଙ୍ଗ୍। ବିବାହ ପ୍ରସ୍ତାବ ଦେଇ ଲୁଟିନେଉଛନ୍ତି ଲକ୍ଷାଧିକ ଟଙ୍କା। ଶିଶୁପାଳ ସାଜିବା ପରେ କମିଶନ ପୁଲିସରେ ଫେରାଦ ହୋଇଛନ୍ତି ଯୁବକ। ଏମିତି ଏକ ଦଲାଲ ଗ୍ୟାଙ୍ଗକୁ ଖୋଜୁଛି ଭରତପୁର ଥାନା ପୁଲିସ।

ସୂଚନା ଯୋଗ୍ୟଯେ, ଭଦ୍ରକ ଅଞ୍ଚଳର ମନୋଜ ଲେଙ୍କା (ଛଦ୍ମନାମ)। ରାଜଧାନୀ ଭୁବନେଶ୍ୱର ବରମୁଣ୍ଡ ଅଞ୍ଚଳରେ ଘର ଭଡା ନେଇ ରୁହନ୍ତି। ଏଠାରେ ରହି ସେ ଏକ ପ୍ରାଇଭେଟ୍ ସଂସ୍ଥାରେ କାମ କରିଆସୁଥିଲେ। ଯୌବନରେ ପଦାର୍ପଣ କରିଥିବାରୁ ବାହା ହେବା ପାଇଁ ମନ ବଳାଇଥିଲେ। ହେଲେ ମନ ପସନ୍ଦର କନିଆଁ ମିଳୁନଥିଲେ। ତଥାପି ପରିବାର ଲୋକେ ତାଙ୍କ ପାଇଁ ଜଣେ ସୁନ୍ଦରୀ ଓ ସୁଶୀଳା ଝିଅ ଖୋଜୁଥିଲେ। ଠିକ୍ ସେତିକି ବେଳେ ପ୍ରହ୍ଲାଦ ସାହୁ ନାମକ ଜଣେ ଦଲାଲ ସୋଶାଲ ମିଡିଆ ମାଧ୍ୟମରେ ମନୋଜଙ୍କ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲେ। ଝିଅ ଖୋଜି ଦେବେ ବୋଲି କହିଥିଲେ। ପ୍ରହ୍ଲାଦଙ୍କ କଥାକୁ ବିଶ୍ୱାସ କରିନେଇଥିଲେ ମନୋଜଙ୍କ ପରିବାର ଲୋକ। ଆଉ ଜଣେ ସୁନ୍ଦରୀ ଯୁବତୀଙ୍କ ଫଟୋ ମନୋଜଙ୍କ ଘରକୁ ପଠାଇଥିଲେ। ପ୍ରଥମ ଦେଖାରେ ପସନ୍ଦ କରିଥିଲେ ପରିବାର ଲୋକେ। ଏହା ପରେ ଝିଅ ଦେଖିବା ପାଇଁ କହିଥିଲେ। ଏଥିରେ ପ୍ରହ୍ଲାଦ ରାଜି ହେବାରୁ ମନୋଜଙ୍କ ପରିବାର ଲୋକ ଏକ କାର୍ ଭଡା କରି ଝିଅ ଦେଖିବାକୁ ଯାଉଥିଲେ। ହେଲେ ଅଧା ବାଟରେ ଜାଣିବାକୁ ପାଇଲେ ଝିଅ ଘରେ ନାହିଁ। ତେଣୁ ନିରାଶ ହୋଇ ପରିବାର ଲୋକେ ଘରକୁ ଫେରିଥିଲେ। ଏହାପରେ ମନୋଜଙ୍କର ଆଉ ବାହାଘର ହେବ ନାହିଁ ବୋଲି ପରିବାର ଲୋକେ ଭାବିଥିଲେ। ଏହା ଭିତରେ ହଠାତ ସେହି ଯୁବତୀ ମନୋଜଙ୍କ ଘରକୁ ଭିଡିଓ କଲ୍ କରିଥିଲେ। ଆଉ କାନ୍ଦି କାନ୍ଦି କହିଥିଲେ, ମୋତେ ଶୀଘ୍ର ନେଇ ଯାଆନ୍ତୁ ମୁଁ ବାହା ହେବି। ଯୁବତୀଙ୍କ କାନ୍ଦ ଦେଖି ମନୋଜଙ୍କ ପରିବାର ଭାଙ୍ଗି ପଡ଼ିଥିଲେ। ସେହି ଝିଅ ସହ ମନୋଜଙ୍କ ବାହାଘର ପାଇଁ ରାଜି ହୋଇଥିଲେ। ତା'ପରେ ଉଭୟଙ୍କ ଭିତରେ ଫୋନ୍‌ରେ କଥାବାର୍ତ୍ତା ହୋଇଥିଲା। ଏହାରି ଭିତରେ ପୁଣି ଥରେ ପ୍ରହ୍ଲାଦଙ୍କ ଏଣ୍ଟ୍ରୀ କରି କୁହେ ଝିଅ ଘରକୁ ନଗଲେ କ'ଣ ହେଲା ତା' ସହିତ ମନୋଜର ବାହାଘର ପାଇଁ ପରିବାର ଲୋକେ ରାଜି ହୋଇଥିଲେ। ତା ପରେ ଘର ଲୋକେ ଜିଦ୍ କରି କହିଥିଲେ, ମନୋଜର ବାହାଘର ହେବ, ଘରକୁ ବୋହୂ ଆସିବ। ସେଥିପାଇଁ ଘରେ ଆନନ୍ଦର ମାହୋଲ ଥିଲା। ବାହାଘର ପାଇଁ ସମସ୍ତେ ସଜବାଜ ହେଉଥିଲେ। ଠିକ୍ ସେହି ସମୟରେ ପ୍ରହ୍ଲାଦ ଫୋନ୍ କରି କହିଥିଲେ ପୁଅ ସରକାରୀ ଚାକିରି କରିନଥିବାରୁ ଝିଅ ବାପା ବିବାହ ପାଇଁ ରାଜି ହେଉନାହାନ୍ତି। ୫ ଲକ୍ଷ ଟଙ୍କା ଦେଲେ ରେଲୱେରେ ତୁମ ପୁଅର ଚାକିରି କରାଇଦେବି। ତା'ପରେ ସେହି ଝିଅ ସହିତ ମନୋଜର ବାହାଘର ହେବ। ପ୍ରହ୍ଲାଦଙ୍କ କଥାରେ ମନୋଜ ପରିବାର ଲୋକେ ରାଜି ହୋଇଥିଲେ। ଧାର ଉର୍ଦ୍ଧାର କରି ପ୍ରଥମେ ୩ ଲକ୍ଷ ଟଙ୍କା ଅନ୍‌ଲାଇନ୍ ପେମେଣ୍ଟ କରିଥିଲେ। ବାକି ୨ ଲକ୍ଷ ଟଙ୍କା ଚାକିରି ଓ ବାହାଘର ପରେ ଦେବେ ବୋଲି କହିଥିଲେ। ସେମାନଙ୍କ ସବୁ ଏକଥା ରାଜି ହୋଇଥିଲେ ପ୍ରହ୍ଲାଦ। ତା'ପରେ ଆରମ୍ଭ ହେଲା ବାହାଘର ପ୍ରସ୍ତୁତି। ବାହାଘର ପାଇଁ ମନୋଜ ପାଟ ଶାଢ଼ୀ, ମଙ୍ଗଳ ସୂତ୍ର, ସୁନା ହାର, ସେରୱାନି, ରିସେପ୍ସନ ପାଇଁ ବ୍ଲେଜର, ନଣନ୍ଦ ପୁଚୁଳି ଆଦି କିଣିଥିଲେ। ବାହାଘର ପାଇଁ ପୂରା ପରିବାର ଭୁବନେଶ୍ୱର ଆସିଥିଲେ। ବିବାହ ପୂର୍ବ ଦିନ ମନୋଜଙ୍କ ପରିବାର ଲୋକ ଭିଡିଓ କଲ୍‌ରେ ଯୁବତୀଙ୍କ ସହିତ କଥା ହୋଇଥିଲେ।

# ୧୬ ଲିଟର ଆସ୍କା ଫର୍ଟି ଜବତ, ଜଣେ ଗିରଫ



**ବାଲିଅନ୍ତା,୨୩।୧୦ (ସଂଚାର ବ୍ୟୁରୋ):** ଦୀର୍ଘ ଦିନ ଧରି ବେଆଇନ୍ ଭାବେ ଖମଙ୍ଗ ଅଞ୍ଚଳରେ ଦେଶୀ ମଦ ବିକ୍ରି ହେଉଥିବା ଖବର ପାଇ ବାଲିଅନ୍ତା ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବାଲିଅନ୍ତା ଥାନାର ଏକ ପାଟ୍ରୋଲିଂ ଟିମ୍ ନିଜ ଅଞ୍ଚଳରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଖମଙ୍ଗ ଶାସନ ଗ୍ରାମରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅତର୍କିତ ଭାବେ ଚଢଉ କରିବା ସହ ସର୍ବସାଧାରଣରେ ବେଆଇନ ଦେଶୀ ମଦ ବିକ୍ରୟ କରିବା ସମୟରେ ବିଜୟ ଭୋଇଙ୍କୁ ଗିରଫ କରିଥିଲେ । ତଲାସି ସମୟରେ ବିଜୟ ଭୋଇଙ୍କ ନିକଟରୁ ମୋଟ ୧୫.୬ ଲିଟର ଆସ୍କା-୪୦ ଦେଶୀମଦ ଜବତ କରାଯାଇଥିଲା। ବାଲିଅନ୍ତା ପୋଲିସ୍ ର ପଚରାଉଚରା ବେଳେ, ବିଜୟ ଭୋଇଙ୍କ ନିକଟରେ କୌଣସି ଦେଶୀ ମଦ ବିକ୍ରୟ ନେଇ ବୈଧ ଲାଇସେନ୍ସ ନଥିବା ଜଣାପଡିଥିଲା , ଉକ୍ତ ଦେଶୀ ମଦକୁ ବେଆଇନ ଭାବରେ ସର୍ବସାଧାରଣରେ ବିକ୍ରୟ କରୁଥିବା ନେଇ ନିଜର ଅପରାଧ ସ୍ୱୀକାର କରିଥିଲା ବିଜୟ । ବାଲିଅନ୍ତା ପୋଲିସ୍ ବିଜୟ ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଏହି ମାମଲାର ଅଧିକ ତଦନ୍ତ କରୁଥିବା ନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି ।